

ହସ୍ତେ ସ୍ଫଟିକ ମାଳୀକାମ୍ ବିଦଧତୀଂ
ପଦ୍ମାସନେ ସଂସ୍ଥିତାମ୍,
ବନ୍ଦେତାଂ ପରମେଶ୍ୱରୀଂ ଭଗବତୀଂ
ବୁଦ୍ଧିପ୍ରଦାମ୍ ଶାରଦାମ୍ ।


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-230 ♦BHUBANESWAR ♦WEDNESDAY ♦14 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୦ ♦ଭୁବନେଶ୍ୱର ♦ବୁଧବାର ♦୧୪ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦



DSPL-652

ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | 5T

## ଗଞ୍ଜାମ ଜିଲ୍ଲା

# ବିକାଶର ନୂତନ ଧାରା

- ଜଳସେଚନ, ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ସେତୁ, କୋଠାବାଡି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସହରାଞ୍ଚଳ ବିକାଶ ଏବଂ ବିଦ୍ୟୁତ ଶକ୍ତି ଯୋଗାଣ କ୍ଷେତ୍ରରେ **୩୯୫୨ କୋଟି ଟଙ୍କାର** ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ ।
- ଗୋପାଳପୁରରେ **୨୭ ହଜାର କୋଟି ଟଙ୍କା** ନିବେଶରେ ଏ.ସି.ଏମ୍.ଇ (ACME Group) ଦ୍ୱାରା ୧.୧୦ ଏମ୍.ଏମ୍.ଟି.ପି.ଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୩୭୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁରରେ **୮ ହଜାର କୋଟି ଟଙ୍କା** ନିବେଶରେ 'ଆଭାଡା' (AVAADA) ଗ୍ରୀନ୍ ଏଚ୍-୨ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ୦.୫ ଏମ୍.ଟି.ପି.ଏ ଗ୍ରୀନ୍ ହାଇଡ୍ରୋଜେନ୍ /ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୧୫୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁର ବନ୍ଦର ଏବଂ ଟାଟା ଷ୍ଟିଲ୍ ଏସ୍.ଇ.ଜେଡ୍, ଗୋପାଳପୁର ମଧ୍ୟରେ **୧୨୮.୮୮ କୋଟି ଟଙ୍କା** ବ୍ୟୟରେ 'ୟୁଟିଲିଟି କରିଡର' ନିର୍ମାଣ ।



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**

## ପରବର୍ତ୍ତୀ ପର୍ଯ୍ୟାୟର ବିକାଶ ଅତୁଳନୀୟ ରୂପାନ୍ତରଣ

**ଶେରଗଡ଼ ॥ ଶୀତଳାପଲ୍ଲୀ**
**୧୪ ଫେବୃଆରୀ ୨୦୨୪**















ଗଞ୍ଜାମ ଜିଲ୍ଲା ପ୍ରଶାସନ ॥ ସୂଚନା ଓ ଲୋକସଂପର୍କ ବିଭାଗ

OIPR-15001/13/0351/2324

# ଦିଲ୍ଲୀମୁହାଁ ଚାଷୀଙ୍କୁ ଲାଠିମାଡ଼

**ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ୧୨ ଦଫା ଦାବି ପୂରଣ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ବିରୋଧରେ ଚାଷୀ ସଂଗଠନ ପୁଣି ହୁଙ୍କାର ଦେଇଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ନେତୃତ୍ୱରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନ ଆଦି ରାଜ୍ୟର ହଜାର ହଜାର ଚାଷୀ 'ଦିଲ୍ଲୀ ଚଲୋ' ଡାକରା ଦେଇଛନ୍ତି। ଏହିକ୍ରମରେ ମଙ୍ଗଳବାର ହଜାର ହଜାର ଚାଷୀ ପଞ୍ଜାବ ଏବଂ ହରିୟାଣାରୁ ବାହାରି ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଟ୍ରାକ୍ଟର ଏବଂ ଟ୍ରକ୍‌ରେ ୬ ମାସର ରାସନ ସହ ଚାଷୀମାନେ ଦିଲ୍ଲୀ ଅଭିମୁଖେ ବାହାରିଥିଲା ବେଳେ ସେମାନଙ୍କ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଚାଷୀ ନେତାମାନଙ୍କ ସହ ଗତକାଲି ୩ କେନ୍ଦ୍ର ମନ୍ତ୍ରୀ ଆଲୋଚନା କରିଥିଲେ ହେଁ ତାହା ବିଫଳ ହେବା ପରେ ଚାଷୀମାନେ ବାଧ୍ୟ ହୋଇ ଦିଲ୍ଲୀରେ ବିକ୍ଷୋଭ କରିବାକୁ ପ୍ରସ୍ତୁତି ନେଇଥିବା କହିଛନ୍ତି। ହେଲେ ହରିୟାଣା ସରକାର ଚାଷୀମାନଙ୍କୁ ନିଜ ସୀମାରେ ପ୍ରବେଶ ନକରାଇ ଦେବା ଲକ୍ଷ୍ୟରେ ପଦକ୍ଷେପ ନେଇଥିବାରୁ ହରିୟାଣାର ଶମ୍ଭୁ ସୀମାରେ ପୁଲିସ ଏବଂ ଚାଷୀ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗି ପ୍ରବେଶ କରିବାକୁ ଉଦ୍ୟମ କରିବାରୁ ସେମାନଙ୍କ ଉପରକୁ ଲୁହବୁହା ବାଷ୍ପ ସହିତ ଲାଠିମାଡ଼ କରାଯାଇଥିବା କୁହାଯାଇଛି।

▶ବିସ୍ତୃତ ବିବରଣୀ: ଦେଶବିଦେଶ ପୃଷ୍ଠା


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-230 ◆BHUBANESWAR ◆WEDNESDAY ◆14 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୦ ◆ଭୁବନେଶ୍ୱର ◆ବୁଧବାର ◆୧୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦





ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

## ରଣଜୀ ନ ଖେଳିଲେ କାର୍ଯ୍ୟାନୁଷ୍ଠାନ: ବିସିସିଆଇ

■ **ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦେଶର ବରିଷ୍ଠ ଖେଳାଳିମାନଙ୍କୁ ତାଗିଦ କରିଛି। ଘରୋଇ କ୍ରିକେଟ୍‌ର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ରଣଜୀ ଟ୍ରଫି ଖେଳିବାକୁ ବୋର୍ଡ ଖେଳାଳିଙ୍କୁ ନିର୍ଦ୍ଦେଶ ଦେବା ସହ ସତର୍କ କରାଇଛି। ବରୋଦାର କ୍ରୁନାଲ ପାଣ୍ଡ୍ୟା ଓ ରାଜସ୍ଥାନର ଦୀପକ ଚହର ନିଜ ରାଜ୍ୟ ତରଫରୁ ଚଳିତ ରଣଜୀ ଟ୍ରଫିରେ ନ ଖେଳି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ କଡ଼ା ଆଭିମୁଖ୍ୟ ପୋଷଣ କରିଛି। ଜାତୀୟ ଚୟନକର୍ତ୍ତାମାନଙ୍କ ସହ ଆଲୋଚନା କରିବା ପରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ସୋମବାର ଏ ନେଇ ସବୁ ଖେଳାଳିଙ୍କୁ ଇ-ମେଲ କରିଛି। ସବୁ ଖେଳାଳିଙ୍କୁ ଆଗାମୀ ୭ମ ରାଉଣ୍ଡ ରଣଜୀ ମ୍ୟାଚ୍ ଖେଳିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଛି। ଖେଳାଳିମାନେ ଆଇପିଏଲ୍ ଓ ଅନ୍ତର୍ଜାତୀୟ କ୍ରିକେଟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଠିକ୍ ନୁହେଁ। ଖେଳାଳିମାନେ ଘରୋଇ କ୍ରିକେଟ ପାଇଁ ଉପଲବ୍ଧ ହେବା ସହ ନିଜ ରାଜ୍ୟ ପାଇଁ ବିଭିନ୍ନ ଟୁର୍ଣ୍ଣାମେଣ୍ଟ ଖେଳିବା ଆବଶ୍ୟକ। କେତେକ ଖେଳାଳି ଜାନୁଆରୀରୁ ଆଇପିଏଲ୍ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ବିସିସିଆଇ ତରଫରୁ କୁହାଯାଇଛି।

♦VOLUME- 41 ♦ISSUE-230 ♦BHUBANESWAR ♦WEDNESDAY ♦14 FEBRUARY 2024 ♦PAGE-18 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୦ ♦ଭୁବନେଶ୍ୱର ♦ବୁଧବାର ♦୧୪ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦

# କଲେଜ ପିଲାଙ୍କୁ 'ନୂଆ-ଓ' ବୃତ୍ତି

## ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର ଟଙ୍କା

■ **ଭୁବନେଶ୍ୱର, ୧୩।୨ (ସମିସ):** ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ମିଳିବ 'ନୂଆ-ଓ' ଛାତ୍ରବୃତ୍ତି। ଏହି ଯୋଜନାରେ ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ। ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଯାଜପୁର ଜିଲ୍ଲା ଗସ୍ତରେ ଥିବା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି ଛାତ୍ରବୃତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି।

ଯାଜପୁର ଜିଲ୍ଲାରେ ମଙ୍ଗଳବାର ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି, ରାଜ୍ୟ କ୍ୟାବିନେଟରେ 'ନୂଆ-ଓ' ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୯୫ ପ୍ରତିଶତ ଛାତ୍ରଛାତ୍ରୀ ଏଥିରେ ଉପକୃତ ହେବେ। ଚଳିତ ଶିକ୍ଷାବର୍ଷରୁ ଏହି ଛାତ୍ରବୃତ୍ତି ଲାଗୁହେବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ଫେବୃଆରୀ ୨୦ ତାରିଖରୁ ୨୫ ତାରିଖ ମଧ୍ୟରେ ସିଧାସଳଖ ସ୍ଥାନାନ୍ତର କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସେହିପରି ଏହି ଛାତ୍ରବୃତ୍ତି ମାଧ୍ୟମରେ ଛାତ୍ରଛାତ୍ରୀମାନେ ସଶକ୍ତ ହେବା ପାଇଁ ନୂଆ ଯୁଗ ଆରମ୍ଭ ହେବ। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର 'ନବୀନ ଓଡ଼ିଶା' ଗଠନ ସାକାର କରିବାରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଓ ତାକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଆହ୍ୱାନ ଦେଇଛନ୍ତି।

ଛାତ୍ରବୃତ୍ତି ସମ୍ପର୍କରେ ଅଧିକ ସୂଚନା ଦେଇ ସେ କହିଛନ୍ତି, ଆସନ୍ତା ଶିକ୍ଷା ବର୍ଷରୁ ୩୦୦ କୋଟି ଟଙ୍କା କର୍ପସ ଫଣ୍ଡ ସହିତ ଏକ ପାଣ୍ଠି ଗଠନ କରାଯିବ। ଶିକ୍ଷା ତଥା ବିଭିନ୍ନ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ପାଣ୍ଠିରୁ ଉଚ୍ଚ ବୃତ୍ତି ରାଶି ପ୍ରଦାନ କରାଯିବ। ଅଗଷ୍ଟ ମାସ ସୁଦ୍ଧା 'ନୂଆ- ଓ ମ୍ୟାଜିକ ସ୍ମାର୍ଟ କାର୍ଡ' ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯିବ। ଯେଉଁଥିରେ ଛାତ୍ରଛାତ୍ରୀ ବସ୍, ଟ୍ରେନରେ ଯାତ୍ରା ସମୟରେ ଫ୍ରି ୱାଇଫାଇ, ଅନଲାଇନ କୋର୍ସ, ସ୍କିଲ ଡେଭେଲପମେଣ୍ଟ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ। ଯେଉଁ ଛାତ୍ରଛାତ୍ରୀଙ୍କ ▶ପୃଷ୍ଠା-୭



▶▶ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ଅଧିକ ୧ ହଜାର
▶▶ ଉପକୃତ ହେବେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ
▶▶ ମାର୍ଚ୍ଚରୁ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟରେ ପଡ଼ିବ ବୃତ୍ତି ରାଶି
▶▶ ଆସନ୍ତା ଶିକ୍ଷା ବର୍ଷରୁ ୩୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
▶▶ ବିରଜାକ୍ଷେତ୍ରରୁ ଘୋଷଣା କଲେ '୫-ଟି' ଅଧ୍ୟକ୍ଷ ପାଣ୍ଡିଆନ

### ଘରୋଇ ଉପଭୋକ୍ତାଙ୍କୁ ଆଶ୍ୱସ୍ତି

# କମିଲା ବିଜୁଳି ଦର

## ପ୍ରତ୍ୟେକ ସ୍ଲାବରେ ୟୁନିଟ୍ ପିଛା ୧୦ ପଇସା ହ୍ରାସ

■ **ଭୁବନେଶ୍ୱର, ୧୩।୨ (ସମିସ):** ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଖୁସି ଖବର। ୨୦୨୪-୨୫ ଆର୍ଥିକ ବର୍ଷରେ ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତ୍ୟେକ ସ୍ଲାବରେ ୟୁନିଟ୍ ପିଛା ବିଦ୍ୟୁତ୍ ଦର ୧୦ ପଇସା ହ୍ରାସ କରାଯାଇଛି। ସେହିପରି ବିପିଏଲ୍ ଉପଭୋକ୍ତାଙ୍କ ପାଇଁ ମାସିକ ବିଦ୍ୟୁତ୍ ଦେୟ ୮୦ ଟଙ୍କାରୁ ୭୦ ଟଙ୍କାକୁ ହ୍ରାସ ପାଇଛି। ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଉପଭୋକ୍ତାମାନେ ଏଥିରୁ ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବେ। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି।

ଚଳିତ ଫେବ୍ରୁଆରୀ ମାସରେ ଓଇଆରସିରେ ଅନୁଷ୍ଠିତ ଶୁଣାଣିରେ ବିଦ୍ୟୁତ୍ ବିତରକ କମ୍ପାନୀମାନେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ନ କରିବାକୁ ଆୟୋଗଙ୍କ ନିକଟରେ ଅନୁରୋଧ କରିଥିଲେ। ଶୁଣାଣି ପରେ ଆୟୋଗ ୨୦୨୪-୨୫ ବର୍ଷରେ ଘରୋଇ ଉପଭୋକ୍ତା ପାଇଁ ବିଦ୍ୟୁତ୍ ଦର ହ୍ରାସ କରିଛନ୍ତି। କେବଳ ଘରୋଇ ଉପଭୋକ୍ତା ନୁହେଁ, ଅନ୍ୟକ୍ଷେତ୍ର ଗୁଡ଼ିକ ପାଇଁ ମଧ୍ୟ ଓଇଆରସି ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଯେଉଁ ଉପଭୋକ୍ତା କାଗଜ ଛାଡ଼ି ଇ-ବିଲ୍ ନେବେ, ସେମାନଙ୍କୁ ପ୍ରତି ବିଲ୍‌ରେ ୧୦ ଟଙ୍କା ରିଆତି ପ୍ରଦାନ କରାଯିବ। ସବୁଜ ଶକ୍ତିର ପ୍ରିମିୟମ ବାବଦରେ ୟୁନିଟ ପିଛା ୨୫ ଟଙ୍କାରୁ ୨୦ ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ଇଭି (ବୈଦ୍ୟୁତିକ ଯାନ) ବ୍ୟବହାରକାରୀଙ୍କୁ ମଧ୍ୟ ଖୁସି ଖବର ଦେଇଛନ୍ତି ଓଇଆରସି। ଇଭି ଚାର୍ଜିଂ ୟୁନିଟ୍ ପିଛା ଦର ୫ ଟଙ୍କା ୫୦ ପଇସାରୁ ୫ ଟଙ୍କାକୁ ହ୍ରାସ ପାଇଛି।

ଓଇଆରସି ପକ୍ଷରୁ ସବୁବର୍ଗର ଗ୍ରାହକଙ୍କ ପାଇଁ କିଛି କିଛି ମାତ୍ରାରେ ରିଆତି ପ୍ରଦାନ କରାଯାଇଛି। ନୂଆ ଧାର୍ଯ୍ୟ ଦର ▶ପୃଷ୍ଠା-୭




# ମମତା ସହାୟତା ରାଶି ଦୁଇଗୁଣା

## ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଦୁଇ କିସ୍ତିରେ ମିଳିବ ୫୦୦୦ ବଦଳରେ ୧୦,୦୦୦ ଟଙ୍କା

■ **ଭୁବନେଶ୍ୱର, ୧୩।୨ (ସମିସ):** ମା'ମାନଙ୍କୁ ଆଉ ଏକ ବଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ମମତା ଯୋଜନାରେ ଏଣିକି ୫୦୦୦ ଟଙ୍କା ବଦଳରେ ୧୦, ୦୦୦ ଟଙ୍କା ମିଳିବ। ଆସନ୍ତା ଅଗଷ୍ଟରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ଟଙ୍କା ମିଳିବ। ସେହିପରି ଆସନ୍ତା ୨୦ରୁ ୨୫ ତାରିଖ ମଧ୍ୟରେ ହିତାଧିକାରୀମାନେ ବକେୟା ରାଶି ପାଇବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି।

ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ସହ ପୁଷ୍ଟିହୀନତା ଦୂର ପାଇଁ ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ଲୋକପ୍ରିୟ ଯୋଜନା 'ମମତା'ର ଶୁଭାରମ୍ଭ କରିଥିଲେ। ଦେଶର ଭବିଷ୍ୟତପିଢ଼ିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସୁଦୃଢ଼ କରୁଥିବା ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ବି ଓଡ଼ିଶା ଆଗୁଆ ରହିଛି। ସେଥିପାଇଁ ଓଡ଼ିଶା ସରକାରଙ୍କ 'ମମତା' ଯୋଜନାକୁ ଜାତୀୟସ୍ତରରେ ଏକ ମଡେଲ୍ ଭାବେ ଗ୍ରହଣ କରାଯାଇଛି। '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ମା'ମାନେ 'ମମତା' ରାଶି ବୃଦ୍ଧି କରିବା ପାଇଁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ବିଚାର କରି ସହାୟତା ରାଶି ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ହସ୍ତଗତ ସୂଚନାନୁସାରେ, ନୂଆ ଯୋଜନାରେ ୨ଟି କିସ୍ତିରେ ହିତାଧିକାରୀମାନଙ୍କ ଜମା ଖାତାକୁ ସହାୟତା ରାଶି ସିଧାସଳଖ ଦିଆଯିବ। ପ୍ରଥମ କିସ୍ତିରେ (ଗର୍ଭାବସ୍ଥାର ୬ ମାସ ପରେ) ୬୦୦୦ ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ଶିଶୁକୁ ଦଶ ମାସ ହେବା ପରେ ଆଉ ୪୦୦୦ ଟଙ୍କା ମିଳିବ। ୧୯ ବର୍ଷରୁ ଉର୍ଦ୍ଧ୍ୱ ସବୁ ଗର୍ଭବତୀ ମହିଳା ୨ଟି ଜୀବିତ ସନ୍ତାନ ପାଇଁ ଏହି ସହାୟତା ପାଇବେ। ୧୩ଟି ନିର୍ଦ୍ଦିଷ୍ଟ ଜନଜାତି ଗୋଷ୍ଠୀର ମା'ମାନଙ୍କୁ ପ୍ରତ୍ୟେକ ଗର୍ଭ ନିମନ୍ତେ ମମତା ସହାୟତା ରାଶି ପ୍ରଦାନ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ମମତା ଯୋଜନା ଆରମ୍ଭ ହେବା ପରଠାରୁ ଅଦ୍ୟାବଧି ୬୦ ଲକ୍ଷରୁ ଅଧିକ ଗର୍ଭବତୀ ଓ ପ୍ରସୂତି ମା'ମାନେ ଉପକୃତ ହେଲେଣି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨,୯୦୦ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯାଇଛି। ଏହି ଯୋଜନା ବିଷୟରେ ସୂଚନା ପାଇବା ଅବା ଅଭିଯୋଗ କରିବା ନିମନ୍ତେ ହେଲ୍ପଲାଇନ୍ ନମ୍ବର ୧୮୧କୁ କଲ୍ କରିବା କିମ୍ବା ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ସହ ଯୋଗାଯୋଗ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।




**ଫେବୃଆରୀରୁ ବକେୟା ସହ ଅଗଷ୍ଟରୁ ମିଳିବ ବର୍ଦ୍ଧିତ ରାଶି**

**'୫-ଟି' ଅଧ୍ୟକ୍ଷଙ୍କୁ ମିଳିଥିଲା ପ୍ରସ୍ତାବ; କାର୍ଯ୍ୟକାରୀ କଲେ ମୁଖ୍ୟମନ୍ତ୍ରୀ**

### ▶▶ ବିରୋଧୀଙ୍କୁ ପାଣ୍ଡିଆନଙ୍କ ଟାର୍ଗେଟ୍

# ବିକାଶ କ'ଣ ଯାଜପୁର ଆସି ଦେଖନ୍ତୁ

**ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମାରିଲେ ତେରଛା ତୀର**

**ନବୀନ ଚୌକି ଓ କ୍ଷମତାଲୋଭୀ ନୁହନ୍ତି; ସେବାର ପ୍ରତୀକ**

**ଯାଜପୁରର ୭ ନିର୍ବାଚନମଣ୍ଡଳୀରେ ନବୀନ ପଟ୍ଟନାୟକ ହିଁ ପ୍ରାର୍ଥୀ**

**୫ ମାସ ମଧ୍ୟରେ ୨୫୪୦ ଦରଖାସ୍ତରୁ ୨୩୦୦ର ସମାଧାନ**

**୬ ମାସରେ ଯାଜପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ୬୧୦ କୋଟି**

■ **ଭୁବନେଶ୍ୱର, ୧୩।୨ (ସମିସ):** ଯାଜପୁର ମାଟିରୁ ବିରୋଧୀଙ୍କୁ ଶକ୍ତ ବାଣ ମାରିଛନ୍ତି ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ରାଜ୍ୟରେ ସରକାର ଗଠନ ପାଇଁ ସ୍ୱପ୍ନ ଦେଖୁଥିବା ଓଡ଼ିଶା ବିଜେପି ନେତାଙ୍କୁ ପାଣ୍ଡିଆନ କଟାକ୍ଷ କରିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ବିଜେପିର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ସମ୍ପର୍କରେ ପ୍ରଦାନ କରିଥିବା ମନ୍ତବ୍ୟର ପ୍ରତିଜବାବ ଦେଇ ବିକାଶର ପରିଭାଷା ବୁଝାଇଛନ୍ତି ଶ୍ରୀ ପାଣ୍ଡିଆନ। ଯେଉଁମାନେ ବିକାଶକୁ ନେଇ ପ୍ରଶ୍ନ କରୁଛନ୍ତି ସେମାନେ ଯାଜପୁର ଜିଲ୍ଲା ବୁଲିକି ଦେଖନ୍ତୁ ବୋଲି ମଧ୍ୟ ଆହ୍ୱାନ ଦେଇଛନ୍ତି '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ଯାଜପୁର ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ବିରୋଧୀ ବିଜେପିକୁ ତୀବ୍ର ସମାଲୋଚନା କରି ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତା ପଛରେ କେବେ ଦୌଡ଼ି ନ ଥିଲେ, କିମ୍ବା ଦୌଡ଼ିବାକୁ ଚାହାନ୍ତି ନାହିଁ। ସରକାର ଗଠନ ତାଙ୍କ ପାଇଁ କୌଣସି ଗୁରୁତ୍ୱ ବହନ କରେ ନାହିଁ। ଚୌକି ପାଇଁ କିମ୍ବା କ୍ଷମତା ଲାଗି ମୁଖ୍ୟମନ୍ତ୍ରୀ ଲାଳାୟିତ ନୁହଁନ୍ତି। ରାଜନୀତି, କ୍ଷମତାର ଅର୍ଥ ତାଙ୍କ ପାଇଁ ସେବା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ସେବାର ପ୍ରତୀକ। ଆଉ ଏବେ ଯେଉଁମାନେ କ୍ଷମତାକୁ ଆସିବେ ବୋଲି କହୁଛନ୍ତି, ସେମାନେ ନିଜ କ୍ଷମତା କେତେ ଜାଣନ୍ତି ଓ ଆଗାମୀ ନିର୍ବାଚନରେ ସାଧାରଣ ଲୋକମାନେ ସେମାନଙ୍କୁ ତାଙ୍କର ସ୍ଥିତି କ'ଣ ତାହା ଜଣାଇଦେବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ କେବଳ ନିସ୍ୱାର୍ଥପର ଓ ନିଷ୍ପାପର ସେବା ଲାଗି ୨୪ ବର୍ଷ ▶ପୃଷ୍ଠା-୭



## ଲୋକକଥା



ବିଦ୍ୟାଦାୟିନୀ ହଂସବାହିନୀ
ଶୁଣହେ ମା' ଗୁହାରି,
ବିରୋଧୀ ବାଲାଏ ତାଟିଆ କାମୁଡ଼ି
ହଉଚନ୍ତି ଘାରିସାରି !
ବିଦ୍ୟା-ବୁଦ୍ଧି ଯାଏ ସରି
ରାଜ୍ୟର ବିକାଶ ସହି ପାରନ୍ତିନି
ସତେ କି ସିଏ ଭଗାରି !!

### ▶▶ ଓଡ଼ିଶାରେ ହେବ ବିମାନ ଓ ପ୍ରତିରକ୍ଷା ଯନ୍ତ୍ରାଂଶ ଉତ୍ପାଦନ

# ୨୬ ହଜାର କୋଟି ନିବେଶ, ୧୨ ହଜାର ନିଯୁକ୍ତି

■ **ଭୁବନେଶ୍ୱର, ୧୩।୨ (ସମିସ):** ଓଡ଼ିଶାରେ କେବଳ ଛୋଟବଡ଼ ଜିଲ୍ଲାରୁ ବିମାନ ଚଳାଚଳ ଆରମ୍ଭ ହେଉନାହିଁ, ବରଂ ଏହି କ୍ଷେତ୍ରରେ ସମୃଦ୍ଧି ଆଣି ଏକ ରୂପାନ୍ତରିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ନୂତନ ଯୁଗ ସହ ଉନ୍ନତ ବୈଷୟିକ ନିଯୁକ୍ତି କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ଏହି କ୍ରମରେ ଓଡ଼ିଶାରେ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍ ଢେଙ୍କାନାଳର ଗଜମରାଠାରେ ଉତ୍ପାଦନ କାରଖାନା ପ୍ରତିଷ୍ଠା ଲାଗି କଲ୍ୟାଣୀ ଷ୍ଟିଲ୍‌କୁ ଅନୁମତି ପ୍ରଦାନ କରିଛି। କମ୍ପାନୀ ଏଠାରେ ଟିଟାନିୟମ୍ ମେଟାଲ ଓ ବିମାନ ଯନ୍ତ୍ରାଂଶ ପ୍ରସ୍ତୁତ କରିବ। ଏଥିସହ ଇଣ୍ଟିଗ୍ରେଟେଡ୍ ଆଡଭାନ୍ସ ସ୍ପେସିଆଲିଟି ଷ୍ଟିଲ୍ ଏବଂ ଅଟୋମୋବାଇଲ୍ ଯନ୍ତ୍ରାଂଶ ଉତ୍ପାଦନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନ କରିବେ। କମ୍ପାନୀ ଏଥିପାଇଁ ୨୬୦୦୦ କୋଟି ଟଙ୍କା ବିନିଯୋଗ କରିବା ସହ ୧୨୦୦୦ ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ମୁଖ୍ୟତଃ ଉଚ୍ଚଦକ୍ଷତା ସମ୍ପନ୍ନ ଯୁବକ ଯୁବତୀଙ୍କ କର୍ମନିଯୁକ୍ତି ପାଇଁ ଏହି ପ୍ରକଳ୍ପ ବହୁତ ବଡ଼ ସୁଯୋଗ ଦେବ। ଆଇଟିଆଇ, ପଲିଟେକ୍ନିକ୍, ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମାନବସମ୍ବଳ ଆବଶ୍ୟକତା ପୂରଣ କରିବେ। ଏଥିସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍ଏସ୍ଏମ୍ଇ) ଏବଂ ଷ୍ଟାର୍ଟଅପ୍ କମ୍ପାନୀ ପାଇଁ ମଧ୍ୟ ରୋଜଗାର ମିଳିବ।

ଆଗାମୀ ଦିନରେ ବିଶ୍ୱ ଟିଟାନିୟମ୍ ଉତ୍ପାଦ ବଜାର ଏବଂ ଏଥିରେ ଭାରତର ଭାଗୀଦାରି ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଛି। ଏପରିସ୍ଥଳେ କଲ୍ୟାଣୀ ଷ୍ଟିଲ୍ ଲିମିଟେଡ୍ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ବିମାନ ଯନ୍ତ୍ରାଂଶ ଏବଂ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ଓଡ଼ିଶା ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ ମାନୁଫାକ୍‌ଚରିଂ ପଲିସି ପ୍ରଣୟନ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ହେଉ ଅବା ବିଦେଶରେ ପୁଞ୍ଜିନିବେଶକ ସମ୍ମିଳନୀ; ସବୁଠି ରାଜ୍ୟ ସରକାର ନିବେଶକମାନଙ୍କୁ ଏହି କ୍ଷେତ୍ର ପ୍ରତି ଆକୃଷ୍ଟ କରିବାରେ ଅବହେଳା କରିନାହାନ୍ତି।

ଓଡ଼ିଶାରେ ବିମାନ ଓ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ପାଦ ଥାପିବା ଲାଗି ୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଲ୍ ଆଣ୍ଡ ଟି ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଏସ୍ଏନ୍ ସୁବ୍ରମଣିୟନ୍‌ଙ୍କୁ ଆଲୋଚନା ସମୟରେ ପ୍ରସ୍ତାବ ଦେଇଥିଲେ। ଏହା ଉପରେ ବିଚାର କରି ନିଷ୍ପତ୍ତି ହେବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ▶ପୃଷ୍ଠା-୭

**ଶିଳ୍ପ ପ୍ରତିଷ୍ଠା ସହ ଦକ୍ଷତା ବିକାଶକୁ ସରକାରଙ୍କ ଗୁରୁତ୍ୱ**

### ୯ ଦିନରେ ୪ ବର୍ଷ ତଳ ଘଟଣାର ଖୁଲାସା

# ୭ ଅପରାଧୀଙ୍କୁ ଗିରଫ କଲା ଡବ୍ଲ୍ୟୁସିସିବି ଓ ବନ ବିଭାଗ

■ **ଭୁବନେଶ୍ୱର, ୧୩।୨ (ସମିସ):** ୪ ବର୍ଷ ତଳର କଲରାପତରିଆ ବାଘ ଶିକାର ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିଛି। ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଡବ୍ଲୁସିସିବି) ଓ ରାଜ୍ୟ ବନ ବିଭାଗ ପକ୍ଷରୁ ୯ ଦିନ ଧରି ଜାରି ରହିଥିବା ମିଳିତ ଅଭିଯାନରେ ଏହି ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଥିବା ନେଇ ପିସିସିଏଫ୍ (ବନ୍ୟାପ୍ରାଣୀ) ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଫେବୃଆରୀ ୫ ତାରିଖରେ କଟକରୁ ଗୋଟିଏ କଲରାପତରିଆ ବାଘର ଛାଲ ଜବତ ହୋଇଥିଲା। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯିବା ସହିତ ତଦନ୍ତ ଆଗକୁ ବଢ଼ିଥିଲା। ଏହି ମାମଲାର ଜଟିଳତାକୁ ନେଇ ବନ ବିଭାଗ ଓ ଡବ୍ଲ୍ୟୁସିସିବି ପକ୍ଷରୁ ମିଳିତ ଟାସ୍କଫୋର୍ସ ଗଠନ କରାଯାଇ ୯ ଦିନ ଧରି ରାଜ୍ୟର ୩ ଜିଲ୍ଲା ଯଥା ଗଞ୍ଜାମ, କେନ୍ଦ୍ରାପଡ଼ା ▶ପୃଷ୍ଠା-୭



## ଆଲୋଚନା ବିଫଳ: ୧୨ ଦଫା ଦାବି ନେଇ ଦିଲ୍ଲୀମୁହାଁ ଚାଷୀ

# ଶମ୍ଭୁ ସୀମାରେ ପୁଲିସ ସହ ମୁହାଁମୁହିଁ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):

୧୨ ଦଫା ଦାବି ପୂରଣ ନେଇ ଚାଷୀମାନେ ପୁଣିଥରେ କେନ୍ଦ୍ର ସରକାରଙ୍କ ବିରୋଧରେ ରଣ ହୁଙ୍କାର ଦେଇଛନ୍ତି। ୨୦୨୧ ଚାଷୀ ଆନ୍ଦୋଳନ ସମୟରେ କେନ୍ଦ୍ର ସରକାର ଚାଷୀମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏପର୍ଯ୍ୟନ୍ତ ପୂରଣ ହୋଇ ନାହିଁ। ଏମଏସପି ନିର୍ଦ୍ଧାରଣ ଲାଗି ସ୍ୱତନ୍ତ୍ର କମିଟି ଗଠନ କରି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର କହିଥିଲେ। କିନ୍ତୁ ଇତିମଧ୍ୟରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ କିଛି ବି ହୋଇ ନାହିଁ। ଗତକାଲି କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ, ନିତ୍ୟାନନ୍ଦ ରାୟ ଏବଂ ଅର୍ଜୁନ ମୁଣ୍ଡାଙ୍କ ସହ ଚାଷୀ ନେତା ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ଘଣ୍ଟା ଘଣ୍ଟା ଧରି ଆଲୋଚନା କରିଥିଲେ। ହେଲେ ଏହା ବିଫଳ ହେବା ପରେ ହଜାର




ଚାଷୀ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିବାରୁ ମଙ୍ଗଳବାର ମଧ୍ୟାହ୍ନରେ ତୁମୁଳକାଣ୍ଡ ଘଟିଛି। ପୁଲିସ ସହ ଚାଷୀ ମୁହାଁମୁହିଁ ହେବା ପରେ ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଛି। ଅନ୍ୟ କେତେକ ସ୍ଥାନରେ ଲୁହବୁହା ବାଷ୍ପ ପ୍ରୟୋଗ କରାଯିବା ସହିତ ରବର ଗୁଳି ମଧ୍ୟ ମାଡ଼ କରାଯାଇଥିବା ଜଣାପଡ଼ିଛି। ଯାହାକୁ ନେଇ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ ସ୍ଥିତି ଅଣାୟତ ହୋଇଛି। ଶତାଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀର ସମସ୍ତ ସୀମା ସିଲ୍ କରି ଦିଆଯାଇଛି। ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶ ପଟୁ ଆସୁଥିବା ଚାଷୀଙ୍କୁ ରୋକିବା ଲାଗି ଲୁହବୁହା ବାଷ୍ପ ପ୍ରୟୋଗ

### କ'ଣ ରହିଛି ଦାବି

- ଏମ୍ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି
- ପେନ୍‌ସନ୍ ସୁବିଧା ଏବଂ ଫସଲ ବୀମା
- ସ୍ୱାମୀନାଥନ୍ ଆୟୋଗର ରିପୋର୍ଟ କାର୍ଯ୍ୟକାରୀ
- ତୁରନ୍ତ ଚାଷୀ ଋଣ ଛାଡ଼
- ବିଦ୍ୟୁତ୍ ଅଧିନିୟମ ୨୦୨୦ ରଦ୍ଦ
- ଚାଷୀଙ୍କ ବିରୋଧରେ ପଞ୍ଜିକୃତ ମାମଲା ପ୍ରତ୍ୟାହାର
- ଲକ୍ଷ୍ମୀପୁର ହିଂସାଶିକାର ହୋଇଥିବା ଲୋକଙ୍କୁ ନ୍ୟାୟ

ହଜାର ଚାଷୀ ଟ୍ରକ୍ ,ଟ୍ରାକ୍ଟର ଯୋଗେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। କିନ୍ତୁ ୨୦୨୧ ଚାଷୀ ଆନ୍ଦୋଳନକୁ ମନେ ପକାଇ କେନ୍ଦ୍ର ଏବଂ ହରିୟାଣା ସରକାର ଚାଷୀଙ୍କୁ ଏକାଠି ନ କରାଇ ଦେବାକୁ ଦୃଢ ପଦକ୍ଷେପ ନେଇଛନ୍ତି। ଚାଷୀମାନଙ୍କ ପ୍ରତି ପଞ୍ଜାବ ସରକାରଙ୍କ କୌଣସ ବିରୋଧ ନଥିବା ବେଳେ ବହୁ ଚାଷୀ ପଞ୍ଜାବର ଫତେଗଡ଼ ସାହିବରୁ ବାହାରି ଶମ୍ଭୁ ସୀମା ଦେଇ ଦିଲ୍ଲୀ ମୁହାଁ ହୋଇଛନ୍ତି। ସେହିପରି ଆଉ ଏକ ଗୋଷ୍ଠୀ ସାଙ୍ଗରୁର ମେହଲ କାଲାନରୁ ବାହାରି ଖନୌରୀ ସୀମା ଦେଇ ଦିଲ୍ଲୀରେ ପହଞ୍ଚିବାକୁ ଯାତ୍ରା ଆରମ୍ଭ କରିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଉତ୍ତରପ୍ରଦେଶ ଏବଂ ରାଜସ୍ଥାନ ଚାଷୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି। କିନ୍ତୁ ଚାଷୀମାନଙ୍କୁ ଦିଲ୍ଲୀ ମଧ୍ୟରେ ପ୍ରବେଶ ନ କରାଇ ଦେବାକୁ ଦିଲ୍ଲୀ ସୀମାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟିକିରି, ଗାଜିପୁର ଏବଂ ସିଂଘୁ ସୀମା ସେନା ଛାଉଣୀରେ ପରିଣତ ହୋଇଛି। ସେପଟେ ହରିୟାଣା ସରକାର ମଧ୍ୟ ଚାଷୀମାନଙ୍କୁ ନିଜ ସୀମାରେ ପ୍ରବେଶ ନ କରାଇ ଦେବାକୁ ବ୍ୟାରିକେଡ୍ ଲଗାଇଛନ୍ତି। କିନ୍ତୁ ଦିଲ୍ଲୀ ମୁହାଁ କରାଯାଇଛି। ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଥିବା ବେଳେ ଇଣ୍ଟରନେଟ୍ ସେବା ବି ବନ୍ଦ କରାଯାଇଛି। ସୁରକ୍ଷା କଡ଼ାକଡ଼ି କରିବାକୁ ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି। ସେହିପରି ହରିୟାଣାର ୭ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରଖାଯାଇଛି।

### ୬ ମାସର ରାସନ ସହ ଆସିଛନ୍ତି ଚାଷୀ

## ଦାବି ପୂରଣ ଯାଏ ଚାଲିବ ଆନ୍ଦୋଳନ

କେନ୍ଦ୍ର ସରକାରଙ୍କ ବିରୋଧରେ ପୁଣି ଚାଷୀ ମେଳି ହେବା ଘଟଣା ୨୦୨୦-୨୧ ଆନ୍ଦୋଳନକୁ ମନେ ପକାଇ ଦେଉଛି। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ବିରୋଧ କରି ହଜାର ହଜାର ଚାଷୀ ୨୦୨୦ ଅଗଷ୍ଟରେ ଏକାଠି ହୋଇଥିଲା ବେଳେ ଦିଲ୍ଲୀର ସିଂଘୁ, ଟିକିରି ଏବଂ ଗାଜିପୁର ସୀମାରେ ମାସ ମାସ ଧରି ନାହିଁ ନଥିବା ସ୍ଥିତି ଦେଖାଯାଇଥିଲା। ଚାଷୀମାନେ ମାସ ମାସ ଧରି ପ୍ରବଳ ଥଣ୍ଡାରେ ଆନ୍ଦୋଳନ ଜାରି ରଖିଥିଲେ। ଶେଷରେ ୨୦୨୧ ନଭେମ୍ବରରେ ୩ କୃଷି ଆଇନକୁ ପ୍ରତ୍ୟାହାର କରି ନେବାକୁ ସରକାର ନିଷ୍ପତ୍ତି ନେବା ପରେ ଆନ୍ଦୋଳନ ହଟିଥିଲା। ତେବେ ବର୍ତ୍ତମାନ ମଧ୍ୟ ଦିଲ୍ଲୀ ମୁହାଁ ହୋଇଥିବା ଚାଷୀ ଦୀର୍ଘସୂତ୍ରୀ ଆନ୍ଦୋଳନ ଆଭିମୁଖ୍ୟ ନେଇ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। କାରଣ ପଞ୍ଜାବରୁ ଆସୁଥିବା ଚାଷୀମାନେ ସେମାନଙ୍କ ସହ ୬ ମାସର ରାସନ ସହିତ ଡିଜେଲ ମଧ୍ୟ ଆଣିଥିବା ଜଣାପଡ଼ିଛି। ଦାବି ପୂରଣ ହେବା ଯାଏଁ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

## ଆପୋସ ସମାଧାନ ହେବା ଜରୁରୀ: ହାଇକୋର୍ଟ

ଚାଷୀ ଆନ୍ଦୋଳନକୁ ନେଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଚାଷୀଙ୍କୁ ହରିୟାଣା ସୀମାରେ ପ୍ରବେଶ କରାଇ ନ ଦେବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଥିବାରୁ ଏହାକୁ ବିରୋଧ କରି ଏକ ମାମଲା ରୁଜୁ ହୋଇଥିଲା ବେଳେ ଚାଷୀମାନେ ରାସ୍ତା ବନ୍ଦ କରୁଥିବାରୁ ସାଧାରଣ ଲୋକଙ୍କ ସ୍ଥିତିକୁ ଦେଖି ଆଉ ଏକ ମାମଲା ରୁଜୁ ହୋଇଥିଲା। ତେବେ ହାଇକୋର୍ଟ ଉଭୟ ମାମଲାର ଶୁଣାଣି କରି ଚାଷୀଙ୍କ ସମସ୍ୟା ଆପୋଷ ସମାଧାନ ହେବା ଦରକାର ବୋଲି କହିଛନ୍ତି। ଦାବି ପୂରଣ ନେଇ ଚାଷୀ ଆନ୍ଦୋଳନ କରିବାର ଅଧିକାର ରହିଛି। ହେଲେ ସାଧାରଣ ନାଗରିକଙ୍କ ଅସୁବିଧା ଯେଭଳି ନ ହୁଏ ତାହାକୁ ମଧ୍ୟ ଧ୍ୟାନ ଦେବା ଜରୁରୀ ବୋଲି ହାଇକୋର୍ଟ କହିଛନ୍ତି। ଚାଷୀଙ୍କ ବିରୋଧରେ ବଳ ପ୍ରୟୋଗ ଶେଷ ପନ୍ଥା ହେବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି।

## ସିଜେଆଇ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଓକିଲ ସଂଘର ଦାବି

ଚାଷୀ ଆନ୍ଦୋଳନ ଯୋଗୁଁ ଦିଲ୍ଲୀବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଓକିଲ ସଂଘ ପ୍ରଧାନବିଚାରପତି ତୁରନ୍ତ ହସ୍ତକ୍ଷେପ କରିବାକୁ କହିଛି। ସଂଘ ସଭାପତି ଆଦିଶ ଅଗ୍ରୱାଲ ଏ ସମ୍ପର୍କରେ ସିଜେଆଇ ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖି ଚାଷୀଙ୍କ ବିରୋଧରେ ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି।

## ସପତ୍ନୀକ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାମୃତ୍ୟୁ

**ଆମଷ୍ଟେରଡାମ, ୧୩।୨ (ଏଜେନ୍ସି):** ନେଦରଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଡ୍ରାଇସ ଭାନ ଏଗଟ ଏବଂ ତାଙ୍କପତ୍ନୀ ୟୁଜିନ ଇଚ୍ଛାମୃତ୍ୟୁ ମାଧ୍ୟମରେ ପ୍ରାଣ ହରାଇଛନ୍ତି। ଉଭୟଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ହେଲା ସ୍ୱାମୀସ୍ତ୍ରୀ ଅସୁସ୍ଥ ଥିଲେ। ଏଥିପାଇଁ ପୂର୍ବରୁ କୋର୍ଟଙ୍କଠାରୁ ଇଚ୍ଛାମୃତ୍ୟୁ ଲୋଡ଼ିଥିଲେ। ଡାକ୍ତରଙ୍କ ସହାୟତାରେ ଉଭୟ ଅନ୍ତିମ ନିଶ୍ୱାସ ନେଇଥିଲେ। ଏହି ସମୟରେ ଉଭୟେ ପରସ୍ପରର ହାତ ଧରି ଥିଲେ। ଡ୍ରାଇସ ନିଜ ପତ୍ନୀଙ୍କ ନାମ ନେଇ ଚାଲିଥିଲେ। ମୃତ୍ୟୁପରେ ଉଭୟଙ୍କୁ କବର ଦିଆଯାଇଛି।

## ଅଭିନେତ୍ରୀ ମଲ୍ଲିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲକ୍ଷ୍ନୌ, ୧୩।୨ (ଏଜେନ୍ସି):** ଉତ୍ତରପ୍ରଦେଶ ସୁଲତାନପୁର ସୀତାକୁଣ୍ଡ ଅଞ୍ଚଳ ସ୍ଥିତ ଘରୁ ଅଭିନେତ୍ରୀ ତଥା ଗାୟିକା ବିଜୟଲକ୍ଷ୍ମୀ ଓରଫ ମଲ୍ଲିକା ରାଜପୁତଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ଫ୍ୟାନ୍ରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ମାତ୍ର ଏହାକୁ ନେଇ ସଂଶୟ ଜାରି ରହିଛି। ମୃତଦେହ ଝୁଲୁଥିବାବେଳେ ତାଙ୍କ ପ୍ରକୋଷ୍ଠର କବାଟ ଖୋଲା ଥିଲା। ଏହି ସମୟରେ ତାଙ୍କ ମାଆବାପା ମଧ୍ୟ ଘରେ ଥିଲେ। ରାତିରେ ଝିଅ ସହ ଯୁକ୍ତିତର୍କ ହୋଇଥିଲା ବୋଲି ମାଆ ସ୍ୱୀକାର କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ପ୍ରକୋଷ୍ଠକୁ ସିଲ୍ କରିଦେଇଛି। ସେ ମୁମ୍ବାଇର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ପରେ ବିବାଦ ହେବାରୁ କିଛି ମାସ ହେଲା ଘରକୁ ଫେରିଥିଲେ। ସେ ଗୀତିକାର ସାନ, ଜଗଜିତ ସିଂହ, ଅନୁପ ଜଲୋଟା ଏବଂ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ସହ କାମ କରିଥିଲେ।

## ପୁଣି ଜୟାଙ୍କୁ ପ୍ରାର୍ଥୀ କଲା ଏସ୍‌ପି

**ଲକ୍ଷ୍ନୌ, ୧୩।୨ (ଏଜେନ୍ସି):** ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍‌ପି) ଅଭିନେତ୍ରୀ ଜୟା ବଚନଙ୍କୁ ପୁଣିଥରେ ରାଜ୍ୟସଭା ପ୍ରାର୍ଥୀ କରିଛି। ତାଙ୍କ ସହିତ ପୂର୍ବତନ ସାଂସଦ ରାମଜିଲାଲ ସୁମନ ଏବଂ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆଲୋକ ରଞ୍ଜନଙ୍କୁ ଉଚ୍ଚ ସଦନ ପାଇଁ ଟିକେଟ ଦେଇଛି। ସମସ୍ତ ପ୍ରାର୍ଥୀ ମଙ୍ଗଳବାର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି।

## ରାଜସ୍ଥାନରୁ ରାଜ୍ୟସଭା ଯିବେ ସୋନିଆ

**ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ଚଳିତ ଥର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ। ସେ ରାଜସ୍ଥାନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଆସନରୁ ରାଜ୍ୟସଭାକୁ ଯିବେ ବୋଲି ସୂଚନା ମିଳିଛି। ସୋନିଆ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିବେ। ଏହି ସମୟରେ ତାଙ୍କ ସହ ପୁଅ ରାହୁଲ ଗାନ୍ଧୀ, ଝିଅ ପ୍ରିୟଙ୍କା ଭଦ୍ରା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଉପସ୍ଥିତ ରହିବେ।

## ମଣିପୁରରେ ପୁଣି ହିଂସା; ୨ ମୃତ

**ଇମ୍ଫାଲ, ୧୩।୨ (ଏଜେନ୍ସି):** ମଣିପୁରରେ ପୁଣି ହିଂସା ହୋଇଛି। ଇମ୍ଫାଲ ଇଷ୍ଟର ଖାମେନଲୋକ ଏବଂ ପୁଖାଓ ସନ୍ତପୁର ଅଞ୍ଚଳରେ କୁକି ଏବଂ ମେଇତି ସମ୍ପ୍ରଦାୟର ଲୋକ ମୁହାଁମୁହିଁ ହୋଇଛନ୍ତି। ପରସ୍ପର ଉପରେ ଗୁଳିମାଡ଼ କରିଛନ୍ତି। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତିନି ଜଣ ଆହତ ହୋଇଛନ୍ତି। କ୍ରମାଗତ ଭାବେ ଗୁଳିମାଡ଼ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ବଡ଼ ଘୋଷଣା କରିଛନ୍ତି। ୧୯୬୧ ପରେ ରାଜ୍ୟକୁ ଆସିଥିବା ଲୋକଙ୍କୁ ଚିହ୍ନଟ କରି ବାହାର କରାଯିବ ବୋଲି କହିଛନ୍ତି। ଏମାନଙ୍କ ମଧ୍ୟରେ ଯେକୌଣସି ଜାତି କିମ୍ବା ସମ୍ପ୍ରଦାୟର ଲୋକ ସାମିଲ ଥିଲେ ବି କ୍ଷମା ଦିଆଯିବ ନାହିଁ।

### ■ ଆବୁଧାବି ଷ୍ଟାଡିୟମ୍‌ରେ 'ଏହଲାନ ମୋଦୀ' କାର୍ଯ୍ୟକ୍ରମ

## ୬୦ ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କଲେ ମୋଦୀ

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଏକବିଂଶ ଶତାବ୍ଦୀରେ ଭାରତ ଏବଂ ମିଳିତ ଆରବ ଆମିରାତ୍(ୟୁଏଇ) ମଧ୍ୟରେ ବନ୍ଧୁତ୍ୱ ଶିଖର ଛୁଇଁଛି। କେବଳ ବ୍ୟବସାୟିକ ସମ୍ପର୍କ ନୁହେଁ, ବରଂ ସଂସ୍କୃତି, ଗବେଷଣା,ଶିକ୍ଷା ଏବଂ ବୈଷୟିକ କ୍ଷେତ୍ରରେ ମଧ୍ୟ ଉଭୟ ରାଷ୍ଟ୍ର ମଧ୍ୟରେ ସହଯୋଗ ଇତିହାସ ରଚିବା ସହିତ ଭବିଷ୍ୟତ ପାଇଁ ମଧ୍ୟ ନୂଆ ରେକର୍ଡ କରିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆବୁଧାବିସ୍ଥିତ ଜାୟେଦ ସ୍ପୋର୍ଟସ ସିଟି ଷ୍ଟାଡିୟମରେ ୬୦ ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି କହିଛନ୍ତି। ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଏହି ଗସ୍ତକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୭ ଥର ୟୁଏଇ ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଭାବେ କେବଳ ତାଙ୍କୁ ନୁହେଁ, ବରଂ ଏଠାରେ



ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କୁ ୟୁଏଇ ପକ୍ଷରୁ ଯେଉଁଳି ସମର୍ଥନ ଏବଂ ସହଯୋଗ ମିଳୁଛି ତାହା ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ ନହ୍ୟାନଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଏଥିପାଇଁ ସେ ୬୦ ହଜାର ଭାରତୀୟଙ୍କ ସମ୍ମୁଖରେ ରାଷ୍ଟ୍ରପତି ବିନ୍ ଜାୟେଦଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ୟୁଏଇ ବର୍ତ୍ତମାନ ଭାରତର ତୃତୀୟ ବ୍ୟାବସାୟିକ ସହଯୋଗୀ ରାଷ୍ଟ୍ର ଭାବେ ପ୍ରତିଷ୍ଠାଲାଭ କରିଥିବା ବେଳେ

### ଆଜି ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ

ଶିକ୍ଷା, ବୈଷୟିକ କ୍ଷେତ୍ର, ସ୍ୱାସ୍ଥ୍ୟ, ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଉଭୟ ରାଷ୍ଟ୍ର ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗ ଆଗାମୀ ଦିନରେ ନୂଆ ଇତିହାସ ସୃଷ୍ଟି କରିବ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦିନିଆ ୟୁଏଇ ଗସ୍ତରରେ ଯାଇ ମଙ୍ଗଳବାର ଆବୁଧାବିରେ ପହଞ୍ଚିବା ପରେ ତାଙ୍କୁ ବିମାନ ବନ୍ଦରରେ ରାଷ୍ଟ୍ରପତି ବିନ୍ ଜାୟେଦ୍ ସ୍ୱାଗତ କରିଥିଲେ। ଏହାପରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ପରେ ଉଭୟ ନେତା ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ 'ଆଜି ପ୍ରତ୍ୟେକ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଭାଗିଦାରୀ ରହିଛି। ଆମେ ଆଗକୁ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛୁ। ସମ୍ପର୍କର ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଥିଲେ। ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଆସନ୍ତାକାଲି ମୋଦୀ ଏଠାରେ ନିର୍ମାଣ କରାଯାଇଥିବା ପ୍ରଥମ ହିନ୍ଦୁ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ କରିବେ।

## ଲୋକସଭାର କୌଣସି ଚର୍ଚ୍ଚାରେ ଭାଗନେଲେନି ଶତ୍ରୁଘ୍ନ-ସନ୍ନି

ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି)

ଗତ ୧୦ ତାରିଖରେ ସପ୍ତଦଶ ଲୋକସଭାର ଶେଷ ଅଧିବେଶନ ଶେଷ ହୋଇଥିଲା। ବିଗତ ୫ ବର୍ଷରେ ଲୋକସଭାର ମୋଟ ୨୭୪ ବୈଠକ ବସିଥିଲା। ଏହି ସମୟରେ କୌଣସି ଚର୍ଚ୍ଚାରେ ବିଜେପି ସାଂସଦ ସନ୍ନି ଦେଓଲ ଏବଂ ଟିଏମ୍‌ସି ସାଂସଦ ଶତ୍ରୁଘ୍ନ ସିହ୍ନା ସାମିଲ ହୋଇ ନ ଥିଲେ। ପିଆର୍‌ଏସ୍ ଲେଜିସଲେଟିବ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଶତ୍ରୁଘ୍ନ ପଶ୍ଚିମବଙ୍ଗର ଆସନସୋଲ ଏବଂ ସନ୍ନି ପଞ୍ଜାବର ଗୁରଦାସପୁରରୁ ଲୋକସଭାକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଏହି ଦୁଇ ଅଭିନେତାଙ୍କ ବ୍ୟତୀତ ବିଜେପିର ରମେଶ ଜିଗାଜିନାଗି, ବିଏନ ବଚେଗୌଡ଼ା, ପ୍ରଧାନ ବରୁଆ, ଅନନ୍ତ କୁମା ହେଗଡେ ଏବଂ ଭି ଶ୍ରୀନିବାସ ପ୍ରସାଦ, ଟିଏମ୍‌ସିର ଦିବ୍ୟେନ୍ଦୁ ଅଧିକାର ଏବଂ ବିଏସ୍‌ପିର ଅତୁଲ ସିଂହ ମଧ୍ୟ କୌଣସି ଚର୍ଚ୍ଚାରେ ସାମିଲ ହୋଇନାହାନ୍ତି।



ବିଜେପିର କାଙ୍କେର ଏବଂ ଆଜମେର ସାଂସଦ ସବୁ ବୈଠକରେ ଉପସ୍ଥିତ ଥିଲେ।

## ଆପ୍ କବ୍‌ଜାରେ ହାଇକୋର୍ଟ ଜମି

ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି)

### ତୀବ୍ର ଭର୍ତ୍ସନା କଲେ ସୁପ୍ରିମକୋର୍ଟ

ରାଉଜ ଆଭିନ୍ୟୁରେ ଦିଲ୍ଲୀ ହାଇକୋର୍ଟଙ୍କୁ ପ୍ରଦାନ କରାଯାଇଥିବା ଏକ ଜମିକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମୀ ପାର୍ଟି (ଆପ୍) ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ଜମିରେ ଦଳୀୟ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଜମି କବ୍ଜାକୁ ନେଇ ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ଏବଂ ଆପ୍‌କୁ ତୀବ୍ର ଭର୍ତ୍ସନା କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମାମଲା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆପ୍‌କୁ ପ୍ରଶ୍ନବାଣ ମାରିଛନ୍ତି। କେହି ଆଇନକୁ ହାତକୁ ନେଇପାରିବେ ନାହିଁ। ଏକ ରାଜନୈତିକ ଦଳ ଆଇନକୁ ହାତକୁ ନେଇ କେମିତି ଚୁପ୍ ହୋଇ ବସିପଡ଼ିଛି? ଏହି ଜମିକୁ ହାଇକୋର୍ଟଙ୍କୁ ତୁରନ୍ତ ପ୍ରଦାନ କରାଯିବା ଉଚିତ। ହାଇକୋର୍ଟ ଏହି ଜମିକୁ ଜନସାଧାରଣଙ୍କ ପାଇଁ ବ୍ୟବହାର କରିବେ। ଯଦି ଏପରି କରିବାର ଥିଲା ତେବେ ହାଇକୋର୍ଟଙ୍କୁ କାହିଁକି ଜମି ଦିଆଯାଇଥିଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହି ମାମଲାରେ ଆପ୍ ପକ୍ଷରୁ ଲଢୁଥିବା ଓକିଲଙ୍କୁ କୋର୍ଟ ଚେତାବନୀ ଦେଇଛନ୍ତି। ହାଇକୋର୍ଟଙ୍କୁ ଜମି ଫେରାଇବା ପାଇଁ କହିଛନ୍ତି। ଏହି ମାମଲାର ସମାଧାନ ଲାଗି ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ସହ ବୈଠକ କରିବାକୁ ଦିଲ୍ଲୀ ସରକାରଙ୍କ ମୁଖ୍ୟ ସଚିବ, ପୂର୍ତ୍ତ ବିଭାଗ ସଚିବ ଏବଂ ଅର୍ଥ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ସିଇସି ନିଯୁକ୍ତି ଆଇନରେ କଟକଣାକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି) ନିଯୁକ୍ତି ଆଇନ ଉପରେ କଟକଣା ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହି ଆଇନରେ ସିଇସି ନିଯୁକ୍ତି କମିଟିରୁ ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ବାଦ ଦିଆଯାଇଛି। ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ସିଇସି ନିଯୁକ୍ତି ଆଇନର ସାମ୍ବିଧାନିକ ବୈଧତାକୁ ବିରୋଧ କରାଯାଇଥିଲା। ଏହାର ଶୁଣାଣି କରି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଥିଲେ ଯେ କ୍ଷମା କରିବେ, ଏହି ମାମଲାରେ କୌଣସି ଆଶ୍ୱସ୍ତି ପ୍ରଦାନ କରିପାରିବୁ ନାହିଁ। ସାମ୍ବିଧାନିକ ବୈଧତାର ମାମଲା କେବେ ନିରର୍ଥକ ହୋଇ ନ ଥାଏ। ଏହି ମାମଲାରେ କୋର୍ଟ କେନ୍ଦ୍ର ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଏପ୍ରିଲରେ ଏହାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି।

## କୋଟାରେ ୨୦ ଦିନରେ ଚତୁର୍ଥ ଛାତ୍ରଙ୍କ ଆତ୍ମହତ୍ୟା

**କୋଟା, ୧୩।୨ (ଏଜେନ୍ସି):** କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଥମିବାର ନା ଧରୁନି। ଏଠାରୁ ଚଳିତ ବର୍ଷର ଚତୁର୍ଥ ଆତ୍ମହତ୍ୟା ମାମଲା ସାମ୍ନାକୁ ଆସିଛି। ଛତିଶଗଡ଼ ସୁରଜପୁରର ଛାତ୍ର ଶୁଭକୁମାର ଚୌଧୁରୀ (୧୬)ସୋମବାର ରାତିରେ ପଙ୍ଖାରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସେ ୨ ବର୍ଷ ହେଲା କୋଟାରେ ରହି ଜେଇଇ ପାଇଁ ପ୍ରସ୍ତୁତ ହେଉଥିଲେ। ସୋମବାର ରାତିରେ ଜେଇଇ ଫଳାଫଳ ପ୍ରକାଶ ପାଇଥିଲା। ଏହା ପରେ ଛାତ୍ର ଚରମ ନିଷ୍ପତ୍ତି ନେଇଥିଲେ। ଏହା ପୂର୍ବରୁ ଗତ ବର୍ଷ କୋଟାରେ ୨୬ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-230 ◆BHUBANESWAR ◆WEDNESDAY ◆14 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୦ ◆ଭୁବନେଶ୍ୱର ◆ବୁଧବାର ◆୧୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


## ଆଜି ୮ ଜିଲ୍ଲାରେ ବର୍ଷା

**ଘନ କୁହୁଡ଼ି ପାଇଁ ୨ ଦିନ ଚେତାବନୀ**

**ଭୁବନେଶ୍ୱର, ୧୩।୨(ସମିସ):** ସରସ୍ୱତୀ ପୂଜାରେ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ଯୋଗୁଁ କିଛି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ଦେବଗଡ଼, ବରଗଡ଼ ଆଦିରେ ବର୍ଷା ଆଶଙ୍କା ରହିଛି। ସରସ୍ୱତୀ ପୂଜା ସହିତ ଗୁରୁବାର ଓ ଶୁକ୍ରବାର ମଧ୍ୟ କିଛି ଜିଲ୍ଲାରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ରାଜ୍ୟର ଅନେକ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ଅନୁଭୂତ ହେବ ବୋଲି ବିଭାଗ ଆକଳନ କରିଛି। କେନ୍ଦ୍ର କହିଛି ଯେ ମଙ୍ଗଳବାର ବିଳମ୍ବିତ ରାତିରୁ ବୁଧବାର ସକାଳ ସାଢ଼େ ୮ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କନ୍ଧମାଳ ଜିଲ୍ଲାର ଘନ କୁହୁଡ଼ି ଆଶଙ୍କା ରହିଛି। ସେହିପରି ୧୪ତାରିଖ ରାତିରୁ ୧୫ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋଆଲର୍ଟ ଜାରି କରିଛି। ଅନ୍ୟପଟେ ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।






# ଚାଷୀଙ୍କ ସହ ଥିଲି, ଅଛି, ରହିବି: ମୁଖ୍ୟମନ୍ତ୍ରୀ

## ସାନ୍ଧୁଲ, ମନଯୋର ପ୍ରକଳ୍ପ, ରେଙ୍ଗାଲି ଡ୍ୟାମ, ସମଲ ବ୍ୟାରେଜ କେନାଲ ସିଷ୍ଟମ ଉଦ୍‌ଘାଟିତ

**ଭୁବନେଶ୍ୱର,୧୩।୨(ସମିସ):** ରାଜ୍ୟର ସବୁ ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିୟମିତ ଭାବେ ବ୍ୟାପକ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ଆଜି କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ପାଇଁ ବିଭିନ୍ନ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ସାନ୍ଧୁଲ ବ୍ୟାରେଜ, ଅନୁଗୋଳ ଜିଲ୍ଲାର ମନଯୋର ଜଳସେଚନ ପ୍ରକଳ୍ପ ଏବଂ ରେଙ୍ଗାଳି ଡ୍ୟାମ ଓ ସମଲ ବ୍ୟାରେଜ କେନାଲ ସିଷ୍ଟମ କାର୍ଯ୍ୟକୁ ଲୋକାର୍ପିତ କରିଛନ୍ତି। ଏହି ପ୍ରକଳ୍ପ

- ■ କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଚାଷ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ
- ■ '୫-ଟି' ଉପକ୍ରମରେ ସାନ୍ଧୁଲ ବ୍ୟାରେଜ କାମ ଧାର୍ଯ୍ୟ ସମୟର ୫ ମାସ ପୂର୍ବରୁ ଶେଷ ହେଲା

ଦ୍ୱାରା କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ୩୨ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବ।

ରେଙ୍ଗାଳି ଡ୍ୟାମ ଓ ସମଲ ବ୍ୟାରେଜର କେନାଲ ପ୍ରଣାଳୀ କାମ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା କଟକ ଜିଲ୍ଲାର ଆଠଗଡ଼ ଓ ତିଗିରିଆ ବ୍ଲକ ଏବଂ ଢେଙ୍କାନାଳ ବ୍ଲକର ୧୫ ହଜାର ହେକ୍ଟର ଜମି ଜଳସେଚନ ହୋଇପାରିଛି ସେହିପରି ଆଠମଲ୍ଲିକରେ ମନଯୋର ପ୍ରକଳ୍ପର ସମ୍ପ୍ରସାରଣ ଦ୍ୱାରା ଆଠମଲ୍ଲିକ ବ୍ଲକ ଓ ଏନଏସିର ୨୮ଟି ଗାଁର ୫ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିଛି। ସାନ୍ଧୁଲ ବ୍ୟାରେଜ ପ୍ରକଳ୍ପ ମଧ୍ୟ ଶେଷ ହୋଇଛି। ଜଳସେଚନ ପାଇଁ ଭୂତଳ ପାଇପ ଲାଇନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଜି ଭିତ୍ତିପ୍ରସ୍ତର ଦେଇଛନ୍ତି। ଏହାଦ୍ୱାରା କଳାହାଣ୍ଡି ଜିଲ୍ଲାର କେସିଙ୍ଗା, କର୍ଲାମୁଣ୍ଡା ଓ ନର୍ଲା ବ୍ଲକର ୨୯ଟି ଗାଁର ୧୨, ୫୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀଙ୍କ ସହ ମୁଁ ଥିଲି, ଅଛି ଓ ଭବିଷ୍ୟତରେ ମଧ୍ୟ ରହିବି। ରାଜ୍ୟର ଚାଷୀଭାଇଙ୍କ ସ୍ୱାର୍ଥ ନିମନ୍ତେ '୫-ଟି' ଉପକ୍ରମରେ ରାଜ୍ୟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରାଯାଉଛି। ଗତ ଏକ ବର୍ଷ ମଧ୍ୟରେ ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ର, ଦେଓ, ସୁବର୍ଣ୍ଣରେଖା, ଲୋୟର ସୁକତେଲ ପରି ବଡ ବଡ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରାଯାଇ ପାଣି ଯୋଗାଇ ଦିଆଯାଉଛି। କାଳିଆ ଯୋଜନା, ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା, ମାଗଣାରେ ଫସଲବୀମା ସୁବିଧା, ଚାଷୀ ପରିବାରର ପିଲାଙ୍କ ପାଇଁ ଛାତ୍ରବୃତ୍ତି ବ୍ୟବସ୍ଥା ଏବଂ ଚାଷୀ ଭାଇ ଭଉଣୀଙ୍କ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ବିଭିନ୍ନ କଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ସହ ରାଜ୍ୟର ଚାଷୀ ପରିବାର ଯୋଡ଼ି ହୋଇ ରହିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଚାଷୀ ପରିବାରର ମା'ମାନେ ସବୁଠାରୁ ଅଧିକ ସାମିଲ ହୋଇଛନ୍ତି ବୋଲି ସେ କହିବା ସହିତ ଆମର ନୂଆ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଓ 'ଲକ୍ଷ୍ମୀ' ଯୋଜନାରେ ଚାଷୀ ଭାଇ ଭଉଣୀମାନେ ସବୁଠାରୁ ଅଧିକ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଛନ୍ତି।




କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିବା ଅବସରରେ ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟରେ 'ନୂଆ-ଓ ଛାତ୍ରବୃତ୍ତି' ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଛାତ୍ରମାନଙ୍କ ପାଇଁ ୯ ହଜାର ଓ ଛାତ୍ରୀମାନଙ୍କ ପାଇଁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ରହିଛି। ଏହି ଯୋଜନା ବିଷୟରେ ଆପଣମାନେ ଘରେ ପିଲାମାନଙ୍କୁ ଜଣାନ୍ତୁ ଓ ଏହାର ସୁଯୋଗ ଲାଭ କରନ୍ତୁ ବୋଲି ସେ କହିଛନ୍ତି। ବଲାଙ୍ଗିରଠାରେ ଭିଡିଓ କନ୍‌ଫରେନ୍‌ସିଂରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଢେଙ୍କାନାଳରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ୫୦ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ଯାହା ହୋଇ ନ ଥିଲା, ୨୪ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣି ମୁଖ୍ୟମନ୍ତ୍ରୀ ତାହା କରି ଦେଖାଇଛନ୍ତି। କାର୍ଯ୍ୟକ୍ରମରେ କଳାହାଣ୍ଡିରେ ଉପସ୍ଥିତ ବିଧାୟକ ଭୂପିନ୍ଦର ସିଂ ଏବଂ ଢେଙ୍କାନାଳରେ ବିଧାୟକ ସୁଧିର କୁମାର ସାମଲ ମୁଖ୍ୟମନ୍ତ୍ରୀଙ୍କ ଏହି ଚାଷୀ ହିତୈଷୀ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଆଠମଲ୍ଲିକର ଦୁଇ ଚାଷୀ ସନ୍ତୋଷ ଷଣ୍ଢ ଓ ତପନ ପାତ୍ର କହିଛନ୍ତି ଯେ ପୂର୍ବରୁ ସେମାନେ ଚାଷ ପାଇଁ ବର୍ଷା ଜଳ ଉପରେ ନିର୍ଭର କରୁଥିଲେ, ଏବେ ମନଯୋର ପ୍ରକଳ୍ପ ମାଧ୍ୟମରେ ସଠିକ ଭାବେ ଚାଷ କରି ଜମିରୁ ଅଧିକ ଫସଲ ଅମଳ କରି ଲାଭବାନ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ନିକଟରେ ଉଭୟ କୃତଜ୍ଞତା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ ଜଳ ସମ୍ପଦର ବିକାଶକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। କଳାହାଣ୍ଡି ଜିଲ୍ଲାର ସାନ୍ଧୁଲ ପ୍ରକଳ୍ପ ୫-ଟି ଉପକ୍ରମରେ ଆରମ୍ଭ ହୋଇ ଧାର୍ଯ୍ୟ ସମୟର ୫ ମାସ ପୂର୍ବରୁ ଶେଷ ହୋଇଛି। ଆଜି କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପଗୁଡ଼ିକ ଚାଷୀ ଭାଇଭଉଣୀମାନଙ୍କ ପାଇଁ ବହୁ ଉପଯୋଗୀ ହେବ ବୋଲି ସେ କହିଛନ୍ତି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟସଭା ନିର୍ବାଚନ**

# ଦେବାଶିଷ ଓ ଶୁଭାଶିଷଙ୍କ ନାମାଙ୍କନ



**ଭୁବନେଶ୍ୱର,୧୩।୨(ସମିସ):** ବିଜୁ ଜନତା ଦଳର ରାଜ୍ୟସଭା ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ଆଜି ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଉଭୟ ନେତା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦୁଇଟି ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମୟରେ ବରିଷ୍ଠ ବିଜେଡି ନେତା ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ବିଧାୟକ ପ୍ରତାପ ଜେନାଙ୍କ ସମେତ ବହୁ ବରିଷ୍ଠ ମନ୍ତ୍ରୀ, ବିଧାୟକ ଓ ନେତା ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଶ୍ରୀ ଖୁଣ୍ଟିଆଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ବିଜେଡି ବିଧାୟକ ମନୋହର ରନ୍ଧାରୀ ଶ୍ରୀ ସାମନ୍ତରାୟଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ଭାରତୀୟ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ ଦୁଇ ପ୍ରାର୍ଥୀଙ୍କୁ ରସିଦ ପ୍ରଦାନ କରାଯାଇଛି। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଫେବ୍ରୁଆରି ୧୫ ରହିଥିବା ବେଳେ ଆସନ୍ତାକାଲି ସରସ୍ୱତୀ ପୂଜାକୁ ଦୃଷ୍ଟିରେ ରଖି ଛୁଟି ରହିବ ବୋଲି ରିଟର୍ଣ୍ଣିଂ ଅଫିସର ଅବନୀକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଫେବ୍ରୁଆରି ୨୭ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବାକୁ ଥିବା ବେଳେ ସେହିଦିନ ଅପରାହ୍ନ ୫ଟାରେ ଭୋଟ୍ ଗଣତି ହେବ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେଡି ସାଂସଦ ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ସରିବା ପରେ ଏପ୍ରିଲ ମାସରେ ଓଡ଼ିଶାର ୩ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। ତେଣୁ ରାଜ୍ୟରେ ୩ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି।

ଏହି ଅବସରରେ ଦେବାଶିଷ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଯାହା ଚାହିଁବେ, ତାହାକୁ ଅକ୍ଷରେଅକ୍ଷରେ ପାଳନ କରିବି। ମୁଖ୍ୟମନ୍ତ୍ରୀ ମୋ ଉପରେ ଆସ୍ଥା ପ୍ରକଟ କରି ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିବେ ତାହାକୁ ସୂଚାରୁରୂପେ ତୁଲାଇବାକୁ ସମ୍ପୂର୍ଣ୍ଣ ଚେଷ୍ଟା କରିବି। ସେହିପରି ନିଜ ପ୍ରତିକ୍ରିୟାରେ ଶୁଭାଶିଷ କହିଛନ୍ତି ଯେ ଆମ ଭଳି ଯୁବକଙ୍କୁ ରାଜ୍ୟସଭାକୁ ପଠାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରା ଯୁବବର୍ଗଙ୍କୁ ପ୍ରୋତ୍ସାହନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତି ପାଇଁ କୃତଜ୍ଞତା ଜ୍ଞାପନ କରୁଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥ ଉଠାଇବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି।

# ଆଜି ରଥକାଠ ଅନୁକୂଳ ପୂଜା



**ପୁରୀ,୧୩।୨(ସମିସ):** ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ବୁଧବାର ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ରଖାଯାଇଛି। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା ହେବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ ଖଣ୍ଡ ବଳକା ରହିଛି। ବାକି ୮୧୨ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଶ' ମିଲ୍‌କୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଅଣାଯିବ। ତେବେ ଗତ ଶୁକ୍ରବାର ନୟାଗଡ଼ରୁ ୩ଟି ଟ୍ରକ୍‌ରେ ୧୦୨ ଖଣ୍ଡ କାଠ ଆସି ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ଏବଂ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ତେଣୁ ବୁଧବାର ରଥକାଠ ଅନୁକୂଳ ପୂଜା ହେବ। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।






୧୩/୨/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୨୮,୬୬୭/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୯୫.୦୦୦ ଗ୍ରାମ୍



# ପରିକ୍ରମା ମାର୍ଗ ବୁଲିଲେ ୧୦,୦୦୦ ଶ୍ରଦ୍ଧାଳୁ



ପୁରୀ, ୧୩।୨(ସମିସ): ମଙ୍ଗଳବାର ୬ ଜିଲ୍ଲାର ୧୦, ୦୦୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। ଗଞ୍ଜାମ ଜିଲ୍ଲାର ୧୦୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୭ଟି ବସ୍‌ରେ ୨, ୧୨୦ ଜଣ, ଢେଙ୍କାନାଳ ଜିଲ୍ଲାର ୫୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୫ଟି ବସ୍‌ରେ ୧, ୧୨୦ଜଣ, କେନ୍ଦୁଝର ଜିଲ୍ଲାର ୧୧୭ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୨ଟି ବସ୍‌ରେ ୨, ୩୪୦ ଜଣ, ମୟୂରଭଞ୍ଜ ଜିଲ୍ଲାର ୧୧୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୦ଟି ବସ୍‌ରେ ୨, ୨୬୦ ଜଣ, କଟକ ଜିଲ୍ଲାର ୭୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୮ଟି ବସ୍‌ରେ ୧, ୪୪୦ ଜଣ, ବୌଦ୍ଧ ଜିଲ୍ଲାର ୩୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୧୬ଟି ବସ୍‌ରେ ୭୨୦ ଜଣ ଏହିପରି ମୋଟ ୧୦, ୦୦୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିରେ ପହଞ୍ଚିଥିଲେ। ସେଠାରୁ ଫିଡ଼ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲାଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ସେହିପରି ବୁଧବାର ୫ଟି ଜିଲ୍ଲାରୁ ୭, ୭୦୦ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ବୁଲି ଦିବ୍ୟ ଅନୁଭୂତି ସାଉଣ୍ଟିବେ।

## ଘନ କୁହୁଡ଼ି ଯୋଗୁଁ ବାଟବଣା ଭେସେଲ

**ପୁରୀ, ୧୩।୨(ସମିସ):** ଘନ କୁହୁଡ଼ି ଯୋଗୁ ଚିଲିକାରେ ବାଟବଣା ହୋଇଛି ଭେସେଲ। ସୋମବାର ରାତିରୁ ପୁରୀ ଜିଲ୍ଲାରେ ଘନ କୁହୁଡ଼ି ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ କୁହୁଡ଼ିର ଏହି ସ୍ଥିତି ଲାଗି ରହିଥିଲା। ତେବେ ସକାଳ ପ୍ରାୟ ୯ଟାରେ ଜହ୍ନିକୁଦା ଘାଟରୁ ଏକ ଭେସେଲ ସାତପଡ଼ା ଅଭିମୁଖେ ଆସୁଥିଲା। ଏଥିରେ ଗୋଟିଏ ବସ୍ ସମେତ ପ୍ରାୟ ୩୦ ବାଇକ୍ ଏବଂ ଲୋକ ରହିଥିଲେ। ମାତ୍ର ମଝି ଚିଲିକାରେ କୁହୁଡ଼ି ଏତେ ମାତ୍ରାରେ ଥିଲା ଯେ, ଭେସେଲ ଚାଳକ ଚ୍ୟାନେଲକୁ ଠିକ୍ ଭାବେ ଜାଣିପାରି ନ ଥିଲେ। ତେଣୁ ଚ୍ୟାନେଲ ବାହାରକୁ ଗଲେ ଭେସେଲ୍‌ଫ ଲାଗିଯିବାର ଭୟ ମଧ୍ୟ ଥିଲା। ତେଣୁ ମଝିରେ ଭେସେଲ୍‌ଫକୁ ସ୍ଥିର ରଖିଥିଲେ। ଏହାଦେଖି ଯାତ୍ରୀମାନେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ପ୍ରାୟ ୩୦ ମିନିଟ୍ ଅଟକି ରହିବା ପରେ ଧୀରେ ଧୀରେ କୁହୁଡ଼ିର ଗାଢତା କମିଥିଲା। ଏହାପରେ ଚାଳକ ଭେସେଲକୁ ଆଗକୁ ଚଳାଇଥିଲେ। ସାତପଡ଼ାରେ ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ପହଞ୍ଚିଥିଲେ। ତେବେ ଘନ କୁହୁଡ଼ି ଯୋଗୁ ମଝି ଚିଲିକାରେ ପ୍ରାୟ ଅଧଘଣ୍ଟା ଭେସେଲ୍‌ଫ ଅଟକିବା କିଛି ନୂଆ ନୁହେଁ। ପୂର୍ବରୁ ଅନେକଥର ଭେସେଲ୍‌ଫ ଚିଲିକା ମଝିରେ ଅଟକିଛି। କେତେବେଳେ ଚ୍ୟାନେଲ୍ ବାହାରକୁ ପଳାଇବା ପାଇଁ ତ ପୁଣି କେତେବେଳେ ପାଣି ଶୁଖିଗଲେ ଯାତ୍ରୀଙ୍କୁ ହଟହଟା ହେବାକୁ ପଡ଼ିଛି। ଜହ୍ନିକୁଦାରୁ ସାତପଡ଼ା ପ୍ରାୟ ୫ କିମି ଚିଲିକାର ଜଳରାଶିରେ ଯାତ୍ରୀମାନେ ଭେସେଲ ଏବଂ ଡଙ୍ଗାରେ ଯାତାୟାତ କରିଥାନ୍ତି। ଦୀର୍ଘବର୍ଷ ହେବ ଚିଲିକାରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ରାଷ୍ଟ୍ରୀୟ ମହିଳା ଦିବସ ପାଳିତ

**ପୁରୀ, ୧୩।୨(ସମିସ):** ନରେନ୍ଦ୍ରକୋଣସ୍ଥିତ ପୁରୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥଧାମ ଶାଖା ପକ୍ଷରୁ ରାଷ୍ଟ୍ରୀୟ ମହିଳା ଦିବସ ଏବଂ ସରୋଜିନୀ ନାଇଡୁଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଦେଶର ପ୍ରଥମ ମହିଳା ରାଜ୍ୟପାଳ ଶ୍ରୀମତୀ ନାଇଡୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ସହଯୋଗୀ ଭାବେ ଅତୁଳନୀୟ ଅବଦାନ ରଖିଥିଲେ। ଏଥିସହ ଇଂରାଜୀ କବି ଭାବେ ଭାରତୀୟ ଇଂରାଜୀ ସାହିତ୍ୟ ଇତିହାସରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିଆରସିଂଙ୍କ ସଭାପତିତ୍ୱରେ ସଭାରେ ଅତିଥି ଭାବେ ଶାଖା ସଙ୍ଗଠନ ସଚିବ ସନ୍ତୋଷ କୁମାର ମହାନ୍ତି, ପ୍ରାନ୍ତ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସ, ରାଷ୍ଟ୍ରୀୟ ମହିଳା ଓ ବାଲ୍ ସଂସ୍କାର ସଚିବ ସୁପ୍ରିତୀ ରଥ ଯୋଗଦେଇ ମହିଳା ଦିବସର ପୃଷ୍ଠଭୂମି ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ଧାମ ଶାଖା ସଚିବ ରାମ ଚନ୍ଦ୍ର ଦଳାଇଙ୍କ ସଂଯୋଜନାରେ ଆୟୋଜିତ ସଭା ଆରମ୍ଭରେ ବନ୍ଦେ ମାତରଂ ଏବଂ ଶେଷରେ ରାଷ୍ଟ୍ର ଗାନ କରାଯାଇଥିଲା। ଏନିମିଆ ମୁକ୍ତ ଭାରତ ଅଭିଯାନରେ ଛାତ୍ରୀମାନଙ୍କ ରକ୍ତରେ ଲୋହିତ ରକ୍ତ କଣିକା ପରୀକ୍ଷଣ କରାଯାଇଥିଲା। କିଶୋର କୁମାର ପଟ୍ଟନାୟକ, ପ୍ରଣତି ମହାନ୍ତି, କବିତା ପଟନାୟକ, କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଧ୍ୟାତ୍ମିକ ଚେତନା ଜାଗରଣରେ ଭିତରଛ ମଧୁସୂଦନ ସ୍ମରଣୀୟ

ପୁରୀ, ୧୩।୨(ସମିସ)



ଶ୍ରୀକ୍ଷେତ୍ର ଆସ। ଜଗନ୍ନାଥଙ୍କୁ ମନପୂରେଇ ଦେଖ। ତାଙ୍କ ସେବାରେ ସମର୍ପିତ ହୋଇଯାଅ। ଦେଖିବ ନିଜ ସହ ପରିବାର ଓ ସମାଜ ଆଧ୍ୟାତ୍ମିକ ଚେତନାରେ ଅମୃତମୟ ହେବ। ଜଗନ୍ନାଥ ଭକ୍ତଙ୍କୁ ଏପରି ଭାବଗର୍ଭକ ଆହ୍ୱାନ ଦେଉଥିବା ମଣିଷ ଥିଲେ ଭିତରଛ ମଧୁସୂଦନ ମହାପାତ୍ର। ଯିଏ ମୃତ୍ୟୁ ପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ଠାକୁରଙ୍କ ସେବା ନିଷ୍ଠାର ସହ କରୁଥିଲେ। ଭିତରଛ ମଧୁସୁଦନଙ୍କ ଦ୍ୱାଦଶ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସ୍ମୃତି ସଂସଦ ପକ୍ଷରୁ ମଙ୍ଗଳବାର ସିଂହଦ୍ୱାରଠାରେ ଅନୁଷ୍ଠିତ ବସନ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ତଳୁଛ ନୀଳକଣ୍ଠ ମହାପାତ୍ର, ଗବେଷକ ଡ. ଭାସ୍କର ମିଶ୍ର, ସମାଜସେବୀ ବଦ୍ରି ମିଶ୍ର, କୋଠ ସେବକ ବିଶ୍ୱନାଥ ସାମନ୍ତରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଧୁସୂଦନଙ୍କ ସ୍ମୃତିଚାରଣ କରିଥିଲେ। ଝାଞ୍ଜପିଟା ମଠ ମହନ୍ତ ସଚ୍ଚିଦାନନ୍ଦ ଦାସଙ୍କ ସଭାପତିତ୍ୱ ଓ ସମ୍ପାଦକ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାପୁଡ଼ିଆ ମଠାଧୀଶ ମହାମଣ୍ଡଳେଶ୍ୱର ରାମକୃଷ୍ଣ ଦାସ, ସୁରୁଙ୍ଗି ମଠ ମହନ୍ତ ବ୍ରଜେନ୍ଦ୍ର ନନ୍ଦନ ଦାସ, ପୂଜାପଣ୍ଡା ସେବକ ଗୋବିନ୍ଦ ଚନ୍ଦ୍ର ବଡ଼ପଣ୍ଡା ସାମନ୍ତ, ସିଂହାରୀ ସେବକ ସତ୍ୟନାରାୟଣ ସିଂହାରୀ, ଗରାବଡୁ ସେବକ ରାଧାନାଥ ପ୍ରତିହାରୀ, ଶ୍ରୀମନ୍ଦିର ପ୍ରଶାସନର ପ୍ରାକ୍ତନ ଅଧିକାରୀ କୃଷ୍ଣଚନ୍ଦ୍ର ଆପଟ, ପଣ୍ଡା ନିଯୋଗର କୃତି ଓ ଶୃଙ୍ଖଳିତ ଶିକ୍ଷାର୍ଥୀ ଚିନ୍ମୟ ସାହୁଙ୍କୁ ଅତିଥିମାନେ ସମ୍ମାନ ପ୍ରଦାନ କରିଥିଲେ। ସେବକ ଭିତରଛ ହରେକୃଷ୍ଣ ମହାପାତ୍ର, ହରିହର ପୂଜାପଣ୍ଡା ସାମନ୍ତ, ଅଧିବକ୍ତା ଜଗବନ୍ଧୁ ଗଡ଼ନାୟକ ପ୍ରମୁଖ ଏହି ଉତ୍ସବ ସଞ୍ଚାଳନ ଓ ସଂଯୋଜନା କରିଥିଲେ। ପରେ ପରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଭକ୍ତି ପରିବେଷଣ କରିଥିଲେ। ଏହି ଅବସରରେ ପୁରୀ ମୁଖ୍ୟ ଚିକିତ୍ସାଳୟର ଶିଶୁ ଓ ମହିଳା ବିଭାଗରେ ସମାଜସେବୀ ବଦ୍ରି ମିଶ୍ର ଓ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ସୁପରିଚାଳନାରେ ଫଳ ବଣ୍ଟନ କରାଯାଇଥିଲା। ପରେ ପରେ ଭାରତବର୍ଷର ସନ୍ଥ ଖଡ଼ଗପୁର ସାଧୁବାବାଙ୍କ ପ୍ରେରଣାରେ ନଗର କୀର୍ତ୍ତନ କରାଯାଇଥିଲା।

## ଡୋରଷ୍ଟେପ ରିପେୟାର ସର୍ଭିସ ପ୍ରକଳ୍ପ ଉପସ୍ଥାପନା

**ପୁରୀ, ୧୩।୨(ସମିସ):** ନିକଟରେ ଶେଷ ହୋଇଥିବା ଷ୍ଟାର୍ଟଅପ୍ ଓଡ଼ିଶାର ଦୁଇଟି ଅଭିଯାନ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଓଡ଼ିଶା ଷ୍ଟାର୍ଟଅପ୍ ଏକ୍ସପ୍ରେସ୍‌ରେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନର ୩୬, ୦୦୦ରୁ ଅଧିକ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅଭିନବ ଅଭିଯାନର ଏକ ଦୃଷ୍ଟାନ୍ତମୂଳକ କାହାଣୀ ହେଉଛନ୍ତି ପୁରୀ ଜିଲ୍ଲା ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ବିତ କୁମାର ପ୍ରଧାନ। ସେ ଅନ୍‌ଲାଇନ ଡୋରଷ୍ଟେପ ରିପେୟାର ସର୍ଭିସ ଭଳି ଅଭିନବ ପ୍ରକଳ୍ପ ଉପସ୍ଥାପନ କରିଛନ୍ତି। କର୍ମଶାଳା, ମେଣ୍ଟରସିପ୍ ଅଧିବେଶନ ଏବଂ ପ୍ରତିଯୋଗିତାଗୁଡ଼ିକ ଏହି ଯୁବକମାନଙ୍କ ଚିନ୍ତାଧାରାକୁ କାର୍ଯ୍ୟକ୍ଷମ ଷ୍ଟାର୍ଟଅପ୍‌ରେ ପରିଣତ କରିପାରିଛି। ଓଡ଼ିଶାର ଯୁବପିଢ଼ୀଙ୍କଠାରୁ ୪, ୪୦୦ରୁ ଅଧିକ ଅଭିନବ ଚିନ୍ତାଧାରା ଆସିଥିଲା ଯାହା ରାଜ୍ୟ ଭିତରେ ସୃଜନଶୀଳତାର ବିବିଧତାକୁ ପ୍ରଦର୍ଶିତ କରୁଛି। ଷ୍ଟାର୍ଟଅପ୍‌ର ପରିବର୍ତ୍ତନ ଯାତ୍ରା କେବଳ ଓଡ଼ିଶାର ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ନାହିଁ। ଖୋର୍ଦ୍ଧାରୁ ସୁନ୍ଦରଗଡ଼, ମୟୂରଭଞ୍ଜରୁ ବ୍ରହ୍ମପୁର, ରାୟଗଡ଼ାରୁ ପୁରୀ, ଝାରସୁଗୁଡ଼ାରୁ ଗଞ୍ଜାମ, ଗଜପତି ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ନିଜ କଳ୍ପନାର ବିସ୍ତୃତ ପରିସରକୁ ପ୍ରଦର୍ଶିତ କରି ନିଜ ଚମତ୍କାର ଷ୍ଟାର୍ଟଅପ୍ ଚିନ୍ତାଧାରାରେ ବିଚାରକଙ୍କୁ ଆକର୍ଷିତ କରିପାରିଛନ୍ତି। ଷ୍ଟାର୍ଟଅପ୍ ଓଡ଼ିଶା ପ୍ରକୃତରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ଭାବନର ବିପୁଳ ସମ୍ଭାବନାର ଉପଯୋଗ କରିଛି।

## ବିଶ୍ୱ ରେଡିଓ ଦିବସ ପାଳିତ

# ରେଡିଓ ଏକଲାର ଅନୁଭବ ଦିଏ ନାହିଁ

ପୁରୀ, ୧୩।୨(ସମିସ)



ରେଡିଓ ସାଧାରଣ ଲୋକମାନଙ୍କର ବନ୍ଧୁ। ସୂଚନା, ଶିକ୍ଷା, ମନୋରଞ୍ଜନ ମାଧ୍ୟମରେ ସେ ଶିଶୁଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର କରିନିଏ ବୋଲି କହିଛନ୍ତି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ। ମଙ୍ଗଳବାର ମରିଚିକୋଟ ଛକଠାରେ ସାମାଜିକ ସଙ୍ଗଠନ 'ବଡ଼ଦାଣ୍ଡ ସେବା'ର ଚତୁର୍ଥ ବାର୍ଷିକୋତ୍ସବ ଅବସରରେ ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି।ଏଥିରେ ଯୋଗଦେଇ ଶ୍ରୀ ସେଠୀ ସରକାରଙ୍କ ଜନ ହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ଲୋକ ମାନଙ୍କ ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ଉପସ୍ଥାପନ କରିବାରେ ରେଡ଼ିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପର୍ଯ୍ୟୟ ସମୟରେ ଅନ୍ୟ ମାଧ୍ୟମ ପ୍ରଭାବିତ ହେଉଥିବା ବେଳେ ବେତାର ମାଧ୍ୟମ ହିଁ ଲୋକମାନଙ୍କୁ ବିବିଧ ଜରୁରୀ ଓ ସତର୍କ ସୂଚନା ପ୍ରଦାନରେ ସହାୟକ ହୋଇଥାଏ ବୋଲି କହିଥିଲେ। ଆକାଶବାଣୀ ପୁରୀର କେନ୍ଦ୍ର ନିର୍ଦ୍ଦେଶକ ମାନସ ରଞ୍ଜନ ନାୟକ ରେଡିଓ ପାଖରେ ଥିଲେ କେବେହେଲେ କିଏ ଏକଲା ଅନୁଭବ କରିବ ନାହିଁ ଓ ରେଡିଓ ସହିତ ବିଶ୍ୱବାସୀ ଅଧିକ ପରିଚିତ। ୧୮ ୯୫ରୁ ଆରମ୍ଭ ହୋଇଥିବା ରେଡ଼ିଓ ସମାଜ କଲ୍ୟାଣରେ ତାହାର ଜୟ ଯାତ୍ରା ଜାରି ରଖିଛି ବୋଲି ସେ କହିଥିଲେ। ଟାଉନ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ ରେଡ଼ିଓ ସବୁ ସମୟରେ ସମସ୍ତଙ୍କୁ ସେବା ଯୋଗାଇ ଆସିଛି ବୋଲି କହିବା ସହ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବର୍ଷୀୟାନ ରେଡିଓପ୍ରେମୀ କୁମୁଦିନୀ ପାଢ଼ୀ, ବାଳକୃଷ୍ଣ ମହାପାତ୍ର ଓ ଜଗନ୍ନାଥ ପାଢ଼ୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ମନୋଜ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିବା ବେଳେ ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।

## ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

**ପୁରୀ, ୧୩।୨(ସମିସ):** ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚନ୍ଦନପୁରସ୍ଥିତ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଧ୍ୟାପିକା ରାଜଶ୍ରୀ ଦଳାଇ, ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ କଲେଜ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବା ସେ ବିଷୟରେ ମୁଖ୍ୟଅତିଥି ବୁଝାଇ କହିଥିଲେ। ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ। ବାପା ମା' ବହୁତ କଷ୍ଟ ସହି ପିଲାମାନଙ୍କୁ ମଣିଷ କରନ୍ତି। ଛାତ୍ରଛାତ୍ରୀମାନେ ସଡକ ସୁରକ୍ଷା ବିଷୟରେ ସଚେତନ ହେଲେ ଦେଶର ତଥା ପରିବାରର ମଙ୍ଗଳ ହୋଇଥାଏ ବୋଲି ସେମାନଙ୍କୁ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା କୃଷ୍ଣପ୍ରିୟା ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ମୁଦୁଲି, ବ୍ରଜବନ୍ଧୁ ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## 'ନୂଆ-ଓ' ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ମହିଳାରେ ବଲାଙ୍ଗିର ଓ ପୁରୁଷରେ କେନ୍ଦ୍ରାପଡ଼ା ଚାମ୍ପିଅନ

ପୁରୀ, ୧୩।୨(ସମିସ)



ନୂଆ ଓ ଯୁବବର୍ଗ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଦିଗରେ ଫଳପ୍ରଦ ହୋଇଛି ବୋଲି କହିଛନ୍ତି କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ମଙ୍ଗଳବାର ଶ୍ରୀଜଗନ୍ନାଥ ଷ୍ଟାଡ଼ିୟମ ପରିସରରେ ନୂଆ ଓ ମାଧ୍ୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଶ୍ରେଷ୍ଠ ଦଳକୁ ପୁରସ୍କୃତ କରିବା ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ସୁସ୍ଥ ଓ ମାନସିକ ଦୃଢ଼ତା ପାଇଁ କ୍ରୀଡା ସବୁବେଳେ ଜରୁରୀ ହୋଇଥାଏ। କ୍ରୀଡା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ। କ୍ରୀଡା ଓ କ୍ରୀଡାବିତଙ୍କ ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆମ ରାଜ୍ୟ ସମଗ୍ର ବିଶ୍ୱରେ କ୍ରୀଡା ପାଇଁ ସୁନାମ ପାଇଛି ବୋଲି କହିବା ସହ ସମସ୍ତ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସକ ଜ୍ୟୋତିଶଙ୍କର ମହାପାତ୍ର, କ୍ରୀଡା ବିଭାଗର ଓଏସ୍‌ଡି ଡ. ସ୍ୱରୂପାନନ୍ଦ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କ ପ୍ରତିଭାର ବିକାଶ ଓ କ୍ରୀଡା କ୍ଷେତ୍ରରେ ସେମାନଙ୍କୁ ସୁଦକ୍ଷ କରିବାକୁ ନୂଆ ଓ ଏକ ସଫଳ ମାଧ୍ୟମ ବୋଲି କହିଥିଲେ।

ମହିଳା ବର୍ଗରେ ବଲାଙ୍ଗୀର ଜିଲ୍ଲା ଓ ପୁରୁଷ ବର୍ଗରେ କେନ୍ଦ୍ରାପଡ଼ା ଜିଲ୍ଲା ଚାମ୍ପିୟନ ହୋଇଥିବାରୁ ୨ ଲକ୍ଷ ଲେଖାଏ ଟଙ୍କା ପୁରସ୍କାର ପାଇଛନ୍ତି। ସେହିପରି ମହିଳା ବର୍ଗରେ ନବରଙ୍ଗପୁର ଜିଲ୍ଲା ଓ ପୁରୁଷ ବର୍ଗରେ ନୟାଗଡ଼ ଜିଲ୍ଲା ଦ୍ୱିତୀୟ ହୋଇଥିବାରୁ ୧ଲକ୍ଷ ଟଙ୍କା ଲେଖାଏ, ମହିଳା ଓ ପୁରୁଷ ବର୍ଗରେ ସୁନ୍ଦରଗଡ଼ ଜିଲ୍ଲା ତୃତୀୟ ହୋଇଥିବାରୁ ୫୦ ହଜାର ଟଙ୍କା ଲେଖାଏଁ ଓ ମହିଳା ବର୍ଗରେ କୋରାପୁଟ ଜିଲ୍ଲା ଓ ପୁରୁଷ ବର୍ଗରେ ନବରଙ୍ଗପୁର ଜିଲ୍ଲା ୪ର୍ଥ ହୋଇଥିବାରୁ ୫୦ ହଜାର ଟଙ୍କା ଲେଖାଏ ସହ ମାନପତ୍ର ଓ ଟ୍ରଫି ଦେଇ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ମହିଳା ବର୍ଗରେ ବଲାଙ୍ଗୀର ଜିଲ୍ଲାର ଅନନ୍ୟା ମିଶ୍ର ଓ ପୁରୁଷ ବର୍ଗରେ କେନ୍ଦ୍ରାପଡ଼ା ଜିଲ୍ଲାର ସନ୍ତୋଷ କୁମାର ପ୍ରଧାନଙ୍କୁ ମଧ୍ୟ ୧୦ ହଜାର ଟଙ୍କା, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଶୃଙ୍ଖଳିତ ଭାବେ ସମାପନ ହୋଇ ଥିବାରୁ ଜିଲ୍ଲାପାଳ ବିଜୟ କୁମାର ଦାଶ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି।

## ରାୟପୁରରେ ନନ୍ଦିଘୋଷ ରଥ ଚକକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

**ପୁରୀ, ୧୩।୨(ସମିସ):** ଛତିଶଗଡ଼ ରାଜଧାନୀ ରାୟପୁରଠାରେ ନନ୍ଦିଘୋଷ ରଥ ଚକକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆରୋହଣ କରିଥିବା ଏହି ପବିତ୍ର ଚକ ଗାୟତ୍ରୀ ନଗରସ୍ଥିତ ଛତିଶଗଡ଼ର ବୃହତ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା କ୍ଷଣି ମନ୍ଦିରର ପ୍ରତିଷ୍ଠାତା, ଶ୍ରୀଜଗନ୍ନାଥ ସେବା ସମିତି ସଭାପତି ଏବଂ ରାୟପୁର ନଗର ଉତ୍ତର ନିର୍ବାଚନ ମଣ୍ଡଳୀ ବିଧାୟକ ପୁରନ୍ଦର ମିଶ୍ର ପାରମ୍ପରିକ ଢଙ୍ଗରେ ବନ୍ଦାପନା କରି ଗ୍ରହଣ କରିଥିଲେ। ଗତ ରବିବାର ଚକ ଭ୍ରମଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ରଥ ଉପରେ ଶୋଭା ପାଉଥିବା ତିନିଠାକୁରଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀଜଗନ୍ନାଥ ସେବା ସମିତି ସଦସ୍ୟ ବୃନ୍ଦ ତଥା ଶତାଧିକ ଭକ୍ତ ଏହି ଭବ୍ୟ ଚକର ଦିବ୍ୟ ଦର୍ଶନ ଲାଭ କରିଥିଲେ। ଚକ ଆସୀନ ଥିବା ଏହି ସୁନ୍ଦର ସୁଶୋଭିତ ରଥକୁ ଭଜନ, କୀର୍ତ୍ତନ ଓ ଢୋଲ ବାଦକ ଦଳଙ୍କ ସହିତ ନଗର ଭ୍ରମଣ ପାଇଁ ବିଦା କରାଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଫେବୃୟାରୀ ୧୧ରୁ ୨୧ତାରିଖ ପର୍ଯ୍ୟନ୍ତ ଏହି ରଥ ରାୟପୁରର କୋଣ ଅନୁକୋଣ ଭ୍ରମଣ କରିବ। ଏହି ସମୟରେ ରଥ ରାଜଧାନୀର ପ୍ରସିଦ୍ଧ ରାମ ମନ୍ଦିର, ରାଜଭବନ, ମୁଖ୍ୟମନ୍ତ୍ରୀଙ୍କର ନିବାସ ଏବଂ ଜେଲ୍ ଆଦି ଗସ୍ତ କରିବ। ପ୍ରତିବର୍ଷ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପୁରୀଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ସେହି ସମୟରେ ରଥ ଚକ ସ୍ପର୍ଶ କରିବା ମାତ୍ରେ ସମସ୍ତ ପାପ କ୍ଷୟ ଘଟିଥାଏ ବୋଲି ବିଶ୍ୱାସ ରହିଛି। ରଥଯାତ୍ରାରେ ପ୍ରବଳ ଭିଡ ଯୋଗୁ ଚକକୁ ଛୁଇଁବା ସମ୍ଭବପର ହୋଇ ନ ଥାଏ। ଏହି ଦୃଷ୍ଟିରୁ ଭକ୍ତଗଣଙ୍କର ପୁଣ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ଚକ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପୁରନ୍ଦର ମିଶ୍ର କହିଛନ୍ତି।

## ୧୫ରେ ସିଦ୍ଧମହାବୀର ଆର୍‌ଓବିର ଶିଳାନ୍ୟାସ

**ପୁରୀ, ୧୩।୨(ସମିସ):** ଆସନ୍ତା ୧୫ ତାରିଖରେ କେନ୍ଦ୍ର ରାଜପଥ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପୁରୀର ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ (ଆରଓବି)ର ଶିଳାନ୍ୟାସ କରିବା ସହିତ ପୁରୀ ଜିଲ୍ଲାର ଅନ୍ୟାନ୍ୟ ଜାତୀୟ ରାଜପଥ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବେ। ଏଥିପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀଙ୍କ ସମେତ ଓମ୍‌ପ୍ରକାଶ ମିଶ୍ର, ଅମିୟ ଦାସ, ଶଙ୍କର୍ଷଣ ପରିଡ଼ା, ଉମାକାନ୍ତ ନାୟକ, ଜ୍ୟୋତି ମହାପାତ୍ର, ଜୟନ୍ତ ଦାଶ, ରବିନାରାୟଣ ଦାଶ, ସଞ୍ଜୀବ ମୁଖାର୍ଜୀ, ମନୋରଞ୍ଜନ ପ୍ରଧାନ, ହରିହର ମହାପାତ୍ର, ଅନିଲ କୁମାର ସାହୁ, ପର୍ଶୁରାମ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ହସ୍ପିଟାଲରେ ମୃତଦେହ ଛାଡ଼ି ଅଟୋଚାଳକ ଛୁ'

**ପୁରୀ, ୧୩।୨(ସମିସ):** ବ୍ରହ୍ମଗିରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମୃତଦେହକୁ ଛାଡି ଫେରାର୍ ହୋଇଯାଇଛନ୍ତି ଅଟୋଚାଳକ। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଏକ ଅଟୋରେ ଏହି ଅଜଣା ବ୍ୟକ୍ତିଙ୍କୁ ଅଟୋଚାଳକ ଆଣିଥିଲେ। ଡାକ୍ତରଙ୍କୁ ଦେଖାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହାପରେ ସମ୍ପୃକ୍ତ ଅଟୋଚାଳକ ମୃତଦେହକୁ ଛାଡି କେଉଁଆଡେ ଫେରାର୍ ହୋଇଯାଇଥିଲେ। ଦୀର୍ଘ ସମୟ ଧରି ଶବ ପଡ଼ିରହିବା ପରେ ଖୋଳତାଡ଼ ହୋଇଥିଲା। ହେଲେ ସେତେବେଳକୁ ଛୁ ମାରିଥିଲେ ଅଟୋଚାଳକ। ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଥିବା ବେଳେ ତାଙ୍କର ପରିଚୟ ଜଣାପଡ଼ି ନାହିଁ। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସେ ଜଣେ ଯୁବକ ହୋଇଥିବା ବେଳେ ଗୋଟିଏ କଳା ରଙ୍ଗର ଫୁଲ୍‌ପ୍ୟାଣ୍ଟ ପିନ୍ଧିଛନ୍ତି। ବାଡେଇବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ରହ୍ମଗିରିର କୌଣସି ଅଞ୍ଚଳରେ ତାଙ୍କ ଘର ବୋଲି ସନ୍ଦେହ କରାଯାଉଛି।

## ବସ୍ତିରେ ଶୌଚାଳୟ ନିର୍ମାଣ ଦାବି

**ପୁରୀ, ୧୩।୨(ସମିସ):** ବସ୍ତିରେ ଶୌଚାଳୟ ନିର୍ମାଣ କରିବାକୁ ଦାବି କରିଛନ୍ତି ବସ୍ତିବାସୀ। ଏ ନେଇ ହରଚଣ୍ଡୀ ବସ୍ତି, ବିଜୁ ନଗର ବସ୍ତି ଓ ତାରିଣୀ ବସ୍ତିର ବାସିନ୍ଦା ମଙ୍ଗଳବାର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ପେଣ୍ଟକଟା ଆଇଟିଆଇ ନିକଟରେ ଦୀର୍ଘବର୍ଷ ହେବ ଏହି ବସ୍ତି ଗଢଉଠିଛି। ଏଠାରେ ୭୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରାୟ ଦେଢ ହଜାରରୁ ଅଧିକ ମହିଳା ଓ ଶିଶୁ ଅଛନ୍ତି। କିନ୍ତୁ ଦୈନନ୍ଦିନ ଶୌଚ କାର୍ଯ୍ୟ ପାଇଁ ତାଙ୍କୁ ପଡ଼ିଆକୁ ଯିବାକୁ ପଡୁଛି। ଏହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗର ଶିକାର ହେବା ସହିତ ଶିଶୁମାନେ ମଧ୍ୟ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହାକୁ ସହୃଦୟତାର ସହ ବିଚାର କରି ବସ୍ତିର ମହିଳା ଏବଂ ଶିଶୁମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରିବା ଲାଗି ଅନୁରୋଧ କରିଛନ୍ତି।










## ଉଲ୍ଲେଖନୀୟ ସ୍ୱାସ୍ଥ୍ୟ ସେବା ସଂସ୍ଥାକୁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର

# ଏସ୍‌ସିବି ଓ ଭୀମଭୋଇ ଶ୍ରେଷ୍ଠ ମେଡିକାଲ କଲେଜ

**ଭୁବନେଶ୍ୱର, ୧୩।୨(ସମିସ):** ଜନସେବା ଓ ସମାଜ ଗଠନରେ ସ୍ୱାସ୍ଥ୍ୟକର୍ମୀଙ୍କ ଅବଦାନକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ରାଜ୍ୟ ସରକାର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସମ୍ମାନିତ କରିଛନ୍ତି। ଶ୍ରେଷ୍ଠ ନୂଆ ଓ ପୁରୁଣା ମେଡିକାଲ କଲେଜ, ୨୮ ଜଣ ଡାକ୍ତର, ୧୬ ଜଣ ପାରାମେଡିକାଲ କର୍ମଚାରୀ ଏବଂ ୧୫୩ ଜଣଙ୍କୁ ବ୍ୟକ୍ତିଗତ ଭାବେ ସମ୍ମାନିତ କରାଯାଇଛି। ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସାରେ ଉଲ୍ଲେଖନୀୟ ସେବା ପାଇଁ ୬ଟି ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବର୍ଗରେ 'ଚିଫ୍ ମିନିଷ୍ଟରର୍ସ ଆୱାର୍ଡ ଫର୍ ଏକ୍ସିଲେନ୍ସ ଇନ୍ ହେଲଥ୍ ସର୍ଭିସେସ୍' ସମ୍ମାନ ପ୍ରଦାନ କରିଛନ୍ତି।




ତ୍ୱରାନ୍ୱିତ ହେବାରେ ଲାଗିଛି। ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଥିବା ବେଳେ ଏଥିରେ ସ୍ୱାସ୍ଥ୍ୟକର୍ମୀଙ୍କ ବଡ଼ ଅବଦାନ ରହିଛି। ତେଣୁ ସେମାନଙ୍କୁ ସମ୍ମାନିତ କରି ମନୋବଳ ବୃଦ୍ଧି କରିବା ଦିଗରେ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

- ଆର୍‌ଏମ୍‌ଆର୍‌ସି ରାଜ୍ୟର ଶ୍ରେଷ୍ଠ କେନ୍ଦ୍ରୀୟ ଅନୁଷ୍ଠାନ ବିବେଚିତ
- ବାହାନଗା ଦୁର୍ଘଟଣାଗ୍ରସ୍ତଙ୍କ ସେବା ପାଇଁ ୬ ଡାକ୍ତରଖାନା ପୁରସ୍କୃତ
- ୨୮ ଡାକ୍ତରଙ୍କ ସହ ମୋଟ ୧୯୭ ସ୍ୱାସ୍ଥ୍ୟ କର୍ମୀ ସମ୍ମାନିତ

ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ଏବଂ ସମସ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟ ନେଇ ରାଜ୍ୟ ସରକାର କାମ କରୁଛନ୍ତି। ଏକ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଗଠନ ପାଇଁ ଥିବା ପ୍ରତିବଦ୍ଧତାର ନିଦର୍ଶନ ସ୍ୱରୂପ ୫-ଟି ଉପକ୍ରମ ଅଧିନରେ ଗୋଟିଏ ପରେ ଗୋଟିଏ ରୂପାନ୍ତରଣ ପଦକ୍ଷେପ ନେଉଛନ୍ତି। ପରିଣାମ ସ୍ୱରୂପ ରାଜ୍ୟରେ ରୋଗୀ କୈନ୍ଦ୍ରିକ ସ୍ୱାସ୍ଥ୍ୟ ସେବା

ଶ୍ରେଷ୍ଠ ପୁରାତନ ମେଡିକାଲ କଲେଜ ବର୍ଗରେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ଶ୍ରେଷ୍ଠ ନୂଆ ମେଡିକାଲ କଲେଜ ଭାବେ ବଲାଙ୍ଗିରର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ କୋଭିଡ୍ ହସ୍ପିଟାଲ ଭାବେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ, କଟକ ଏବଂ କୋଭିଡ୍ ମହାମାରୀ ସମୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଆରଏମ୍‌ଆରସି, ଭୁବନେଶ୍ୱରକୁ ଶ୍ରେଷ୍ଠ ଜାତୀୟ ଅନୁଷ୍ଠାନ ପୁରସ୍କାର ମିଳିଛି। ଉନ୍ନତ ଭିତ୍ତିଭୂମି ଓ ସ୍ୱାସ୍ଥ୍ୟ ସେବା ପାଇଁ ଭାରତ ସରକାରଙ୍କ ଠାରୁ ଏନ୍‌କ୍ୟୁଏଏସ୍ ପ୍ରମାଣପତ୍ର ପାଇଥିବା ୩ ଡାକ୍ତରଖାନା, ଲକ୍ଷ୍ୟ ପ୍ରମାଣପତ୍ର ପାଇଥିବା ୧୪ଟି ଡାକ୍ତରଖାନା, କାୟାକଳ୍ପ ପୁରସ୍କାର ପାଇଥିବା ୨୦ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। ସେହିପରି ବିଏସ୍‌କେୱାଇ ହିତାଧିକାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିବା ୪୭ଟି ଘରୋଇ ଡାକ୍ତରଖାନା, ୨ଟି କୋଭିଡ୍ ହସ୍ପିଟାଲ, ୨ଟି କେନ୍ଦ୍ରୀୟ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି। ଜନସ୍ୱାସ୍ଥ୍ୟ ସେବାରେ ଉନ୍ନତ ପ୍ରଦର୍ଶନ ଲାଗି ପ୍ରଥମ ସ୍ଥାନରେ ଥିବା ୭ଟି ଡାକ୍ତରଖାନା, ଦ୍ୱିତୀୟ ସ୍ଥାନରେ ଥିବା ୪ଟି ଡାକ୍ତରଖାନା ଏବଂ ତୃତୀୟ ସ୍ଥାନ ପାଇଥିବା ୪ଟି ଡାକ୍ତରଖାନାକୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାପା-ଝିଅ ମୃତ; ମାଆ ଗୁରୁତର

**ବଡ଼ବିଲ,୧୩।୨ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥର ରୋଇଡ଼ା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ-ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଆହତ ହୋଇଛନ୍ତି। ଆଜି ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଏହି ଅଘଟଣ ଘଟିଛି। ମୃତ ଶିଶୁର ନାମ ଅଙ୍କି ମହାକୁଳ (୫) ବୋଲି ଜଣାପଡ଼ିଥିବା ବେଳେ ତା' ବାପାଙ୍କ ନାମ ଜଣାପଡ଼ିନାହିଁ। ମା' ସଞ୍ଜୁ ମହାକୁଳଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବାପା-ମା' ଓ ଝିଅ ଏକ ବାଇକ୍‌ରେ ଯୋଡ଼ାରୁ ଭଦ୍ରାସାହି ଅଭିମୁଖେ ଯାଉଥିବା ବେଳେ ରୋଇଡ଼ା ଛକ ନିକଟରେ ଅଜଣା ଗାଡ଼ି ଚଢ଼ିଯାଇଥିଲା।

## ଅବଶିଷ୍ଟାଂଶ...

### କଲେଜ ପିଲାଙ୍କୁ...

ପିତାମାତା ସ୍ଥାୟୀ ସରକାରୀ ଚାକିରି କିମ୍ବା ଆୟକର ପୈଠ କରୁଥିବେ, ସେହି ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପିଲାମାନେ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଏହି "ନୂଆ-ଓ ଛାତ୍ରବୃତ୍ତି' ଯୋଜନାରେ ରାଜ୍ୟର ସ୍ନାତକରେ ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତରରେ ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବେ।

### ବିକାଶ କ'ଣ...

ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ଆଶୀର୍ବାଦ ଦେଇ ଆସୁଛନ୍ତି। ଏଇ ବୟସରେ ମଧ୍ୟ ସେ ଲୋକଙ୍କ ଲାଗି ଦିନରାତି ଖଟୁଛନ୍ତି। ତାଙ୍କ କାର୍ଯ୍ୟଧାରାରୁ ନିଜେ ପ୍ରେରଣା ପାଇଛନ୍ତି ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଲୋକଙ୍କ ପାଇଁ ସମର୍ପିତ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବାକୁ ସେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ବୋଲି ଉଲ୍ଲେଖ କରି ଯାଜପୁର କୁସୁମାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଗତ ବର୍ଷ ଅଗଷ୍ଟ ୩୦ ତାରିଖରେ ସେ ଯାଜପୁର ଗସ୍ତ କରିଥିଲେ। ଅଗଷ୍ଟ ମାସରୁ ଇତି ମଧ୍ୟରେ ସେତେବେଳେ ମିଳିଥିବା ୨୫୪୦ ଦରଖାସ୍ତରୁ ୨୩୦୦ ଦରଖାସ୍ତର ସମାଧାନ ହୋଇଛି । ଗତ ୬ ମାସରେ ଯାଜପୁର ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ୬୧୦ କୋଟି ଟଙ୍କା ମଂଜୁର କରିଛନ୍ତି। ଯାଜପୁର ବିରଜା ମନ୍ଦିର ରୂପାନ୍ତରଣ ଲାଗି ୧୫ କୋଟି, ବରାହ ନଦୀ ଦ୍ୱୀପାଞ୍ଚଳର ବିକାଶ ଲାଗି ୧୫ କୋଟି, ଚଣ୍ଡୀଖୋଲ ମହାବିନାୟକ ମନ୍ଦିର ଲାଗି ୭ କୋଟି ୬୦ ଲକ୍ଷ, ଦଶରଥପୁରର ସିଦ୍ଧେଶ୍ୱର ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ବିଞ୍ଝାରପୁର ବରୁଣେଶ୍ୱର ମନ୍ଦିର ଲାଗି ୭ କୋଟି, ଯାଜପୁର ବେଲେଶ୍ୱର ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ରସୁଲପୁରର ନାରାୟଣ ଗୋସାଇଁ ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ଧର୍ମଶାଳାର ଗୋପନେଶ୍ୱର ମନ୍ଦିର ଲାଗି ୧କୋଟି ୫୦ ଲକ୍ଷ, ସୁକିନ୍ଦାର ଜଗନ୍ନାଥ ମନ୍ଦିର ଲାଗି ୧କୋଟି ୫୦ ଲକ୍ଷ, ଦଶରଥପୁରର ଜୟ ଚଣ୍ଡୀପୀଠ ଲାଗି ୧କୋଟି ୫୦ ଲକ୍ଷ, ରସୁଲପୁରର ଖଗେଶ୍ୱରୀ ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ବ୍ୟାସନଗର ଜଗନ୍ନାଥ ମନ୍ଦିର ଲାଗି ୧ କୋଟି ୫୦ଲକ୍ଷ, ଯାଜପୁରର ବାପିଷ୍ଟ ଚର୍ଚ୍ଚ ଲାଗି ୧କୋଟି ୯ ଲକ୍ଷ, ଛତିଆ ଟୁରିଜମ କମ୍ପ୍ଲେକ୍ସ ଲାଗି ୧ କୋଟି ମୁଖ୍ୟମନ୍ତ୍ରୀ ମଂଜୁର କରିଛନ୍ତି।

ସେହିପରି ଚିଙ୍ଗୁଡ଼ିଆ ନାଳ ଉପରେ ସେତୁ ଲାଗି ୬୦ କୋଟି ମଂଜୁର ହୋଇଛି। ବେହେରାପାଟଣା-ବାଲିପୋଖରୀ ରାସ୍ତାର ବୈତରଣୀ ନଦୀ ଉପରେ ସେତୁ ଲାଗି ୨୨ କୋଟି ୧୮ ଲକ୍ଷ, ନାଳିଆ ବଳଭଦ୍ରପୁର ଭାୟା କପିଳାକୁ ସଂଯୋଗ କରୁଥିବା ସେତୁ ଲାଗି ୧୮ କୋଟି ୮୦ ଲକ୍ଷ ମଂଜୁର ହୋଇଛି। ମେଣ୍ଟା-କୁଶଭଦ୍ରା ରାସ୍ତା ବ୍ରାହ୍ମଣୀ ନଦୀ ଉପରେ ସେତୁ ଲାଗି ୧୮ କୋଟି ୭୦ ଲକ୍ଷ ମଂଜୁର ହୋଇଛି। ଯାଜପୁର ଜିଲାରେ ୧୯ଟି ରାସ୍ତାର ଉନ୍ନତୀକରଣ ଲାଗି ୧ କୋଟି ୩୦ ଲକ୍ଷ ମଂଜୁର ହୋଇଛି। ଦଶରଥପୁର ନ୍ୟୁ ସାଇନ୍ସ ଓ ଆର୍ଟସ କଲେଜ ଲାଗି ୧୫ କୋଟି ଓ ବ୍ୟାସନଗର କଲେଜର ଆର୍ଟସ ଓ ସାଇନ୍ସ ବ୍ଲକ ପାଇଁ ୧୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଂଜୁର କରିଛନ୍ତି।

ଯାଜପୁର ଜିଲ୍ଲାବାସୀ ଯେଉଁ ବିଶ୍ୱାସ ଭଲ ପାଇବା ଦେଇଛନ୍ତି ସେଥିପାଇଁ ଋଣୀ ବୋଲି କହି କୃତଜ୍ଞତା ଜଣାଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଯେଉଁ ରାଜ୍ୟରେ ଜଣେ ଗରିବ ମଧ୍ୟ ବଡ଼ ବଡ଼ ସ୍ୱପ୍ନ ଦେଖିପାରୁଥିବ ଓ ତାହା ସାକାର ହୋଇପାରୁଥିବ ତାହା ହିଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ଯାଜପୁରର ସମସ୍ତ ୭ ନିର୍ବାଚନମଣ୍ଡଳିରେ ନବୀନ ପଟ୍ଟନାୟକ ହିଁ ପ୍ରାର୍ଥୀ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ। ଆଗାମୀ ଦିନରେ ଯାଜପୁର ଜିଲ୍ଲା ମୁଖ୍ୟମନ୍ତ୍ରୀଙ୍କୁ ଆହୁରି ସଶକ୍ତ କରିବ ବୋଲି ୫-ଟି ଅଧ୍ୟକ୍ଷ ଆଶା ପୋଷଣ କରିଛନ୍ତି।

### ୨୬ ହଜାର କୋଟି...

ମିଳିଥିଲା। ସେହିପରି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହି କ୍ଷେତ୍ରରେ ପୁଞ୍ଜିବିନିଯୋଗ ପାଇଁ ପ୍ରସ୍ତାବ ଦେଇଥିଲେ। ଅପରପକ୍ଷେ ବିମାନ ଚାଳନା, ରକ୍ଷଣାବେକ୍ଷଣ କ୍ଷେତ୍ରରେ ମାନବସମ୍ବଳ ଅଭାବ ଦୂର ପାଇଁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସାର୍ଟିଫିକେଟ୍ ଇନ୍ ଏୟାରପୋର୍ଟ ଅପରେସନ୍ (ସିଏଓ), ବେସିକ୍ ଫାୟାର ଫାଇଟର୍ସ କୋର୍ସ (ବିଏଫ୍‌ଏଫ୍‌ସି) ଏବଂ ଏୟାର କାର୍ଗୋ ମ୍ୟାନେଜମେଣ୍ଟ ଏକଜିକ୍ୟୁଟିଭ୍ (ଏସିଏମ୍‌ଇ) ଭଳି ସ୍ୱତନ୍ତ୍ର ପାଠ୍ୟକ୍ରମରେ ୩୦୦ରୁ ଅଧିକ ଓଡ଼ିଆ ଯୁବକଙ୍କୁ ତାଲିମ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ବିପିଏସି) ଜରିଆରେ ବିମାନ ଚଳାଚଳ ଭିତ୍ତିକ ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶାଳୟ ଏବଂ ଜିଏମ୍‌ଆର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱ ମାନଦଣ୍ଡ ଅନୁସାରେ ପାଠ୍ୟକ୍ରମ ପ୍ରଚଳନ ହେବ। ଏପରି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବା ସହ ଯୁବପିଢ଼ିଙ୍କ ପାଇଁ ଅତୁଳନୀୟ ଦକ୍ଷତା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି। ସେହିପରି ଢେଙ୍କାନାଳସ୍ଥିତ ବୀରସାଲ ଏୟାରଷ୍ଟ୍ରିପ୍‌ରେ ପ୍ରସ୍ତାବିତ ଏରୋସ୍ପେସ୍ ଏକାଡେମୀ ପ୍ରତିଷ୍ଠା କରି ସେଠାରେ ମଧ୍ୟ ଦକ୍ଷତା ବିକାଶ ପାଠ୍ୟକ୍ରମ ପ୍ରଚଳନ କରାଯିବ।

### ୭ ଅପରାଧୀଙ୍କୁ...

ଏବଂ ଗଜପତିରେ ଜୋରଦାର ଚଢ଼ଉ କରାଯାଇଥିଲା। କ୍ରମାଗତ ଅନୁସନ୍ଧାନ ଯୋଗୁଁ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ପାଞ୍ଚ ଜଣଙ୍କୁ ଅଧିକାରୀମାନେ ଧରିବାରେ ସଫଳ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ରବି ନାରାୟଣ ବାରିକ, କଟକର ପ୍ରମୋଦ ଜେନା, ଗଞ୍ଜାମର ଜିତେନ୍ଦ୍ର ପ୍ରଧାନ, ଗୌତମ ମଲ୍ଲିକ, ବୃନ୍ଦାବନ ପାଇକ, ଗୁରୁନାଥ ପାଇକ, ଗଜପତିର ତୱାଡିଆ ପାଇକ ରହିଛନ୍ତି। ଅନୁସନ୍ଧାନ ପରେ ଜଣାପଡ଼ିଛି ଯେ ୨୦୧୯ ମସିହାରେ ଏକ ବାଇକ୍ କ୍ଲଚ୍ ତାର ବ୍ୟବହାର କରି ଅପରାଧୀମାନେ ଏହି ବାଘ ଶିକାର କରିଥିଲେ। ଏହି ତାରକୁ ଜବତ କରାଯିବା ପରେ ଏହାକୁ ହିଁ ଆଧାର କରି ତଦନ୍ତ ଆରମ୍ଭ କରାଯାଇଥିଲା ଓ ସଫଳତା ମିଳିଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କଠାରୁ ଚିତାର ନଖ ଜବତ ହୋଇଥିବା ବେଳେ ଏହି ଅନୁସନ୍ଧାନ ଆହୁରି ମଜଭୁତ ହୋଇଥିଲା।

### କମିଲା ବିଜୁଳି...

ଅନୁଯାୟୀ ଯେଉଁ ଗ୍ରାହକମାନେ ପ୍ରି-ପେଡ ମିଟର ବ୍ୟବହାର କରୁଥିବେ ସେମାନଙ୍କୁ ପ୍ରି-ପେଡ ଦର ଉପରେ ୪ ପ୍ରତିଶତ ରିଆତି ମିଳିବ। ଆଗରୁ ଏଥିରେ ୨ ପ୍ରତିଶତ ରିଆତି ମିଳୁଥିଲା। ସେହିପରି ଏଲ୍‌ଟି ଘରୋଇ ଉପଭୋକ୍ତା ଏବଂ ସିଙ୍ଗଲ ଫେଜ୍ ସାଧାରଣ ବିଦ୍ୟୁତ୍ ଉପଭୋକ୍ତା ଯେଉଁମାନେ ଡିଜିଟାଲ ପେମେଣ୍ଟ କରୁଥିବେ ସେମାନଙ୍କୁ ୪ ପ୍ରତିଶତ ରିଆତି ମିଳିବ। ଅପରପକ୍ଷେ ଶୀତଳ ଭଣ୍ଡାର ପାଇଁ ୟୁନିଟ ପିଛା ଦରକୁ ୪ଟଙ୍କା ୬୦ ପଇସାରୁ ୩ ଟଙ୍କାକୁ ହ୍ରାସ କରାଯାଇଛି। ଅର୍ଥାତ୍ ଶୀତଳ ଭଣ୍ଡାର ବ୍ୟବହାରକାରୀଙ୍କୁ ୟୁନିଟ୍ ପିଛା ପ୍ରାୟ ୧.୬୦ ଟଙ୍କାର ଏକ ବଡ଼ ରିଆତି ପ୍ରଦାନ କରିଛନ୍ତି ଓଇଆରସି। ସେହିପରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଉପଭୋକ୍ତାଙ୍କୁ ଟାରିଫରେ ୨ ଟଙ୍କା ଲେଖାଏଁ ରିଆତି ଦିଆଯାଇଛି। ଯାହାଫଳରେ ସେମାନେ ୟୁନିଟ୍ ପିଛା ୩ ଟଙ୍କା ୮୦ ପଇସାରେ ବିଦ୍ୟୁତ୍ ପାଇପାରିବେ। ଗ୍ରାମାଞ୍ଚଳର ଏଲ୍‌ଟି ଉପଭୋକ୍ତାମାନେ ଧାର୍ଯ୍ୟ ସମୟରେ ବିଦ୍ୟୁତ୍ ଦେୟ ପୈଠ କଲେ ସେମାନଙ୍କୁ ୟୁନିଟ୍ ପିଛା ୧୦ ପଇସା ରିଆତି ପ୍ରଦାନ କରାଯିବ। ଯେଉଁ ସିଙ୍ଗଲ ଫେଜ୍ ଶିଳ୍ପସଂସ୍ଥା(କ୍ଷୁଦ୍ରଶିଳ୍ପ ଏବଂ ମଧ୍ୟମ ଶିଳ୍ପ) ମାସିକ ୪୦ ପ୍ରତିଶତ ଲୋଡ ଫ୍ୟାକ୍ଟରରୁ କମ୍ ବିଦ୍ୟୁତ୍ ବ୍ୟବହାର କରୁଥିବେ ସେମାନଙ୍କ ପାଇଁ ମଧ୍ୟ ୟୁନିଟ୍ ପିଛା ୧୦ ପଇସା ରିଆତି ପ୍ରଦାନ କରାଯାଇଛି। ଯେଉଁ ଷ୍ଟିଲ ପ୍ଲାଣ୍ଟଗୁଡ଼ିକ(ଏଚ୍‌ଟି ଲାଇନ ବ୍ୟବହାରକାରୀ) ୬୫ ପ୍ରତିଶତରୁ ରୁ ୭୫ ପ୍ରତିଶତ ମଧ୍ୟରେ ବିଦ୍ୟୁତ ବ୍ୟବହାର କରିବେ ସେମାନଙ୍କୁ ୧୦ ପ୍ରତିଶତ ରିଆତି ପ୍ରଦାନ କରାଯିବ। ସେହିପରି ୭୫ ପ୍ରତିଶତରୁ ୮୫ ପ୍ରତିଶତ ମଧ୍ୟରେ ୧୫ ପ୍ରତିଶତ, ୮୫ ପ୍ରତିଶତରୁ ଅଧିକ ବିଜୁଳି ବ୍ୟବହାର କରୁଥିବା କାରଖାନାଗୁଡ଼ିକୁ ବିଦ୍ୟୁତ ଶୁଳ୍କରେ ୨୦ ପ୍ରତିଶତ ରିଆତି ଦିଆଯିବ। ଏହି ନିୟମ ୧ ଏମଭିଏରୁ ୬ ଏମଭିଏ ବିଜୁଳି ବ୍ୟବହାର କରୁଥିବା କ୍ଷେତ୍ରରେ ଲାଗୁ ହେବ। ଅନ୍ୟପକ୍ଷରେ ଯେଉଁମାନେ ୬ ଏମଭିଏରୁ ଅଧିକ ବିଜୁଳି ବ୍ୟବହାର କରୁଥିବେ ସେମାନଙ୍କ ପାଇଁ ଭିନ୍ନ ବ୍ୟବସ୍ଥା କରାଯାଇଛି। ୭୫ ପ୍ରତିଶତରୁ ରୁ ୮୫ ପ୍ରତିଶତ ପାଇଁ ୮ ପ୍ରତିଶତ ଏବଂ ୮୫ ପ୍ରତିଶତରୁ ଅଧିକ ବିଜୁଳି ବ୍ୟବହାର କରୁଥିବା କାରଖାନାଗୁଡ଼ିକୁ ୧୦ ପ୍ରତିଶତ ପ୍ରତିଶତ ରିଆତି ବ୍ୟବସ୍ଥା କରାଯାଇଛି। ଏହି ସମସ୍ତ ରିଆତି ମୋଟ ବିଦ୍ୟୁତ୍ ବ୍ୟବହାର ଉପରେ ପ୍ରଦାନ କରାଯିବ। ଏହି ସବୁ ନିୟମ ଆସନ୍ତା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଗୁ ହେବ। ତେବେ ଘରୋଇ ଉପଭୋକ୍ତାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରେଣୀ ପାଇଁ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ।

- ବିପିଏଲ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ଦେୟ ମାସିକ ୧୦ ଟଙ୍କା ହ୍ରାସ
- ଶୀତଳ ଭଣ୍ଡାର ଦେୟ ୟୁନିଟ ପିଛା ଦର ୧.୬ ଟଙ୍କା କମିଲା
- ୫ ଟଙ୍କାକୁ ଖସିଲା ବୈଦ୍ୟୁତିକ ଯାନ ଚାର୍ଜିଂ ୟୁନିଟ୍ ପିଛା ଦର
- ଧାର୍ଯ୍ୟ ସମୟରେ ବିଲ୍ ପୈଠରେ ଆଉ ୧୦ପଇସା ରିଆତି
- ପ୍ରି-ପେଡ ମିଟର ଉପଭୋକ୍ତାଙ୍କୁ ୪ ପ୍ରତିଶତ ଅତିରିକ୍ତ ରିଆତି
- ଇ-ବିଲ୍ ନେଲେ ବିଦ୍ୟୁତ୍ ଗ୍ରାହକଙ୍କୁ ୧୦ ଟଙ୍କା ମିଳିବ ରିଆତି
- ଜଳସେଚନ ଓ କ୍ଷୁଦ୍ରଶିଳ୍ପ ସଂସ୍ଥାକୁ ମଧ୍ୟ ମିଳିବ ଆଶ୍ୱସ୍ତି

ଅପରପକ୍ଷେ ଓଇଆରସି ରାଜ୍ୟର ୪ଟି ବିଦ୍ୟୁତ୍ ବିତରକ କମ୍ପାନୀ ପାଇଁ ବଲ୍କ ସପ୍ଲାଇ ପ୍ରାଇସ(ବିଏସ୍‌ପି) ଧାର୍ଯ୍ୟ କରିଛନ୍ତି। ଟିପିସିଓଡିଏଲ୍ ପାଇଁ ବିଏସ୍‌ପି କିଲୋୱାଟ ଆୱାର ପିଛା ୩୧୫ ପଇସା ଧାର୍ଯ୍ୟ କରାଯାଇଥିବା ବେଳେ, ଟିପିଏଲଓଡିଏଓଲ୍ ପାଇଁ ୩୫୦ ପଇସା, ଟିପିଡବ୍ଲ୍ୟୁଓଡିଏଲ୍ ପାଇଁ ୩୮୦ ପଇସା ଏବଂ ଟିପିଏସ୍‌ଓଡିଏଲ୍ ପାଇଁ ୨୦୦ ପଇସା ଧାର୍ଯ୍ୟ କରାଯାଇଛି।



**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates.**

**(As per the Commission's directions issued in pursuance of the Order dated 13.02.2020 of the Hon'ble Supreme Court in contempt petition© no. 2192 of 2018 in WP(C) no. 536 of 2011)**

Name of the Political Party: **BIJU JANATA DAL**
Name of the Election: **ELECTION TO THE COUNCIL OF STATES, 2024 FROM THE STATE OF ODISHA**
**Name of the State : ODISHA**
(1) Name of the Constituency- **COUNCIL OF STATES, 2024 FROM THE STATE OF ODISHA**
Name of the candidate- **DEBASHISH SAMANTARAY**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the offences | I. Punishment for contraventions of any order made u/s-3 of the Essential Commodities Act, 1955.<br>ii. 9 (I)(b) Evasion of payment of excise duty .<br>9(I)(bb) Removing excisable goods in contravention of provisions of the Act.<br>9(I)(bbb) Possession of or transporting /depositing etc of excisable goods liable for confiscation.<br>9(I)(d) Attempt to commit or abet the commission of any of the above offences.<br>iii. Fails to furnish any information or explanation or produce any document under the Companies Act, 2013<br>iv. Non-filling of annual returns and balance sheet |
| | b. | Case no. | i. Vigilance G.R. Case No. 18/1991,<br>ii. Case No. 2 (C) CC 57/2003<br>iii. Case No.- 2(c) CC No.- 561/2018<br>iv. Case No.- 2(c) CC No.- 5/2021<br>v. 2.(C).C.C Case No.4 of 2021<br>vi. 2.(C).C.C Case No.10 of 2021 |
| | c. | Name of the Court | i. Court of JMFC, Cuttack.<br>ii. Court of the JMFC, Cuttack.<br>iii. Court of A.C.J.M (Spl.), Cuttack<br>iv. Court of A.C.J.M (Spl.), Cuttack<br>v. ACJM (Special Court)-cum-Assistant Sessions Judge, Cuttack<br>vi. ACJM (Special Court)-cum-Assistant Sessions Judge, Cuttack |
| | d. | Whether charges have been framed or not (Yes/No) | i. YES<br>ii. No<br>iii. No<br>iv. No<br>v. Yes<br>vi. Yes |
| | e. | Date of conviction,if any | v.20.01.2023<br>vi.20.03.2023 |
| | vii. | Details of punishment undergone, if any | v. Compounded with fine of Rs.5000/- each<br>vi. Compounded with fine of Rs.4000/- each |
| | vii | Any other information required to be given | N.A |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a social worker of Repute and has always worked for the welfare of the general public. Thrice elected as Member of the Legislative Assembly to the State of Odisha. He is very popular as a leader among the people of the State. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the Rajya Sabha is more justified than other individuals without criminal antecedents.<br>Rajya Sabha being the august House of distinguished representatives and considering his eminence as a distinguished social worker and a popular leader of the State, his selection to the Rajya Sabha in comparison to others was obvious and justified. |

(2) Name of the Constituency- **COUNCIL OF STATES, 2024 FROM THE STATE OF ODISHA**
Name of the candidate- **DEBASHISH SAMANTARAY**
..........................................................................and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sasmit Patra

Signature of office bearer of the Political Party Name and designation: **DR. SASMIT PATRA GENERAL SECRETARY**

ରେଡିଓ ମନରାଇଜର ରଙ୍ଗମଞ୍ଚ, କିନ୍ତୁ ଟେଲିଭିଜନ୍ ମାନସ-ଶୂନ୍ୟତାର ନାଟ୍ୟଶାଳା।
- ଷ୍ଟିଭ୍ ଆଲେନ୍



ସକାଳ
THE SAKALA

## ଦୋହାରେ ଆଠ ଭାରତୀୟ ମୃତ୍ୟୁଦଣ୍ଡରୁ ମୁକ୍ତ

# କାତାରରେ ଭାରତର କୂଟନୈତିକ ସଫଳତା

ସବୁ ଉତ୍କଣ୍ଠାର ଅବସାନ ଘଟିଛି। କାତାରରେ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ହୋଇ ଦୋହାର ଏକ ନ୍ୟାୟାଳୟ ଦ୍ୱାରା ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତୀୟ ନୌସେନାର ଆଠଜଣଙ୍କ ଜୀବନ ରକ୍ଷା ହୋଇଛି। ସେମାନଙ୍କ ମଧ୍ୟରୁ ସାତଜଣଙ୍କୁ ଭାରତ ଫେରାଇ ଅଣାଯାଇଥିବା ବେଳେ ଅନ୍ୟଜଣେ କେତେକ ଔପଚାରିକତା ପୂରଣ କରିବାକୁ ବାକିଥିବାରୁ ତାଙ୍କର ପ୍ରତ୍ୟାବର୍ତ୍ତନ ସାମାନ୍ୟ ବିଳମ୍ବିତ ହୋଇଛି। ଭାରତ ସରକାରଙ୍କ ନିରନ୍ତର କୂଟନୈତିକ ଉଦ୍ୟମ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ଫଳରେ ନୌସେନାର ଏହି ଅଧିକାରୀମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚି ଯାଇଛନ୍ତି।

କାତାର ସମେତ କେତେକ ଉପସାଗରୀୟ ଓ ଆରବ ରାଷ୍ଟ୍ରରେ ଗୁପ୍ତଚର ବୃତ୍ତି ପାଇଁ ଅତି କଠୋର ଆଇନ ତଥା ଦଣ୍ଡବିଧାନ ରହିଛି। ଏହି ମାମଲାରେ ଥରେ ଛନ୍ଦି ହୋଇଗଲେ ସେଥିରୁ ମୁକୁଳିବା ପ୍ରାୟ ଅସାଧ୍ୟ। ଏହି ଆଠଜଣ ପ୍ରାକ୍ତନ ସାମରିକ କର୍ମଚାରୀ (ସମସ୍ତେ ଉଚ୍ଚ ର୍‍ୟାଙ୍କ) ଏବଂ ଏକ ଘରୋଇ ବ୍ୟାବସାୟିକ ସଂସ୍ଥା ସହିତ ସମ୍ପୃକ୍ତ ଥିଲେ ଏବଂ ବ୍ୟବସାୟ କାମରେ କାତାର ଯାଇଥିଲେ। ତେବେ ସେମାନେ ସତରେ ଗୁପ୍ତଚର ବୃତ୍ତିରେ ଲିପ୍ତ ଥିଲେ ନା ବ୍ୟାବସାୟିକ କାରଣରୁ ସେମାନଙ୍କୁ ଏହି ମାମଲାରେ ଫସାଇ ଦିଆଯାଇଥିଲା, ତାହା ଏ ଯାଏଁ ସ୍ପଷ୍ଟ ହୋଇନାହିଁ।

ତେବେ ଥରେ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ହେଲେ ସେ ଦେଶର ଆଇନ ଅନୁସାରେ ମୃତ୍ୟୁଦଣ୍ଡାଦେଶ ସୁନିଶ୍ଚିତ। ତେଣୁ ଅଭିଯୁକ୍ତ ଭାରତୀୟମାନଙ୍କର ବିଚାର ଗୁପ୍ତରେ କରାଯାଇ ମୃତ୍ୟୁଦଣ୍ଡାଦେଶ ପ୍ରଦାନ କରାଯାଇଥିଲା। ପରେ ଭାରତର ହସ୍ତକ୍ଷେପ ଫଳରେ ଏହି ମୃତ୍ୟୁଦଣ୍ଡାଦେଶକୁ ସେଠାକାର ଉପର ଅଦାଲତ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲା। ଭାରତ ଓ କାତାର ମଧ୍ୟରେ ଦ୍ୱିପାକ୍ଷିକ, କୂଟନୈତିକ, ବାଣିଜ୍ୟିକ ଓ ଅନ୍ୟାନ୍ୟ ସମ୍ପର୍କ ନିବିଡ଼। ଏଭଳି ସ୍ଥିତିରେ ଆଠଜଣ ପୂର୍ବତନ ସାମରିକ ଅଧିକାରୀଙ୍କୁ ଦେଶଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ମିଳିବା ଭାରତ ପାଇଁ ଅଚିନ୍ତନୀୟ ଥିଲା। ଏହା ପଛରେ ଯେ ଏକ ରୀତିମତ ଷଡ଼ଯନ୍ତ୍ର ନିହିତ ଥିଲା ସେ ସନ୍ଦେହ ଦୃଢ଼ତର ହୋଇଥିଲା।

ଏହି ନୌସେନା ଅଧିକାରୀମାନଙ୍କୁ ମୁକ୍ତ କରିବା ପାଇଁ ଭାରତ ତତ୍କାଳ ପଦକ୍ଷେପ ଆରମ୍ଭ କରିଥିଲା। କାତାର କର୍ତ୍ତୃପକ୍ଷଙ୍କ ସହ ଭାରତ ସରକାର ତୁହାକୁ ତୁହା ରୁଦ୍ଧଦ୍ୱାର ମନ୍ତ୍ରଣା ଓ ଆଲୋଚନା କରି ଏହାର ଏକ କୂଟନୈତିକ ସମାଧାନ ରାସ୍ତା ବାହାର କରିବାକୁ ନିରବଚ୍ଛିନ୍ନ ଭାବେ ଲାଗିଥିଲେ। ଏହାଛଡ଼ା ଦୁବାଇରେ ଅନୁଷ୍ଠିତ କୋପ୍-୨୮ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ କାତାରର ପ୍ରତିପକ୍ଷଙ୍କୁ ଭେଟି ଏ ସମ୍ପର୍କରେ ତାଙ୍କର ହସ୍ତକ୍ଷେପ ଲୋଡ଼ିଥିଲେ। ଫଳରେ ମୃତ୍ୟୁଦଣ୍ଡ କୋହଳ ହେବା ସହିତ ଏମାନଙ୍କୁ ମୁକ୍ତ କରିବାର ବାଟ ଫିଟିଥିଲା।

ପଦ୍ଧତିଗତ ଭାବେ ଭାରତ ଏହି ଆଠ ଭାରତୀୟଙ୍କ ପାଇଁ କାତାର ଅଦାଲତରେ ମାମଲା ଉପସ୍ଥାପନ କରିଥିଲା। ଏହା ସହିତ କୂଟନୈତିକ ମାର୍ଗକୁ ମଧ୍ୟ ମୁକ୍ତ ରଖିଥିଲା। କାରଣ ଅନେକ ସମୟରେ କୂଟନୀତି ହିଁ ଅନେକ ଆଇନଗତ ଓ ଅନ୍ୟାନ୍ୟ ଜଟିଳତାର ମାର୍ଗକୁ ସରଳ କରିଥାଏ। ଉପସାଗରରେ କାତାର ଏକ ଆଞ୍ଚଳିକ ଶକ୍ତି ଏବଂ ଧର୍ମ ଓ ସଂସ୍କୃତି ଦୃଷ୍ଟିରୁ ଏହାର ସମ୍ପର୍କ ହମାସ୍ ଗୋଷ୍ଠୀ ସହିତ ଭଲ। ଯେତେବେଳେ ହମାସ-ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ ହେଲା ଠିକ୍ ତା'ପରେ ପରେ ଏହି ଆଠଜଣ ଭାରତୀୟଙ୍କୁ ଅଗତ୍ୟା ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ କରାଯାଇ ଗୁପ୍ତରେ ସେମାନଙ୍କ ବିଚାର କରାଯାଇଥିଲା। ତା' ପରେ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳିଥିଲା। କେତେକ ତଥ୍ୟ ଅନୁସାରେ ଏହି ଆଠ ଭାରତୀୟ କାତାରର ଏକ ନୌସେନା ପ୍ରକଳ୍ପ ପାଇଁ କାର୍ଯ୍ୟ କରିବା ଅବସରରେ କୁଆଡ଼େ ଇସ୍ରାଏଲ୍ ପାଇଁ ଗୁଇନ୍ଦାଗିରି କରୁଥିଲେ। ଯେହେତୁ ସମଗ୍ର ଘଟଣାକୁ ଗୁପ୍ତ ରଖାଯାଇଥିଲା ତେଣୁ ଏହି ଅଭିଯୋଗ କେତେ ସତ ଓ କେତେ ମିଛ ତାହା ଜାଣିବାର ସୁଯୋଗ ନଥିଲା। ଇସ୍ରାଏଲ୍- କାତାର ସମ୍ପର୍କ ଭଲ ନ ଥିବାରୁ ଏହି ଆଠଜଣଙ୍କୁ ସନ୍ଦେହରେ ହୁଏତ ଗିରଫ କରାଯାଇପାରିଥାଏ; କାରଣ ଇସ୍ରାଏଲ୍ ସହିତ ମଧ୍ୟ ଭାରତର ସମ୍ପର୍କ ଭଲ।

ଅପରପକ୍ଷରେ ଇସ୍ରାଏଲ୍ ସହିତ ଭାରତର ସମ୍ପର୍କ ଭଲ ଥିବାବେଳେ କାତାର ସହିତ ମଧ୍ୟ ମନ୍ଦ ନୁହେଁ। ସେହି ଛୋଟିଆ ଦେଶ ପ୍ରାକୃତିକ ଗ୍ୟାସରେ ଅତ୍ୟନ୍ତ ସମୃଦ୍ଧ ଏବଂ ସେଠାରେ ଆଠ ଲକ୍ଷ ଭାରତୀୟ ବିଭିନ୍ନ କ୍ଷେତ୍ରରେ କାମ କରନ୍ତି। ଏଥିସହିତ ଭାରତର ୬୦୦୦ ରୁ ଅଧିକ କମ୍ପାନୀ ସେଠାରେ କାର୍ଯ୍ୟରତ। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୨୦୨୧-୨୨ରେ ଥିଲା ୧୫ ବିଲିୟନ ଡଲାରରୁ ଅଧିକ (ଏକ ବିଲିୟନ= ୧୦୦ କୋଟି)। କାତାରରୁ ମଧ୍ୟ ଭାରତ ତାହାର ମୋଟ ଏଲଏନ୍‌ଜି ଆବଶ୍ୟକତାର ୪୦ ଶତାଂଶ ଆମଦାନୀ କରିଥାଏ। ୨୦୪୮ ପର୍ଯ୍ୟନ୍ତ ଏହି ଏଲ୍‌ଏନ୍‌ଜି ଚୁକ୍ତିକୁ ବୃଦ୍ଧି କରିବାକୁ ଗତସପ୍ତାହରେ କାତାର ସହିତ ଭାରତ ଏକ ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଏହି କାରବାରର ପରିମାଣ ହେଉଛି ୭୮ ବିଲିୟନ ଡଲାର।

ଭାରତର ଚତୁର କୂଟନୀତି ବ୍ୟତୀତ ଉପସାଗରୀୟ ଅଞ୍ଚଳରେ ଭାରତର ଉତ୍ତମ ପ୍ରଭାବ ଏବଂ କାତାରର ବାସ୍ତବସ୍ଥିତି ହୁଏତ ଏହି ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରିବାକୁ ବାଧ୍ୟ କରିଥାଇପାରେ। ଏବେ ଜଣାପଡୁଛି ମାମଲାଟି ଅଧିକ ରାଜନୈତିକ ଥିଲା। ଉପସାଗରୀୟ ସହଯୋଗ ପରିଷଦ ବା ଜିସିସି କାତାରକୁ ବାଣିଜ୍ୟିକ ଦୃଷ୍ଟିରୁ ଏକଘରିକିଆ କରି ରଖିଛି। ଏହାସତ୍ତ୍ୱେ ଭାରତ ତା' ସହିତ ବାଣିଜ୍ୟ କାରବାର ସ୍ୱାଭାବିକ ଭାବେ କରି ସେଠାକାର ଅର୍ଥନୀତିକୁ ଚଳମାନ ଅବସ୍ଥାରେ ରଖିଛି। ଦ୍ୱିତୀୟତଃ, ଭାରତ ପଶ୍ଚିମ-ଏସିଆର ବିଭିନ୍ନ ମଞ୍ଚ ସହିତ ସକ୍ରିୟ ଭାବେ ଜଡ଼ିତ। ଭାରତ, ଇସ୍ରାଏଲ୍, ଆମେରିକା ଓ ସଂଯୁକ୍ତ ଆରବ ଏମିରେଟ୍ସ ଏହି ମଞ୍ଚରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ଇସ୍ରାଏଲ୍‌କୁ ବିରୋଧ କରିବାକୁ ଯାଇ କାତାର ଭାରତ ସହ ତାହାର ଅର୍ଥନୈତିକ ଓ କୂଟନୈତିକ ସମ୍ପର୍କ ବିଗାଡ଼ିବାକୁ ଉଚିତ ମନେ ନ କରିବା ଏକ ବାସ୍ତବବାଦୀ ପଦକ୍ଷେପ।

ଉପସାଗରୀୟ ଅଞ୍ଚଳ ସହିତ ଆରବ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଯଥା ଅମୀର, ଶେଖ, ଆୟୋତୋଲ୍ଲାମାନେ କେବଳ ଅହଙ୍କାରୀ ଓ ଉଗ୍ର ଇସଲାମୀୟ ଭ୍ରାତୃବାଦରେ ବିଶ୍ୱାସୀ ନୁହନ୍ତି; ସେମାନେ ମଧ୍ୟ ପ୍ରଚଣ୍ଡ କ୍ଷମତାଲିପ୍ସୁ। ତେଣୁ ସେମାନଙ୍କ ସହ ଭାରତର ସୁସମ୍ପର୍କ ରକ୍ଷା ଜରୁରୀ। ପ୍ରଧାନମନ୍ତ୍ରୀ ମୋଦୀ କାତାର ଓ ସଂଯୁକ୍ତ ଆରବ ଏମିରଟ୍‌ସ ଗସ୍ତରେ ଯାଇଛନ୍ତି। ଆଠଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କୁ ମୃତ୍ୟୁଦଣ୍ଡରୁ ଖଲାସ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ କାତାରର ଶାସକଙ୍କ ସହ ଯେଉଁ ବ୍ୟକ୍ତିଗତ ଆଲୋଚନା କରିଥିଲେ ତାହା ଏବେ ସଫଳ ହୋଇଛି। ସେମାନେ ମୁକ୍ତ ହୋଇଛନ୍ତି। ସେଥିପାଇଁ ପ୍ରଧାନମନ୍ତ୍ରୀ କାତାରର ଅମୀରଙ୍କୁ ବ୍ୟକ୍ତିଗତ ଭାବେ ଧନ୍ୟବାଦ ଜଣାଇବେ। ସେ ସେଠାକାର ନେତାମାନଙ୍କୁ ସନ୍ତୁଷ୍ଟ ରଖିବାକୁ କୂଟନୈତିକ ସହଭାଗିତାର ଗଣିତ ଭୁଲ୍ କରିବା ସମ୍ଭାବନା କ୍ଷୀଣ। ଆରବ ଓ ଉପସାଗରୀୟ ଅଞ୍ଚଳ ତୈଳ ଏବଂ ପ୍ରାକୃତିକ ଗ୍ୟାସରେ ସମୃଦ୍ଧ। ଏସବୁ ନେତାଙ୍କ ପାଖରେ ଧନର ଅଭାବ ନାହିଁ। ଆମର ବହୁ ନାଗରିକ ଓ କମ୍ପାନୀ ସେଠାରେ କାର୍ଯ୍ୟରତ। ତେବେ ସେ ସବୁ ଦେଶର ଶାସକମାନେ ଗଣତନ୍ତ୍ର ଚାହାନ୍ତି ନାହିଁ। ଆମେ ଆମ ସ୍ୱାର୍ଥ ଦୃଷ୍ଟିରୁ ସେଠାରେ ଗଣତନ୍ତ୍ର, ଲୋକ ପ୍ରତିନିଧିମୂଳକ ଶାସନ, ସାମ୍ବିଧାନିକ ବିଧିବ୍ୟବସ୍ଥା, ମାନବବାଦ, ନାରୀମୁକ୍ତି ଆଦି ଭଳି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ଅର୍ଥ ସମ୍ପର୍କକୁ ବିଗାଡ଼ିବା। ଏହା ଭାରତର ମୌଳିକ ନୀତି ଓ ବିଚାରର ପରିପନ୍ଥୀ ହେଲେ ମଧ୍ୟ କୂଟନୀତିକୁ ଅଗ୍ରାଧିକାର ଦେଇ ପ୍ରଥମେ ସ୍ଥିତି ଓ ତା'ପରେ ନୀତି ଦେଖିବାକୁ ପଡ଼ିବ। ଆଜି ବୋଧହୁଏ ଆମ ରାଜନୀତି ଓ ଅର୍ଥନୀତି ଏହି ଘଟଣାରେ ବିଜୟୀ ହୋଇଛି ଓ ମୃତ୍ୟୁଦଣ୍ଡ ପାଇଥିବା ଆଠଜଣ ପ୍ରାକ୍ତନ ନୌସେନା ଅଧିକାରୀ ଫେରିଛନ୍ତି।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଖରିଫ୍ ପରେ ଡାଲି ଓ ତୈଳବୀଜ ଚାଷର ଗୁରୁତ୍ୱ

**ଦେବୀ ପ୍ରସାଦ ମହାପାତ୍ର**
ମୋ: ୯୭୧୧୮୪୯୮୭୩

ଗତ ଦୁଇଦଶନ୍ଧି ଧରି ପାଣିପାଗର ପ୍ରତିକୂଳ ପରିସ୍ଥିତିକୁ ଓଡ଼ିଶା ପ୍ରତିଟି କ୍ଷେତ୍ରରେ ଦୃଢ଼ତାର ସହିତ ମୁକାବିଲା କରିଆସିଛି। ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ଏବଂ କୃଷି କ୍ଷେତ୍ରରେ ନିରନ୍ତର ବିକାଶ ଦ୍ୱାରା ଏବେ ଓଡ଼ିଶା ଧାନ ଉତ୍ପାଦନରେ ବଳକା ରାଜ୍ୟରେ ପରିଣତ ହୋଇପାରିଛି। କିନ୍ତୁ ଏବେ ମଧ୍ୟ ଡାଲିଜାତୀୟ ଓ ତୈଳବୀଜ ଶସ୍ୟ ଉତ୍ପାଦନରେ ଓଡ଼ିଶା ନିଅଣ୍ଟିଆ ରାଜ୍ୟ ଭାବେ ଗଣା ହେଉଛି। ରାଜ୍ୟର ଚାଷୋପଯୋଗୀ ଜମି ପ୍ରାୟ ୬.୫ ନିୟୁତ ହେକ୍ଟର। ସେଥିମଧ୍ୟରୁ ଶତକଡ଼ା ୭୫-୮୦ ଭାଗ (୩.୮ ନିୟୁତ ହେକ୍ଟର) ଜମିରେ କେବଳ ଧାନ ଚାଷ ହେଉଛି। ତେଣୁ ଖରିଫ ଧାନ ଫସଲ ଅମଳ ହେବା ପରେ ବ୍ୟାପକ ଚାଷଜମି ପଡ଼ିଆ ପଡ଼ିଥାଏ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଇରି) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୧୬ ଲକ୍ଷ ହେକ୍ଟରରୁ ଅଧିକ ଧାନଚାଷ ହେଉଥିବା ଜମି ଖରିଫ୍ ଅମଳ ପରବର୍ତ୍ତୀ ସମୟରେ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଉପଯୋଗ କରାଯାଇପାରିବ।

ଚାଷଜମି ବର୍ଷକର ଏକ ନିର୍ଦ୍ଦିଷ୍ଟ ସମୟରେ ବ୍ୟବହାର ହୋଇ ନ ପାରିବା ବା ପଡ଼ିଆ ପଡ଼ିବା ପଛରେ ଅନେକ କାରଣ ରହିଛି। ସେଥିମଧ୍ୟରୁ ସାତଟି ପ୍ରମୁଖ କାରଣ ହେଉଛି ଜଳସେଚନର ଅଭାବ, ଉପକୂଳବର୍ତ୍ତୀ ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା, ମୃତ୍ତିକା ଓ ଜଳ ଅଧିକ ଲବଣାକ୍ତ ହେବା, ଖରିଫ ଋତୁରେ ବିଳମ୍ବର ଅମଳ ହେଉଥିବା ଧାନ କିସମ ଚାଷ ଯୋଗୁଁ ଅମଳରେ ବିଳମ୍ବ, ରବି ଫସଲ ପାଇଁ ବିହନ ବୁଣିବା ସମୟରେ ମାଟିରେ ଯଥେଷ୍ଟ ଆର୍ଦ୍ରତା ନ ରହିବା, ଖରିଫ ଧାନ କଟାଯିବା ପରେ ମୁକ୍ତ ଭାବେ ଗୋରୁଗାଈ ଛଡ଼ାଯିବା ଓ ରବି ଫସଲ ଚାଷ କରିବାରେ ଜ୍ଞାନ ଏବଂ ଅଭିଜ୍ଞତାର ଅଭାବ ସହିତ ସୀମିତ ବିସ୍ତାର ପ୍ରୟାସ। ଅପରପକ୍ଷରେ ଧାନ ଚାଷ ହେଉଥିବା ଜମିରେ ଖରିଫ୍ ଅମଳ ପରବର୍ତ୍ତୀ ସମୟରେ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଖରିଫ୍ ଧାନ ଉତ୍ପାଦନ ପରେ ମାଟିରେ ଆର୍ଦ୍ରତା ରହୁଥିବା ଜମିରେ ମୁଗ, ବିରି, ରାଶି, ସୋରିଷ, ଚିନାବାଦାମ ଆଦି ଫସଲ କରାଯାଇପାରିବ।

ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ହେଉଛି ପ୍ରମୁଖ ଅର୍ଥକରୀ ଫସଲ, ଯାହା କୃଷକମାନଙ୍କର ଆୟ ବୃଦ୍ଧି କରିବା ସହିତ ଉପଭୋକ୍ତାଙ୍କ ପୁଷ୍ଟି ନିରାପତ୍ତାକୁ ସୁନିଶ୍ଚିତ କରିବା, ବାୟୁମଣ୍ଡଳରେ ଯବକ୍ଷାରଜାନ ବିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବଜାୟ ରଖିବା ଏବଂ ପରବର୍ତ୍ତୀ ଫସଲ ଋତୁରେ ଉତ୍ପାଦକତା ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ।

ଓଡ଼ିଶାରେ ଯେ ଡାଲିଜାତୀୟ ଫସଲ ଆଦୌ ହେଉ ନାହିଁ, ତାହା ମଧ୍ୟ ନୁହେଁ। ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୫୦ ହଜାର ହେକ୍ଟର ଜମିରେ ଡାଲିଜାତୀୟ ଫସଲ ଚାଷ କରାଯାଉଛି। କିନ୍ତୁ ରବି ଋତୁରେ ସମୁଦାୟ ପଡ଼ିଆ ପଡୁଥିବା ଅଞ୍ଚଳକୁ ବିଚାରକୁ ନେଲେ ଏହା ଏତେଟା ଉତ୍ସାହଜନକ ବୋଲି ଜଣାପଡୁନାହିଁ। ରବି ଋତୁରେ ମୋଟ ପଡ଼ିଆ ପଡୁଥିବା ଜମିକୁ ଦୃଷ୍ଟିରେ ରଖି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଗୋଟିଏ ଯୋଜନା



ଆରମ୍ଭ କରିଥିଲେ। ୨୦୨୨-୨୩ ମସିହାରେ ଏହି ଯୋଜନା ୩୦ଟି ଜିଲ୍ଲାରେ ପ୍ରାୟ ୭୦ ହଜାର ହେକ୍ଟର ଚାଷଜମିରେ କାର୍ଯ୍ୟକାରୀ ହୋଇଥିଲା। କାର୍ଯ୍ୟକ୍ରମର ସଫଳତା ଏବଂ ଅନୁଭୂତିକୁ ଆଧାର କରି ଚଳିତ ବର୍ଷ (୨୦୨୩-୨୪) ଏହି କାର୍ଯ୍ୟକ୍ରମ ଅଧୀନରେ ୪ ଲକ୍ଷ ହେକ୍ଟର ଜମିରେ ଡାଲି ଏବଂ ତୈଳବୀଜ ଜାତୀୟ ଫସଲ କରିବାକୁ ଯୋଜନା କରାଯାଇଛି।

ଏହି ଯୋଜନାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ସିଜିଆଇଏଆର ଅନ୍ତର୍ଭୁକ୍ତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଇରି) ଭଳି ଅନେକ ପ୍ରମୁଖ ସରକାରୀ ଓ ବେସରକାରୀ ସଂଗଠନ ରାଜ୍ୟ ସରକାରଙ୍କ ସହ ହାତ ମିଳାଇଛନ୍ତି। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ୨୦୧୬ ମସିହାରୁ ଓଡ଼ିଶା ସରକାରଙ୍କ ସହାୟତାରେ ସ୍ଥାନୀୟ ପରିବେଶକୁ ସୁହାଇବା ପରି ଜଳବାୟୁ ଅନୁକୂଳ ଚାଷ ଏବଂ ଓ ପ୍ରତିକୂଳ ପରିସ୍ଥିତିରେ ତିଷ୍ଠି ପାରୁଥିବା ବିହନ, ଉନ୍ନତ କୃଷି ପରିଚାଳନା ଓ ଯନ୍ତ୍ରପାତିର ବ୍ୟବହାରକୁ ପ୍ରୋତ୍ସାହନ ଦେଇ ଆସିଛି। ତେଣୁ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ଜାତୀୟ ଫସଲର ଅଧିକରୁ ଅଧିକ ଚାଷ ପାଇଁ ଅଳ୍ପଦିନରେ ଅମଳ ହେଉଥିବା (୧୦୦-୧୨୦ ଦିନ) ଉପଯୁକ୍ତ କିସମର ଧାନ (ଯଥା ବୀଣା ଧାନ ୧୧, ସିଆର ଧାନ-୪୦୫, ସହଭାଗୀ ଧାନ, ଡିଆରଆର ୪୨, ଡିଆରଆର ୪୪, ଇତ୍ୟାଦିକୁ ଖରିଫ ଋତୁରେ ଚାଷ କରିବା ପାଇଁ କୃଷକଙ୍କୁ ସର୍ବଦା ପରାମର୍ଶ ଦିଆଯାଉଛି।

ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ ଏବଂ ୱାର୍ଲ୍ଡ ଭେଜର ମିଳିତ ସହଯୋଗରେ ଏହି ଯୋଜନା ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲ୍ଲାର ୯୫, ୬୫୦ ହେକ୍ଟର ପତିତ ଜମିରେ ଡାଲିଜାତୀୟ ଓ ତୈଳବୀଜ ଜାତୀୟ ଫସଲ ଚାଷ କରିବା ପାଇଁ କୃଷକମାନଙ୍କୁ ସାହାଯ୍ୟ କରୁଛି। ଚଳିତ ରବି ଋତୁରେ ଏହି ତିନିଟି ଜିଲ୍ଲାରେ ୪୭, ୪୬୬ ହେକ୍ଟର ଜମିରେ ମୁଗ, ୧୬, ୦୬୦ ହେକ୍ଟର ଜମିରେ ବିରି, ୧୨, ୨୩୨ ହେକ୍ଟର ଜମିରେ ବୁଟ, ୩, ୨୮୯ ହେକ୍ଟର ଜମିରେ ମସୁର, ୬, ୨୮୫ ହେକ୍ଟର ଜମିରେ ଖେସରି, ୨, ୩୧୫ ହେକ୍ଟର ଜମିରେ ମଟର, ୬, ୯୪୦ ହେକ୍ଟର ଜମିରେ ସୋରିଷ ଏବଂ ୧, ୦୯୦ ହେକ୍ଟର ଜମିରେ ରାଶି ଚାଷ କରିବା ପାଇଁ ଯୋଜନା ରହିଛି। ଏହି ଯୋଜନା ଅଧୀନରେ ସରକାର କୃଷକମାନଙ୍କୁ ଉତ୍ତମ ଅମଳ ପାଇଁ ସ୍ୱଳ୍ପ-ଅବଧି, ଉଚ୍ଚ-ଅମଳକ୍ଷମ, ରୋଗ-ପ୍ରତିରୋଧକ ସହନଶୀଳ ବିହନ ଯୋଗାଇ ଦେଇଛନ୍ତି। ତାହା ସହିତ ରାଇଜୋବିୟମ କଲଚର, ପିଏସବି କଲଚର, ଟ୍ରାଇକୋଡର୍ମା ଭିରିଡି, ଅନୁସାର(ବୋରାକ୍ସ), ପେଣ୍ଡିମେଥାଲିନ-ପ୍ରି. ଇମର୍ଜେନ୍ସ, ଫେରୋମନ ଟ୍ରାପ ଓ ଲିଓର, ଆଲୋକ ଯନ୍ତା ଓ ହଳଦିଆ/ନୀଳ ଅଠାଳିଆ କାର୍ଡ ଭଳି ଅନ୍ୟାନ୍ୟ ଉପାଦାନ କୃଷକମାନଙ୍କୁ ଯୋଗାଇ ଦିଆଯାଇଛି। ସେମାନଙ୍କୁ ଜମି ପ୍ରସ୍ତୁତି, ବିହନ ବିଶୋଧନ, ସମନ୍ୱିତ ପୋଷକ ତତ୍ତ୍ୱ ପରିଚାଳନା, ଅନାବନା ଘାସ ପରିଚାଳନା, ରୋଗପୋକ ପରିଚାଳନା ଭଳି ଉନ୍ନତ ଫସଲ ପରିଚାଳନା ବ୍ୟବସ୍ଥା ଉପରେ ତାଲିମ ଦିଆଯାଉଛି। ଚାଷୀମାନଙ୍କୁ ଟ୍ରାଇକୋଡର୍ମା ଓ ଡୋଲୋମାଇଟ ବ୍ୟବହାର କରି ବିହନ ଓ ମୃତ୍ତିକା ବିଶୋଧନ ପାଇଁ ପରାମର୍ଶ ଦିଆଯାଉଛି, ଯାହା ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ପାଇବା ସହିତ ଉତ୍ପାଦନ ବୃଦ୍ଧି ହୋଇପାରିବ। ଅନେକ ସ୍ଥାନରେ କୃଷକମାନଙ୍କ ପାଇଁ ମସୁର ଓ ସୋରିଷ ଧାଡ଼ିରେ ବୁଣିବା ଏକ ନୂଆ ଅନୁଭୂତି ଆଣିଦେଇଛି। ଏପରି ଅନେକ ଶସ୍ୟ ଯାହା କ୍ରମଶଃ ରବି ଋତୁରେ ଚାଷ କରାଯାଉ ନଥିଲା, ସେହି ଶସ୍ୟର ପୁନଃରୋପଣ କରିବା ପାଇଁ ଏହି ଯୋଜନା ଅଧୀନରେ କୃଷକମାନଙ୍କୁ ପ୍ରୋତ୍ସାହିତ କରାଯାଉଛି।

ଡାଲିଜାତୀୟ ଶସ୍ୟ ଅମଳ ହେବା ପରେ ସାଇତି ରଖିବା ପାଇଁ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କୃଷକମାନଙ୍କୁ ସୁପରବ୍ୟାଗ ଯୋଗାଇ ଦେବା ପାଇଁ ଯୋଜନା କରାଯାଇଛି, ଯାହା ଦ୍ୱାରା ଏହି ବିହନକୁ ୬-୧୨ ମାସ ପର୍ଯ୍ୟନ୍ତ କୌଣସି ରାସାୟନିକ ଔଷଧ ବ୍ୟବହାର ନକରି ରଖାଯାଇପାରିବ। ଏତଦ୍‌ବ୍ୟତୀତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଭାରତୀୟ ତୈଳବୀଜ ଅନୁସନ୍ଧାନ ସଂସ୍ଥାନ ଓ ଭାରତୀୟ ଡାଲିଜାତୀୟ ଗବେଷଣା ପ୍ରତିଷ୍ଠାନ ମିଳିତ ସହଯୋଗରେ ଓଡ଼ିଶାରେ ଜଳବାୟୁକୁ ସୁହାଇଲା ଭଳି ନୂତନ କିସମର ଡାଲି ଓ ତୈଳବୀଜ ଜାତୀୟ ଫସଲ ପରୀକ୍ଷାମୂଳକ ଭାବରେ ବିଭିନ୍ନ ଜାଗାରେ ପରୀକ୍ଷଣ କରାଯାଉଛି। ଆଗାମୀ ଦିନରେ ଓଡ଼ିଶାର ଚାଷୀମାନଙ୍କୁ ଧାନଭଳି ନୂଆ ନୂଆ କିସମର ଡାଲିଜାତୀୟ ଓ ତୈଳବୀଜ ବିହନ ଉପଲବ୍ଧ କରାଯିବାକୁ ଯୋଜନା କରାଯାଉଛି।

ସରକାରଙ୍କ ଏହି ଅଭିନବ ପ୍ରୟାସ ଆଗାମୀ ଦିନରେ କୃଷକମାନଙ୍କୁ ବୈଜ୍ଞାନିକ ଉପାୟରେ ଡାଲି ଚାଷ କରିବାକୁ ମାର୍ଗଦର୍ଶନ କରିବା ସହିତ ସେମାନଙ୍କ ଆୟ ବୃଦ୍ଧିରେ ସାହାଯ୍ୟ କରିବ, ଏହା ନିଃସନ୍ଦେହ। କ୍ରମାଗତ ଅଧିକରୁ ଅଧିକ ପଡ଼ିଆ ଜମିରେ ରବି ଋତୁରେ ଡାଲିଜାତୀୟ ଓ ତୈଳବୀଜ ଜାତୀୟ ଫସଲ କରିବା ଦ୍ୱାରା ଓଡ଼ିଶା ନିକଟ ଭବିଷ୍ୟତରେ ଏହି ଅର୍ଥକରୀ ଫସଲ ଉତ୍ପାଦନରେ ଏକ ବଳକା ରାଜ୍ୟର ପରିଚୟ ହେବା ପ୍ରାୟ ନିଶ୍ଚିତ ବୋଲି ଜଣାପଡୁଛି।

# ପ୍ରେମଦିବସ ଓ ପିତୃପୂଜନ



**ଡ. ଇଂ ସଞ୍ଜୟ କୁମାର ପଣ୍ଡା**
ବୌଦ୍ଧ, ମୋ: ୯୪୩୭୦୭୯୦୯୯

ପ୍ରେମ ସାରସ୍ୱତ। ପୁନଶ୍ଚ ସତ୍ୟ, ଶିବ ଓ ସୁନ୍ଦର। ପ୍ରେମ ମନୁଷ୍ୟକୁ ଦେବତୁଲ୍ୟ ପ୍ରତୀୟମାନ କରାଇଥାଏ। ପ୍ରେମ ଆବେଗିକ ବନ୍ଧନକୁ ନିବିଡ଼ କରିବା ସହ ଶାନ୍ତି, ମୈତ୍ରୀ, ପ୍ରୀତିର ସଞ୍ଚାର ପ୍ରଦାନ କରିଥାଏ। ବସନ୍ତ ଋତୁର ମଳୟ ପବନ ସମକୋଟି ପ୍ରାଣକୁ ମତୁଆଲା କରିବାରେ ସମର୍ଥ ପ୍ରେମ। ପ୍ରେମ ଯେ ଦେହସର୍ବସ୍ୱ ନୁହେଁ, ଏହା ଧ୍ରୁବ ସତ୍ୟ। ପ୍ରେମ ଅଳିକ ଇନ୍ଦ୍ରିୟସୁଖର ପରିଭାଷା କଦାପି ହୋଇ ନ ପାରେ। ପ୍ରେମ ସିଦ୍ଧି କରିବାକୁ ହେଲେ ଅନେକ କଣ୍ଟକିତ ପଥ ଅତିକ୍ରମ କରିବାକୁ ପଡ଼େ। ଏହି ଭାବାନୁଭୂତି ମାନବ ଜୀବନକୁ ସର୍ବଦା ଚଳଚଞ୍ଚଳ କରିରଖେ। ପ୍ରେମ ଦେହାତୀତ ହେଲେ ସମାଜିକ ବନ୍ଧନ ଅତ୍ୟନ୍ତ ସୁଦୃଢ଼ ହେବା ସହ ନୈସର୍ଗିକ ସୁଖ ପ୍ରାପ୍ତି କରାଏ। ପ୍ରେମାନୁଭୂତି ଗଭୀର ଆତ୍ମତ୍ୟାଗର ବାର୍ତ୍ତା ବହନ କରି ଭାବରଜ୍ଜୁକୁ ସୁଦୃଢ଼ କରିଥାଏ। ସଂଘର୍ଷମୟ ଜୀବନରେ ଦୁଃଖ, ଦୁର୍ବିପାକ, ଅଶ୍ରୁ ଓ କଳହ ମଧ୍ୟରେ ପ୍ରେମାନୁଭୂତି ହେଉଛି ମାନବ ଜୀବନର ସର୍ବଶ୍ରେଷ୍ଠ ସିଦ୍ଧି। ପ୍ରେମ ଇନ୍ଦ୍ରିୟାତୀତ ହେଲେ ସାଂସାରିକ ସୁଖ ପବିତ୍ର ଓ ଚିରସ୍ଥାୟୀ ହୋଇଥାଏ। ପ୍ରେମ ତ୍ୟାଗମୟ ହୋଇପାରିଲେ ସଂସାରର ସମସ୍ତ ଦୁଃଖ ତୁଚ୍ଛ ମନେହୁଏ। ଭାରତବର୍ଷର ସଂସ୍କୃତି ଓ ଐତିହ୍ୟ ପ୍ରେମ, ତ୍ୟାଗ, ରୀତି, ନୀତି ଆଦି ଅମୂଲ୍ୟ ଗୁଣରେ ପୁଲକିତ। ନଳ-ଦମୟନ୍ତୀ, ରାମ-ସୀତା, ରାଧା-କୃଷ୍ଣ, ସାବିତ୍ରୀ-ସତ୍ୟବାନ ଆଦି ଦୈବୀପ୍ରେମ ଭାରତୀୟ ମାନବୀୟ ମୂଲ୍ୟବୋଧକୁ ସଗର୍ବେ ଉପସ୍ଥାପନା କରିଛି।

ଆଜିର ଆଧୁନିକ ସମାଜରେ ଭୌତିକ ଲାଳସା ଜୀବନର ଲକ୍ଷ୍ୟ ହେବା ଭାରତ ପରି ପବିତ୍ର ମାଟି ପାଇଁ ଶୁଭଙ୍କର ନୁହେଁ। ଯେଉଁ ଭାରତବର୍ଷର ପ୍ରଥିତଯଶା ମୁନିଋଷିଗଣ ଆଦର୍ଶ ମୂଲ୍ୟବୋଧ ପ୍ରତିଷ୍ଠିତ କରି ସ୍ୱର୍ଣ୍ଣିମ ଧର୍ମୀୟ ଅଧ୍ୟାୟ ସୃଷ୍ଟି କରିଛନ୍ତି, ଯାହାର ପ୍ରଭାବରେ ଏ ଧରିତ୍ରୀର ପାଣି, ପବନ ସଦା ବାସ୍ନାୟିତ, ସେହି ଭୂଖଣ୍ଡରେ ଶାଶ୍ୱତ ପ୍ରେମକୁ ନବୁଝି ବୃଥା ଆକର୍ଷଣ ବିକାରକୁ ଆଦରି ନେବା ଅତ୍ୟନ୍ତ ଦୁଃଖଦ ଘଟଣା। ପ୍ରେମ ଓ ତ୍ୟାଗକୁ ଏପରି ମହନୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଛି, ଯେଉଁଠି ମୃତ୍ୟୁ ତୁଚ୍ଛ ପ୍ରତୀୟମାନ ହୋଇଥାଏ।

ଆବହମାନ କାଳରୁ ଆଦାମ-ଇଭ୍‌ଙ୍କ ସୃଷ୍ଟି ପରଠାରୁ ପ୍ରେମର ଭାଷା ବିବର୍ତ୍ତନବାଦ ପ୍ରବାହରେ ଚିର ପରିବର୍ତ୍ତନଶୀଳ। ପ୍ରେମ ଯେ ଏକ ସାମାଜିକ, ଚାରିତ୍ରିକ, ମାନସିକ ଉତ୍ତରଦାୟିତ୍ୱ, ଏହା ପ୍ରତିକ୍ଷଣରେ ଭାରତୀୟ ମାନବୀୟ ଶୃଙ୍ଖଳାକୁ ଦର୍ଶାଇଥାଏ। ପ୍ରେମ ସମ୍ମାନର ଆଦାନ ପ୍ରଦାନର ଅନ୍ୟତମ ମାର୍ଗ ହୋଇଥାଏ। ଭାବାବେଗ ପ୍ରେମର ଆଭୂଷଣ ହେବା ସହ ନିବିଡ଼ତା ପ୍ରେମର ଜୀବନଶୈଳୀ। ବିଶ୍ୱସନୀୟତା ତା'ର ଶକ୍ତ ମୂଳଭିତ୍ତି। ପରସ୍ପର ପ୍ରତି ଆବେଗିକ ସଂହତି ରକ୍ଷା କରିବା ସହ ସାମାଜିକ ଦାୟିତ୍ୱବୋଧତା ପ୍ରକୃତ ପ୍ରେମର ମୁଖ୍ୟ ଉଦ୍ଦେଶ୍ୟ ହେବା ବିଧେୟ।

ପ୍ରେମ ଦେହୋତ୍ତର ହେବା ସହ କେବଳ ପ୍ରେମିକ ଓ ପ୍ରେମିକା ମଧ୍ୟରେ ସୀମିତ ହୋଇନପାରେ। ଏହା ପରସ୍ପର ପ୍ରତି ବଚନବଦ୍ଧ ହେବା ସହ ଉତ୍ତରପିଢ଼ିମାନଙ୍କୁ ଏକ ଶିକ୍ଷଣୀୟ ସନ୍ଦେଶ ପ୍ରଦାନ କରିବାର ମାର୍ଗ ପ୍ରଶସ୍ତ କରିଥାଏ। ପ୍ରେମରେ ନିଜକୁ ହଜେଇ ଦେବା ଏକ ମୁଖ୍ୟ ଆକର୍ଷଣ। ସମର୍ପଣ ଭାବ ସହ ନିଜକୁ ଅନ୍ୟ ହୃଦୟରେ ଅବସ୍ଥାପିତ କରିବା ଓ ଜଣେ ଅନ୍ୟ ଜଣଙ୍କର ପରିପୂରକ ହେବା ପ୍ରକୃତ ପ୍ରେମର ପରିଭାଷା। ଡ. ମାୟାଧର ମାନସିଂ 'କମଳାନୟନ' କାବ୍ୟରେ ପ୍ରେମ ପରିଭାଷାକୁ ରସୋତ୍ତୀର୍ଣ୍ଣ କରି ପ୍ରେମର ଶ୍ରେଷ୍ଠତମ ଆଦର୍ଶ ପ୍ରତିପାଦିତ କରିଛନ୍ତି -

***'ପ୍ରେମ ନୁହେଁ ଦେହ ଦେହୁଁ ଭୋଗ ଅନ୍ୱେଷଣ ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଦନ / ପ୍ରେମ ସମର୍ପଣ ଅନ୍ୟ ଏକ ପାଇଁ ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ / ନୈରାଶ୍ୟ, କଷଣ, ଅଶ୍ରୁ ସାଥୀ ପ୍ରଣୟର ପ୍ରେମିକ, ପ୍ରେମିକା ପୋଛେ ଅଶ୍ରୁ ଅନ୍ୟୋନ୍ୟର।'***

ପ୍ରେମ ସ୍ନେହର ଅନ୍ୟତମ ସଂଜ୍ଞା। ମାତା-ପିତା-ସନ୍ତାନ ପ୍ରେମ, ଭ୍ରାତୃ-ଭଗ୍ନୀ ପ୍ରେମ, ବନ୍ଧୁପ୍ରେମ, ଗୁରୁ-ଶିଷ୍ୟ ପ୍ରେମ, ଦେଶପ୍ରେମ, ଜାତିପ୍ରେମ ଆଦି ଅନେକାନେକ ପ୍ରେମ ମାନବ ଜାତିକୁ ଅନ୍ୟ ପ୍ରାଣୀଠାରୁ ଶ୍ରେଷ୍ଠ ବିବେଚିତ କରାଇଥାଏ। ଏହି ପ୍ରେମରେ ଆବିଳତାର ଲେଶମାତ୍ର ଅନୁଭବ ନଥାଏ। ଏହା ତ୍ୟାଗର ପ୍ରତୀକ ହୋଇ ରହିଥାଏ। ଉପରୋକ୍ତ ସମସ୍ତ ସମ୍ପର୍କ ସାମାଜିକ ଆଦର୍ଶ ବୃଦ୍ଧି କରିବା ସହ ଧର୍ମୀୟ ଓ ଆତ୍ମୀୟ ମୂଲ୍ୟବୋଧକୁ ସଫଳ ରୂପାୟନ କରି ଅନୁଭୂତି ଆଧାରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥାଏ, ଯାହାର ପାଠକ ଆଗାମୀ ପିଢ଼ି ହୋଇଥାଏ। ଏହା କାଳକାଳ ପ୍ରଶସ୍ତିତ ହୋଇଥାଏ। ସମୟ ସ୍ରୋତରେ ମାନବୀୟ ମୂଲ୍ୟବୋଧ କ୍ଷୀଣପ୍ରଭା ହେବା ସହ ବୈଜ୍ଞାନିକ ଧାରା ସମ୍ବଳିତ ଆଧୁନିକ ସମାଜ ବୌଦ୍ଧିକ ପବିତ୍ରତାକୁ ଗୌଣ କରିଦେଇଛି।

ପ୍ରସଙ୍ଗକ୍ରମେ 'ଭାଲେଣ୍ଟାଇନ୍ ଡେ' ରୋମୀୟ ସଂସ୍କୃତିରୁ ଉଦ୍ଭୃତ। ଖ୍ରୀଷ୍ଟୀୟ ପାଦ୍ରୀ 'ଭାଲେଣ୍ଟାଇନ୍'ଙ୍କ ମୃତ୍ୟୁଦିବସକୁ ନେଇ 'ଭାଲେଣ୍ଟାଇନ୍ ଦିବସ' ପାଳନ କରାଯାଏ। ପ୍ରାଚୀନ କାଳରେ ସାମରିକ ଅଧିକାରୀମାନଙ୍କ ବିବାହ ନିଷିଦ୍ଧ ଥିବାବେଳେ ଏହି ପାଦ୍ରୀଜଣକ ସେଠାକାର ରାଜାଆଜ୍ଞା ଅବଜ୍ଞା କରି ସୈନ୍ୟସାମନ୍ତଙ୍କୁ ଗୁପ୍ତରେ ବିବାହ କରାଉଥିବାରୁ ତାଙ୍କୁ ଏହି ଦିନରେ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଯେଉଁ ସଂସ୍କୃତିରେ ପ୍ରସ୍ତାବ ଦିବସ, ଚକୋଲେଟ୍ ଦିବସ, ଟେଡି(କଣ୍ଢେଇ) ଦିବସ, ବଚନ ଦିବସ, ଆଲିଙ୍ଗନ ଦିବସ, ଚୁମ୍ବନ ଦିବସ, ଭାଲେଣ୍ଟାଇନ୍ ଦିବସ ଆଦି ସାପ୍ତାହିକ ପାଳନ ପର୍ବ ରହିଥାଏ। ଭାରତୀୟ ସଂସ୍କୃତିରେ ଅଗ୍ନିକୁ ସାକ୍ଷୀ ରଖି ସାତଜନ୍ମର ସାଥୀ ରୂପେ ଗ୍ରହଣୀୟ ବିଧି ରହି ପ୍ରେମବନ୍ଧନ ଏକ ଧର୍ମୀୟ ଶାଶ୍ୱତ ବିଷୟ ହୋଇଥାଏ। କିନ୍ତୁ ଖ୍ରୀଷ୍ଟୀୟ ବିବାହ ଏକ ରାଜିନାମା ହୋଇଥିବାରୁ ଏହାର ପ୍ରାସଙ୍ଗିକତା ପାଶ୍ଚାତ୍ୟ ପରମ୍ପରାରେ ରହିପାରେ, କିନ୍ତୁ ଆମ୍ଭ ସଂସ୍କୃତିରେ ଏହା ସର୍ବଦା ତ୍ୟଜ୍ୟ ହେବା ବିଧେୟ।

ଆଧୁନିକ ସମାଜରେ ଉଭୟ ପୁରୁଷ ଓ ସ୍ତ୍ରୀ ପରସ୍ପରକୁ ଜାଣିବା ଆବଶ୍ୟକ, କିନ୍ତୁ ଏହାର ଏକ ପବିତ୍ରସୀମା ରହିବା ଜରୁରୀ। ଭାରତୀୟ ସମୃଦ୍ଧ ଓ ରୁଚିସମ୍ପନ୍ନ ପରମ୍ପରାରେ ଆଧୁନିକତାର ନାମ ନେଇ ନିଜର ଚାରିତ୍ରିକ ସ୍ଖଳନ କରିବା କେତେଦୂର ଯୁକ୍ତିଯୁକ୍ତ, ବିବାହ ପୂର୍ବରୁ ଆଲିଙ୍ଗନ, ଚୁମ୍ବନ କେତେଦୂର ଗ୍ରହଣୀୟ ତାହା ବିଚାର୍ଯ୍ୟ। ଏପରି ବିଶୃଙ୍ଖଳ ଆଚରଣରୁ ବ୍ୟଭିଚାର ବୃଦ୍ଧି ପାଇବା ସହ ଛାଡ଼ପତ୍ର ପରି ସାମାଜିକ ଅରାଜକତା ସୃଷ୍ଟି ହେଉଛି, ଯାହା ଭାରତୀୟ ସଂସ୍କୃତିର ପରିପନ୍ଥୀ। ପ୍ରେମ ଶାଶ୍ୱତ ହେବା ଆବଶ୍ୟକ, ଯାହାର ସ୍ପର୍ଶରେ ଅନ୍ତରାତ୍ମାରେ ପବିତ୍ର ପୁଲକ ସୃଷ୍ଟି ହେବା କଥା।

ଏହିକ୍ରମରେ ଯୁବବର୍ଗ କ୍ଷଣିକ ପ୍ରେମ ସୁଖକୁ ଦେହସର୍ବସ୍ୱ ନକରି ନିଜର ପରିବାର ମର୍ଯ୍ୟାଦା ବଜାୟ ରଖନ୍ତୁ। ଯେଉଁ ମାତା, ପିତା ନିଜର ଲୁହକୁ ପାଣି କରି ସର୍ବସ୍ୱ ସମର୍ପିଦେଇ ସନ୍ତାନ ସନ୍ତତିକୁ ପ୍ରତିପୋଷଣ କରିଛନ୍ତି, ପ୍ରଥମେ ତାଙ୍କ ପ୍ରତି ଉତ୍ତରଦାୟିତ୍ୱ ବଜାୟ ରଖନ୍ତୁ। ସ୍ୱାର୍ଥାନ୍ଧ ହୋଇ ସାମାଜିକ ଶୃଙ୍ଖଳକୁ ପଦାଘାତ କରିବା କୃତଘ୍ନର କର୍ମ। ଏଥିରୁ ନିବୃତ୍ତ ହେବା ନିତାନ୍ତ ଜରୁରୀ। ଭାରତୀୟ ସଂସ୍କୃତିକୁ ସଂରକ୍ଷିତ ରଖିବା ଉଦ୍ଦେଶ୍ୟରେ ଫେବୃୟାରୀ ୧୪ ତାରିଖ ଦିନ 'ମାତୃପିତୃ ପୂଜନ ଦିବସ' ୨୦୦୭ ମସିହାରୁ ଆରମ୍ଭ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନ, ଆଶ୍ରମ ଓ ସାମାଜିକ ଅନୁଷ୍ଠାନରେ ପାଳନ କରାଯାଉଛି। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପାଶ୍ଚାତ୍ୟ ସଭ୍ୟତାର କୁସଂସ୍କୃତିକୁ ବିଲୋପ କରି ଭାରତବର୍ଷରେ ସୁସ୍ଥ ସମାଜ ଗଠନ କରିବା। ମାତା, ପିତା, ଗୁରୁଜନ ଏ ସମାଜରେ ମୁଖ୍ୟ ଚରିତ୍ର। ଏମାନଙ୍କ ବିନା ଜୀବନ ନାଟକ ସମ୍ଭବ ନୁହେଁ। ସଂସାର ସୃଷ୍ଟି ଓ ଏହାର ଚିରପ୍ରବାହ ଏମାନଙ୍କ ଦ୍ୱାରା ସମ୍ଭବ। ମା' ପାଇଁ କୁହାଯାଏ -

***ନାସ୍ତି ମାତୃସମା ଛାୟା ନାସ୍ତି ମାତୃସମା ଗତିଃ / ନାସ୍ତି ମାତୃସମଂ ତ୍ରାଣଂ ନାସ୍ତି ମାତୃସମା ପ୍ରପା।***

ମା' ପରି ଛାୟା, ଆଶ୍ରୟ, ସୁରକ୍ଷା କିଛି ନାହିଁ। ମା' ପରି କୌଣସି ଜୀବନଦାତ୍ରୀ ଏ ଜଗତରେ ନାହାନ୍ତି। ମା' ବିନା ଜୀବନରେ ଶୀତଳତା, ଶାନ୍ତି ଓ ପୂର୍ଣ୍ଣତା ପ୍ରାପ୍ତି ହୋଇନଥାଏ। ଠିକ୍ ସେହିପରି ପିତା ଏ ଜଗତ ପାଇଁ ଧର୍ମ, ତପ, ପରମ ଦେବତା ହୋଇଥା'ନ୍ତି, ଯାହାଙ୍କ ଆଶୀର୍ବାଦରେ ସନ୍ତାନଙ୍କ ସକଳ ଦୁଃଖ ଦୂର ହୋଇଥାଏ। ତେଣୁ ଯଥାର୍ଥରେ କୁହାଯାଇଛି -

***'ପିତା ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପଃ / ପିତରି ପ୍ରୀତିମାପନ୍ନେ, ପ୍ରିୟନ୍ତେ ସର୍ବ ଦେବତା।'***

ଆମ୍ଭର ପବିତ୍ର ସଂସ୍କୃତିରେ ଭଗବାନଙ୍କୁ ମାତା, ପିତା, ବନ୍ଧୁ, ସଖା, ବିଦ୍ୟା, ଆଦି ରୂପେ ମାନ୍ୟତା ଦିଆଯାଇ ମୋକ୍ଷପ୍ରାପ୍ତିର କାରଣ ରୂପେ ବିବେଚନା କରାଯାଏ। ଏଣୁ କୁହାଯାଏ -

***'ତ୍ୱମେବ ମାତାଶ୍ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ / ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ ତ୍ୱମେବ ସର୍ବ ମମ ଦେବ ଦେବ।'***

ଆମ୍ଭର ଭାରତବର୍ଷ ଧର୍ମୀୟ ଭାବନାରେ ଉଜ୍ଜୀବିତ। ଏହାର ପବିତ୍ରତାକୁ ବଜାୟ ରଖିବା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ। ଆମେ ଗୁରୁ ହେବା ଗୌରବର ବିଷୟ। କିନ୍ତୁ କ୍ଷଣିକ ସୁଖ ପାଇଁ ଅନ୍ୟର ଅନୁକରଣ କରିବା ଓ ନିଜକୁ ନିଜେ ରସାତଳଗାମୀ କରିବା କେତେଦୂର ବିଜ୍ଞତାର ପରିଚାୟକ ତାହା ବିଚାର୍ଯ୍ୟ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

ଏହି ପ୍ରକଳ୍ପ କାରଣରୁ ଉପଭୋକ୍ତା ଏଜେନ୍ସି ଦ୍ୱାରା ଜମା ପାଇଁ ବକେୟା ଅର୍ଥ ମଧ୍ୟ ଉଚିତ୍ ମୂଲ୍ୟ ଆଧାରରେ ଜମା କରାଯିବ ।
ଉପଭୋକ୍ତା ଏଜେନ୍ସି ଜଙ୍ଗଲ / ବନ୍ୟପ୍ରାଣୀ ମଞ୍ଜୁରୀ ଆଦେଶରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅନୁପାଳନ ପ୍ରତି ତ୍ରୈମାସରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡର ଡିଭିଜନାଲ ଫରେଷ୍ଟ ଅଫିସରଙ୍କୁ ତାଙ୍କ ଦ୍ୱାରା ଯାଞ୍ଚ ଉଦ୍ଦେଶ୍ୟରେ ଦାଖଲ କରିବେ ।

ସା/- ସରକାରଙ୍କ ଓଏସ୍‌ଡି-ତଥା-ସତନ୍ତ୍ର ସଚିବ

ମେମୋ ନଂ. ୬୩୬/ ଏଫ୍‌ଇ ଆଣ୍ଡ ସିସି — ତାରିଖ ୧୦.୦୧.୨୦୨୪

ସୂଚନା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଆୟକର କେନ୍ଦ୍ର, ଓଡ଼ିଶା ସଚିବାଳୟ, ଭୁବନେଶ୍ୱରସ୍ଥିତ ରାଜ୍ୟ ପୋର୍ଟାଲର ମୁଖ୍ୟଙ୍କୁ ସଂଲଗ୍ନପତ୍ରର ନକଲ ସହ କପି ପଠାଯାଇଛି । ସମ୍ପୃକ୍ତ ସମସ୍ତଙ୍କ ସୂଚନା ପାଇଁ ତୁରନ୍ତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୱେବସାଇଟରେ ଏହି ଆଦେଶକୁ ଅପଲୋଡ୍ କରିବାକୁ ଅନୁରୋଧ କରାଯାଇଛି । ମାନ୍ୟବର ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଡିଟିଡି ୦୭.୧୧.୨୦୧୨ର ଅପିଲ୍ ନଂ. ୭/୨୦୧୨ର ଆଦେଶ ଅନୁଯାୟୀ ଏହା ଆବଶ୍ୟକ । ତେଣୁ ଏହା ନିରବଚ୍ଛିନ୍ନ ଭାବରେ କରାଯାଇପାରେ ।

ସା/- ସରକାରଙ୍କ ଓଏସ୍‌ଡି-ତଥା-ସତନ୍ତ୍ର ସଚିବ

ମେମୋ ନଂ. ୬୩୭/ ଏଫ୍‌ଇ ଆଣ୍ଡ ସିସି — ତାରିଖ ୧୦.୦୧.୨୦୨୪

ଚିଠି ନଂ. ୧୨୯୩୯/ଏଫ୍ ଆଣ୍ଡଇ ତାରିଖ ୧୬.୦୭.୨୦୧୬ ସଂକ୍ରାନ୍ତରେ ସୂଚନା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଉପସଚିବ, ପ୍ରତିଷ୍ଠାନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କୁ ଅନୁବନ୍ଧର ନକଲ ସହ କପି ପଠାଯାଇଛି ।

ସା/- ସରକାରଙ୍କ ଓଏସ୍‌ଡି-ତଥା-ସତନ୍ତ୍ର ସଚିବ

---

**GOVERNMENT OF INDIA**

## MINISTRY OF ENVIRONMENT, FOREST AND CLIMATE CHANGE

### INTEGRATED REGIONAL OFFICE

**A/3, CHANDRASEKHARPUR, BHUBANESWAR - 751023, ODISHA**

Telephone: 0674-2301213, 2302432, 2301248, 2302452, 2302453, Email: roez.bsr-met@nic.in

No. 5-ORC469/2021-BHU — 17th November, 2021

To,
The Addl. Chief Secretary,
Forest & Environment Deptt.,
Government of Odisha,
Bhubaneswar-751 001.

Sub: Diversion of 15.265 ha of forest land for expansion of existing Red Mud Pond at Village Rengapali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division.

Madam,

I am directed to refer to State Govt, letter No.10F(Cons)44/2021-10169/F&E dated 04.062021 and PCCF, Odihsa's letter No.16164/9F(Ind)398/2020 dated 18.09.2021 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government and on the basis of decision of Regional Empowered Committee meeting held on 11.10.2021 and the compliance received from PCCF, Odisha vide letter No.18792/9F(Ind)-398/2020 dated 08.11.2021 and M/s IDCO's letter No.HO/DCF/10/05-06/19664 dated 12.11.2021, the Ministry of Environment, Forest & Climate Change hereby conveys **'Stage-I/in-principle'** approval for diversion of 15.265 ha of forest land for expansion of existing Red Mud Pond at village Rengopali under Lanjigarh Tahasil in Kalahandi District of Odisha in favour of M/s IDCO, Bhubancswar, under Kalahandi South Forest Division, subject to the fulfillment of the following conditions.

**A: Conditions which need to be complied prior to handing over of forest land by the State Forest Department.**

i. The user agency shall transfer online, the Net Present Value (NPV) of 15.265 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2007-FC dated 05.02.2009. The requisite funds shall be transferred through online portal in CAMPA account of the State concerned.
ii. The identified non-forest land of 16.49 ha for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval.
jii. The land identified for the purpose of Compensatory Afforestation shall be clearly depicted on a Survey of India Topo sheet of I : 50,000 scale.
iv. The KML files of the area to be diverted, the CA areas, the proposed SMC work, the proposed Catchment Area Treatment area and the WLMP area shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be.
v. All non-forest land received under C.A. in Kalahandi district should be notified as forest under the India Forest Act. 1927 within 6 months.
vi. C.A. area under degraded forest is very large and planting 200 saplings/ha seems to be very scanty. State Forest Department may consider to afforest the degraded area with more saplings per ha.
vii. The user agency shall transfer the cost of raising and maintaining the compensator afforestation at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years.
viii. All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in). Amount deposited through other mode will not be accepted as compliance of the Stage-I clearance.
ix. The cost of felling of trees shall be deposited by the user agency with the State Forest Department.
x. The compliance report of the Stage-I approval shall be uploaded on e-portal (https://parivesh.nic.in).
xi. The complete compliance of the FRA, 2006 shall be ensured by way of prescribed certificate from the concerned District Collector.
xii. The User agency shall
xiii. The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced concrete pillars, each inscribed with its serial number, distance from pillar to pillar and GPS co-ordinates.

**B: Conditions which need to be strictly complied on field after handing over of forest land to the user agency by the State Forest Department but the compliance in form of undertaking shall be submitted prior to Stage-II approval,**

i. Legal status of forest land proposed for diversion shall remain unchanged.
ii. Compensatory afforestation shall be raised over 16.49 ha non-forest land identified in village Dangajore under Lanjigarh Tahasil under Kalahandi (South) Forest Division within three years from the date of Stage-II Clearance and maintained thereafter by the State Forest Department at the cost of user agency.
iii. Addl. Compensatory afforestation shall be raised over 129 ha degraded forest land identified in Ghana RF under Junagarh Range of Kalahandi (South) Forest Division within three years from the date of Stage-II Clearance and maintained thereafter the State Forest Department at the cost of user agency.
iv. The species to be planted under C.A./Addl. C.A. shall be indigenous to the area and naturally growing species shall be planted using intensive planting technique to ensure survival of the plantation. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. These reports shall be communicated to IRO periodically (six monthly).
v. At the time of payment of Net Present Value (NP V) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India.
vi. The user agency shall obtain Environment Clearance as per the provisions of the Environmental (Protection) Act. 1986, if applicable.
vii. No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas.
viii. No additional or new path will be constructed inside the forest area for any activity related to the project work.
ix. The user agency while executing works, shall not fell any tree or damage forest growth in the surrounding forest area in any manner.
x. The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change.
xi. The forest land shall not be used for any purpose other than that specified in the proposal.
xii. The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change.
xiii. No damage to the flora and fauna of the adjoining area shall be caused.
xiv. The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area.
xv. The user agency shall explore the possibility of successful translocation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department.
xvi. The period of diversion under this approval shall be co-terminus with the period of lease granted in favour of user agency or the project life, whichever is less.
xvii. The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Integrated Regional Office of this Ministry by the end of March every year..
xviii. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency.
xix. The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xx. Violation of any of these conditions will amount to violation of Forest (Conservation) Act, 1980 and action would be taken as prescribed in Para 1.21 of Chapter I of the Handbook of comprehensive guidelines of Forest (Conservation) Act, 1980 as issued by this Ministry's letter No.5-2/2017-FC dated 28.03.2019.

3. After receipt of the report on compliance to the conditions stipulated above, from the State Government of Odisha. final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

Yours faithfully,
(Padma Mahanti)
Dy. Inspector General of Forests (C)

Copy to:-
1. The Addl. PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar - 751023.
2. The Chief General Manager (Land), IDCO, IDCO Tower, Janpath, Bhubanswar, Odisha.

**Dy. Inspector General of Forests (C)**

---

**GOVERNMENT OF INDIA**

## MINISTRY OF ENVIRONMENT, FOREST AND CLIMATE CHANGE

### INTEGRATED REGIONAL OFFICE

**A/3, CHANDRASEKHARPUR, BHUBANESWAR - 751023, ODISHA**

Telephone: 0674-2301213, 2301248, 2302452, 2302453, Email: roez.bsr-met@nic.in

No. 5-ORC469/2021-BHU — 29th December, 2023

To,
The Addl. Chief Secretary,
Forest & Environment Deptt.,
Government of Odisha,
Bhubaneswar-751 001.

Sub: Diversion of 15.265 ha of forest land for expansion of existing of Red Mud Pond at village Rengapali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division.

Sir,

I am directed to refer to State Govt. letter No. 10F(Cons)44/2021-10169/F&E dated 04.06.2021 and PCCF, Odihsa's letter No.16164/9F(Ind)398/2020 dated 18.09.2021, wherein prior approval of the Ministry of Environment, Forest & Climate Change for diversion 15.265 ha of forest land for expansion of existing of Red Mud Pond at village Rengopali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division, was sought in accordance with Section-2 of the Forest (Conservation) Act, 1980. After due consideration of the proposal by the Ministry of Environment, Forest & Climate Change and on the basis of decision of Regional Empowered Committee meeting held on 11.10.2021 and the compliance received from the PCCF, Odisha vide letter No.18792/9F (Ind)-398/2020 dated 08.11.2021 and M/s IDCO's letter No.HO/DCF/10/05-06/19664 dated 12.11.2021, the in-principle approval for diversion of the said forest land was accorded by Ministry vide this office letter of even number dated 17.11.2021, subject to fulfillment of certain conditions. The Nodal Officer (FCA) of the State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the PCCF & Nodal Officer (FCA), Odisha vide their letter No.20912/9F (IND) 398/2020 dated 20.10.2023 & No.24351 dated 13.12.2023, Stage-II/final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 15.265 ha of forest land for expansion of existing of Red Mud Pond at village Rengopali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division, subject to the fulfillment of the following conditions:-

**A: Conditions which need to be complied prior to handing over of forest land.**

i) The State Gov., shall ensure the compliance on FRA, 2006 as per Forest (Conservation) Rules and guidelines issued from time to time.
ii) The State Govt. shall ensure that the user agency shall obtain the Environment Clearance as per the provisions of the Environmental (Protection) Act, 1986, if required.
iii) The State Govt. shall ensure that NPV of the above proposal has been realized from user agency as per Ministry's direction from time to time.
jv) The State Govt. shall ensure that the KML files of the area to be diverted, CA and additional CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency.
v) The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates.

**B: Conditions which need to be complied after handing over of forest land to the user agency.**

i) Legal status of the diverted forest land shall remain unchanged.
ii) The State Govt. shall ensure that the Stale Forest Department will raise the Compensatory afforestation over 16.49 ha of non-forest land identified in village Dangajore under Lanjigarh Tahasil under Kalahandi (South) Forest Division within two years from the-date of Stage-II Clearance as per approved plan/scheme and maintained thereafter by the State Forest Department from the funds deposited by the user agency in CAMPA account.
iii) The State Govt. shall ensure that the State Forest Department will raise the additional Compensatory afforestation over 129 ha degraded forest land identified in Ghana RF under Junagarh Range of Kalahandi (South) Forest Division within two years from the date of Stage-II Clearance as per approved plan/scheme and maintained thereafter by the State Forest Department from the funds deposited by the user agency in CAMPA account.
iv) The species to be planted under the CA and Additional CA schemes shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals.
v) The user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India.
vi) The State Govt, shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas.
vii) The State Govt. and user agency shall ensure that no additional or new path will be constructed inside the forest area for any activity related to the project work.
viii) The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner.
ix) The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency.
x) The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change.
xi) The Suite Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change.
xii) The State Govt. shall ensure that No damage to the flora and fauna of the adjoining area shall be caused.
xiii) The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area.
xiv) The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department.
xv) The State Govt. shall ensure that the period of diversion under this approval shall be co- terminus with the period of lease granted in favour of user agency or the project life, whichever is less.
xvi) The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly.'
xvii) The State Govt. shall ensure that any other conditions that the Ministry of Environment, Forests &. Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
xviii) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines. NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xix) Violation of any of these conditions will amount to violation of Forest (Conservation) Act, 1980 and action would be taken as per Para 1.21 of Chapter-1 of Handbook of Guidelines issued under F.C. Act, 1980 vide Ministry's letter No.5-2/2017-FC dated 28.03.2019.

Yours faithfully,
(Padma Mahanti)
Dy. Inspector General of Forests (C)

Copy to:
1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi - 110003.
2. The PCCF & Nodal Officer (FCA), Forest Department, Govt, of Odisha, Aranya Bhawan, Chandrasekharpur, Bhubaneswar.
3. The Chief General Manager (Land), IDCO, Odisha, Bhubaneswar / M/s. Vedanta Aluminum Ltd., At/PO: Lanjigarh, Dist: Kalahandi, Odisha.

**Dy. Inspector General of Forests (C)**

---

**GOVERNMENT OF INDIA**

## FOREST, ENVIRONMENT AND CLIMATE CHANGE DEPARTMENT

No. FE-DIV-FLD-0085-2021-629 /FE&CC, Bhubaneswar, dated the 10.01.2024 10F (Cons)-44/2021

### ORDER

**Sub: Diversion of 15.265 ha of forest land for expansion of existing Red Mud Pond at village Rengopali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division.**

WHEREAS, the Chief General Manager (Land), IDCO, Odisha, Bhubaneswar had applied for diversion of 15.265 ha of forest land for expansion of existing Red Mud Pond of Alumina Refinery of M/s Vedanta Ltd at village Rengopali in Lanjigarh Tahsil in Kalahandi South Forest Division under Kalahandi District in the State of Odisha applied by M/s IDCO, Bhubaneswar.

And whereas, the Ministry of Environment, Forest & Climate Change, Government of India, IRO, Bhubaneswar had conveyed 'Stage-I/in-principle' approval for diversion of 15.265 ha of forest land for expansion of existing Red Mud Pond at village Rengapali under Lanjigarh Tahasil in Kalahandi District of Odisha in favour of M/s IDCO, Bhubaneswar, under Kalahandi South Forest Division, subject to fulfilment of the conditions vide its Letter No.5-ORC469/2021-BHU dt.17.11.2021 (Annexure-I).

And whereas, the Ministry of Environment, Forest & Climate Change, Government of India, RO, Bhubaneswar in consideration of the compliance of the conditions of the **'Stage-I/in-principle'** approval have granted **Stage-II/final** approval under Section-2 of the Forest (Conservation) Act, 1980 for diversion of 15.265 ha of forest land for expansion of existing Red Mud Pond at village Rengopali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division, subject to fulfilment of the conditions as stipulated therein vide its Letter No.5-ORC469/2021-BHU dt.29.12.2023 (Annexure-II).

Now, therefore, the Government of Odisha, do hereby allow diversion of 15.265 ha of forest land for expansion of existing Red Mud Pond at village Rengapali under Lanjigarh Tahasil in Kalahandi District of Odisha by Vedanta in favour of M/s IDCO, Bhubaneswar, under Kalahandi South Forest Division, as per the approved land schedule, subject to fulfilment of the conditions of final forest clearance order as stipulated by the MoEF&CC, Government of India, RO, Bhubaneswar.

The Collector, Kalahandi and the Divisional Forest Officer, Kalahandi South Forest Division as the case may be are hereby authorized to handover the forest land coming within their jurisdiction, as has been finally diverted after necessary compliance following due procedure of law. Before handing over the diverted forest land to the user agency, it shall be ensured that the Net Present Value of the forest land for this project for which approval has been obtained shall be deposited in full, at applicable rates.

The Divisional Forest Officer, Kalahandi South Forest Division is also directed to monitor compliance to the conditions stipulated for such diversion in the respective forest/ wildlife clearance order and to report violations, if any, to the Nodal Officer, O/o Principal Chief Conservator Forests & HoFF, Odisha and to the Forest, Environment & Climate Change Department.

Execution of project activities will be subject to availability of all other statutory clearances required under relevant Acts/Rules for this project, deposit of requisite funds and compliance of Court's order, if any.

**By order of Governor**
**(Lingaraj Otta)**
**OSD-cum-Special Secretary to Government**

Memo No.630/FE&CC — Date 10.01.2024

Copy along with copy of the Annexures forwarded to the Principal Chief Conservator of Forests & HoFF, Odisha for kind information and necessary follow up action.

Appropriate instruction to the Divisional Forest Officer, Kalahandi South Forest Division and user agency may be imparted for required follow up action at their end. It may be ensured by the Divisional Forest Officer, Kalahandi South Forest Division that Net Present Value of the forest land involved in this project of the user agency is deposited by them in appropriate head in full, at applicable rates. The user agency may also be instructed to furnish compliance to the conditions of forest/ wildlife clearance pertaining to the project in every quarter to the Divisional Forest Officer, Kalahandi South Forest Division for facilitating monitoring of compliances.

**OSD-cum-Special Secretary to Government**

Memo No. 631/FE&CC — Date 10.01.2024

Copy along with copy of the Annexures forwarded to the Asst. Inspector General of Forests, Government of India, MoEF & CC (FC Division), Indira Paryavaran Bhawan, Jor Bagh Road, Aliganj, New Delhi, Pin-110003/ Deputy Director General of Forests (Central), MoEF&CC, Government of India, RO, A/3, Chandrasekharpur, Bhubaneswar for kind information and necessary follow up action in compliance to the order of Hon'ble NGT dtd.07.11.2012 in Appeal No.07/2012 communicated by the MoEF, Government of India vide their letter F. No.7-23/2012- FC dtd.24.07.2013.

**OSD-cum-Special Secretary to Government**

Memo No. 632/FE&CC — Date: 10.01.2024

Copy along with copy of the Annexures forwarded to the Principal Chief Conservator of Forests (Wildlife) & Chief Wildlife Warden, Odisha/ Principal Chief Conservator of Forests (FD&NO, FC Act), O/o PCCF & HoFF, Odisha for information and necessary action.

**OSD-cum-Special Secretary to Government**

Memo No.633 /FE&CC — Date 10.01.2024

Copy along with copy of the Annexures forwarded to the Regional Chief Conservator of Forests, Bhawanipatna Circle/ Divisional Forest Officer, Kalahandi South Forest Division for information and immediate necessary compliance.

It may be ensured by the Divisional Forest Officer, Kalahandi South Forest Division that Net Present Value of the forest land involved in this project of the user agency shall be deposited by them in full, at applicable rates in appropriate head before handing over of the forest land to the user agency. Besides, funds, if any, due to be deposited by the user agency for this project shall also be deposited by the project proponent before the forest land is handed over to them. The user agency may also be instructed to furnish compliance to the conditions of forest/ wildlife clearance pertaining to the project in every quarter to the Divisional Forest Officer, Kalahandi South Forest Division for facilitating monitoring of compliances by them.

The Divisional Forest Officer, Kalahandi South Forest Division is also instructed to ensure that the direction given to the user agency are executed immediately.

**OSD-cum-Special Secretary to Government**

Memo No.634/FE&CC — Date: 10.01.2024

Copy along with copy of the Annexures forwarded to Steel & Mines Department/ Revenue & Disaster Management Department/ Industries Department/ Director, Environment-cum-Special Secretary to Government, FE&CC Department/ Member Secretary, SPCB, "Odisha/ Collector, Kalahandi for information and necessary follow up action.

**OSD-cum-Special Secretary to Government**

Memo No. 635/FE&CC — Date: 10.01.2024

Copy along with copy of the Annexures forwarded to the Chief General Manager (Land), IDCO, Odisha, Bhubaneswar, M/s Vedanta Aluminum Ltd, At/Po-Lanjigarh, Dist-Kalahandi, Odisha for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd.07.11.2012 in Appeal No.07/2012 communicated by the MoEF, Government of India vide their letter F. No.7-23/2012-FC dtd.24.07.2013.

***i. They shall publish the entire forest clearance granted in verbatim along with conditions and safeguards imposed by the Central Government in 'in- principle '/Final forest clearance in two widely circulated daily newspapers, one in vernacular language and the other in English language so as to make people aware of the permission granted to the Project for use of forest land for non-forest purposes.***

***ii. They shall submit the copies of forest clearance orders granted by the Central Government/State Government to the Heads of local bodies, Panchayats and Municipal bodies along with the relevant offices of the State Government, who in turn, shall display the same for 30 days from date of receipt.***

***iii. Detailed action taken in compliance to the above order of State Government shall be intimated to the DFO, Kalahandi South Forest Division / RCCF, Bhawanipatna Circle / PCCF & HoFF, Odisha / Forest, Environment & Climate Change Department for reference.***

***Besides the above, the user agency is also asked to deposit Net Present Value of forest land for this project in full, if not deposited yet, at applicable rates. Requisite funds due for deposit by the user agency on account of this project shall also be deposited under appropriate head.***

***The user agency shall furnish compliances to the conditions prescribed in the forest/wildlife clearance order to the Divisional Forest Officer, Kalahandi South Forest Division in every quarter, for the purpose of monitoring by him.***

**OSD-cum-Special Secretary to Government**

Memo No. 636 /FE&CC — Date 10.01.2024

Copy along with copy of the Annexures forwarded to the Head, State Portal, IT. , Centre, Odisha Secretariat, Bhubaneswar for information and necessary action. He is requested to upload this order along with its enclosures in the website of Forest, Environment & Climate Change Department immediately for information of all concerned. **This is required in compliance to order of Hon'ble National Green Tribunal dtd.07.11.2012 in Appeal No.7/2012. Hence this may be done unfailingly.**

**OSD-cum-Special Secretary to Government**

Memo No. 637/FE&CC — Date 10.01.2024

Copy along with copy of the Annexures forwarded to the Under Secretary to Government, Office Establishment Section, Forest, Environment & Climate Change Department for information and necessary action with reference to their letter No.12939/F&E dtd.16.07.2016.

**OSD-cum-Special Secretary to Government**

## ଆଜି ବୈଦ୍ୟନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**କଣାସ, ୧୩।୨(ସମିସ):** କଣାସ ଅଞ୍ଚଳର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ୧୪ତାରିଖ ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ନବିନବିଗ୍ରହଙ୍କ ପ୍ରଥମ ଜନ୍ମ ମହୋତ୍ସବ ଅନୁଷ୍ଠିତ ହେବ। ଏହା ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରକାଶଥାଉକି ବାବା ବୈଦ୍ୟନାଥ ମନ୍ଦିରରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଠାକୁରଙ୍କୁ ଚୋରି କରିନେବାପରେ ବଡାସ ଗ୍ରାମବାସୀ ଗତବର୍ଷ ଠାକୁରଙ୍କ ମୂର୍ତ୍ତି ଯଜ୍ଞ, ହୋମ କରି ସ୍ଥାପନ କରିଥିଲେ। ଏହି ଯଜ୍ଞପୀଠରୁ ଏକ ବିଶାଳ ସାଧୁ, ସନ୍ଥ ଶୋଭାଯାତ୍ରା କଣାସ ବଡମଠ ବିଶ୍ୱଶାନ୍ତି ମହାଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି।

## ନୟାହାଟରୁ ଚୋରି ବାଇକ୍ ସାଲେପୁରରୁ ଉଦ୍ଧାର

**ନୟାହାଟ, ୧୩।୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତର ନାୟବ ସରପଞ୍ଚ ଅଶୋକ କୁମାର ସାହୁଙ୍କ ଘର ଆଗରୁ ଓଡି୧୩ଇ-୧୫୦୫ନଂ ବାଇକ୍ ଚୋରି ହୋଇଥିଲା। ସୋମବାର ଦିନ ଚୋରି ବାଇକ୍ କୁ ଦୁର୍ବୃତ୍ତମାନେ ବ୍ୟବହାର କରୁଥିବା ବେଳେ ସାଲେପୁର ପୁଲିସ ରାସ୍ତାରେ ଯାନବାହନ ଚେକିଂ କରିବା ସମୟରେ ଧରା ପଡ଼ିଥିଲେ। ସେଠାର ପୁଲିସ ନୟାହାଟ ଫାଣ୍ଡିକୁ ଜଣାଇବା ପରେ ଏମାନେ ଯାଇ ଗାଡି ଆଣିଥିଲେ।

## ଦୁର୍ଘଟଣାରେ ଯୁବକ ଆହତ

**ପିପିଲି, ୧୩।୨(ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଙ୍ଗଳପୁର ଛକ ଠାରେ କାର୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମଙ୍ଗଳବାର ପ୍ରାୟ ୧ ଟା ସମୟରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ କାର୍ ନମ୍ବର ଓଡ଼ି ୦୨ ଟି ୮୬୧୮ ଆସୁଥିବା ସମୟରେ ଗାଡ଼ି ଚାଳକଙ୍କ ଗାଡ଼ିର ନିୟନ୍ତ୍ରଣ ହରାଇ ମେଡ଼ିକାଲ ସମ୍ମୁଖରେ ଥିବା ଏକ ଫଳ ଦୋକାନକୁ ଧକ୍କା ଦେଇଥିଲେ। ସେଠାରେ ଉପସ୍ଥିତ ନିକଟସ୍ଥ ନିର୍ମଳା ଗ୍ରାମର ଯୁବକ ନାରାୟଣ ଖଟେଇଙ୍କୁ ଧକ୍କା ଦେଇଥିଲା ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମଙ୍ଗଳପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଚିକିତ୍ସା ପାଇଁ ନେଇଥିଲେ। ଦୁର୍ଘଟଣା ଖବର ପାଇ ପିପିଲି ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଯୁବତୀଙ୍କ ଆତ୍ମହତ୍ୟା

**ନୟାହାଟ, ୧୩।୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ଠାରେ ଭଡ଼ା ଘରେ ରହୁଥିବା ରଞ୍ଜନ ସ୍ୱାଇଁଙ୍କ ପାଖରେ ରହୁଥିବା କଦମ୍ବ ପାଟଣାଗ୍ରାମର ଜୟଶ୍ରୀ ସ୍ୱାଇଁ ଫ୍ୟାନରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ପହଞ୍ଚି ଶବ ଜବତ କରି ଚାରିଛକକୁ ପଠାଇ ଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ହେଉନଥିବାରୁ ଡାକ୍ତର ପୁରୀ ପଠାଇ ଦେଇଥିଲେ। ଜୟଶ୍ରୀ ସ୍ୱାଇଁଙ୍କ ମୃତ୍ୟୁରକାରଣ ସମ୍ପର୍କରେ ପଚାରିବାରୁ ପୁଲିସ କହିଲେ ଯେ ମାନସିକ ବିକୃତ ଥିଲା। ପୂର୍ବରୁ ସେ ମାନସିକ ଚିକିତ୍ସା ପାଇଁ ମେଡ଼ିସିନ ଖାଉଥିଲେ ୧ ମାସ ହେବ ମେଡ଼ିସିନ ବନ୍ଦ ଥିବାରୁ ଏପରି ହୋଇଛି ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟ ମୃତ ଜୟଶ୍ରୀ ସ୍ୱାଇଁ ତାଙ୍କ ଭିଣୋଇ ପାଖରେ ରହୁଥିଲା।

## ନୟାହାଟ ଅଞ୍ଚଳରୁ ଚୋରି; ଜଣେ ଅଟକ

**ନୟାହାଟ, ୧୩।୨(ସମିସ):** ନୟାହାଟ ଫାଣ୍ଡି ଅଞ୍ଚଳରୁ ସୋମବାର ରାତିରେ ଦୁଇଟି ଚୋରି ହୋଇଥିବା ନେଇ ନୟହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ନୟାହାଟ ଫାଣ୍ଡିର ଜଙ୍ଗଲବରୀ ପଞ୍ଚାୟତର ସାନପାତ୍ର ଗ୍ରାମର ତପନ ପାତ୍ରଙ୍କ ଘରୁ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ସୁନା ଚେନ, ୨ ଟା ମୁଦି, ୨ ଟା କାନ ପେଣ୍ଡି ଏକ ହଳ, ସୁନା ରକେଟ ୪ ଟା ନଗଦ ୨୯୦୦ ଟଙ୍କା, ନୂତନ ଲୁଗାଗାଣ୍ଠି ଚୋରି ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି।ସେହିପରି ବାରିହାଟ ନିକଟରେ ଥିବା ସୂର୍ଯ୍ୟକାନ୍ତ ମିଶ୍ରଙ୍କ ମୋବାଇଲ ରିପାରିଂ ଦୋକାନ ତାଲା ଭାଙ୍ଗି ମୋବାଇଲି ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସାଇଣ୍ଟିଫିକ୍ ଟିମି ଆସି ମୋବାଇଲ ଦୋକାନକୁ ତଦନ୍ତ କରିଥିଲେ। ଚୋରି କରିଥିବା ବ୍ୟକ୍ତିକୁ ପୁରୀ ମାଟିଆପଡ଼ାରୁ ଧରାପଡ଼ିଛି।

## ଆଳିହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଖୋଲିଲା ତାଲା

**କଣାସ, ୧୩।୨(ସମିସ):** କଣାସ ବ୍ଲକ ଆଳିବାଡ ପଞ୍ଚାୟତରେ ଆଳିହରିପୁର ଗ୍ରାମରେ ପ୍ରତିଷ୍ଠିତ ଆଳିହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାରୁ ଗ୍ରାମବାସୀ ଶିକ୍ଷକ ଅଭାବ ଦର୍ଶାଇ ୬ଦିନ ତଳେ ବିଦ୍ୟାଳୟରେ ତାଲା ପକାଇଦେଇଥିଲେ। ମଙ୍ଗଳବାର କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟତ୍ର ଯାଇଥିବା ଶିକ୍ଷକଙ୍କୁ ୧ମାସ ମଧ୍ୟରେ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ବିଦ୍ୟାଳୟ ଖୋଲିବା ପାଇଁ ରାଜି ହୋଇଥିଲେ।

## ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ, ୧୩।୨(ସମିସ):** ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ଗୁଡିକ କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଁଞ୍ଚ୍ଠିଚ ପାରିବ ଏବଂ ସେମାନେ କିପରି ଏହାର ଉଚିତ ସଫଳତା ନେଇ ପାରିବେ ସେ ସମ୍ପର୍କରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ସୋମବାର କୃଷ୍ଣପ୍ରସାଦ ବ୍ଲକର ପିରିଜିପୁର ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଧରପୁର ମା'ବୁଢ଼ୀମା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମତ୍ସ୍ୟ ପେଣ୍ଠସ୍ଥଳୀ ଠାରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧ୍ୟକ୍ଷତାରେ ସମବାୟ ସଭାପତି ଅକ୍ଷୟ କୁମାର ଜାଲି, ସମ୍ପାଦକ ତଥା ପିରିଜିପୁର ସମିତିସଭ୍ୟ ସଂଗ୍ରାମ ଜାଲି, ଅତିରିକ୍ତ ମତ୍ସ୍ୟଅଧିକାରୀ ଅଶୋକ ଇନ୍ଦୁଆର, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ ପ୍ରମୁଖ ଯୋଗଦେଇ ମତ୍ସ୍ୟଜୀବୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତି ମା'ବୁଢ଼ୀମା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର କର୍ମକର୍ତ୍ତାମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୁବ୍ରତ ମିଶ୍ର ପରିଚାଳନା କରିଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ





**ପିପିଲି, ୧୩।୨(ସମିସ)**

ପିପିଲି ବ୍ଲକ ଦୁର୍ଗାଦାଶପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଭିତିଭୂମି ବିକାଶରେ ପର୍ଯ୍ୟାପ୍ତ ସୁଯୋଗ ସମ୍ପର୍କରେ ଶିବିରରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ପୁବାଶ।।ସନ ପଞ୍ଚାୟତରେ ଧାର୍ମିକ ସ୍ଥଳୀଗୁଡ଼ିକର ରୁପାନ୍ତରିକରଣ ମହିଳା ଶଶକ୍ତିକରଣ ବ୍ୟାଙ୍କ ବ୍ୟବସ୍ଥାର ବିକାଶ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ କ୍ରୀଡ଼ା ଓ ଐତିହ୍ୟ ଭିତିଭୂମିର ବିକାଶ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ବିଭୁତି ଭୂଷଣ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଅନ୍ୟତମ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ଦେବସ୍ମିନି ନନ୍ଦ ଉପାଧକ୍ଷ ପ୍ରଫୁଲ ସ୍ୱାଇଁ ଜିଲ୍ଲା ପରିଷଦ ସଭ୍ୟା ଧରଣୀଧର ସାହୁ, ଶୁଶାନ୍ତ ମଲ୍ଲିକ ବିଡ଼ିଓ ସରୋଜ କୁମାର ରାଉତ, ଯୁବ ନେତା ବିଶ୍ୱଜିତ ଦାଶ, ମନୋଜ ଦାଶ, ପଞ୍ଚାୟତର କନିଷ୍ଠଯନ୍ତ୍ରୀ ଶୁଭସ୍ମିତା ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସମାଜସେବୀ ଅନନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ସଁପୁର ପଞ୍ଚାୟତରେ ମଧ୍ୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ବିଏଲସି ରଶ୍ମି ରଞ୍ଜିତା ପ୍ରଧାନ ଏବଂ ଏବବିକେ ରୋଜାଲିନ ରାଉଳ ପରିଚାଳନା କରିଥିଲେ।

**ନିମାପଡ଼ା:** ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଞ୍ଚୀ ଶାସନ, ବାହାରଣା ଓ ତମ୍ପାଳୋ ପଞ୍ଚାୟରେ'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀ ଗୁଡିକର ରୁପାନ୍ତି କରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ ସବୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଚଳିତବର୍ଷ ସାଧାରଣ ନିର୍ବାଚନ ଆସୁଥିବାରୁ ନବୀନ ବାବୁଙ୍କୁ ପୁର୍ନବାର ଷଷ୍ଠଥର ପାଇଁ ଆମ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ଜିଲ୍ଲା ସାଂସଦ ପ୍ରତିନିଧି ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ରେଞ୍ଚୀ ପଞ୍ଚାୟତ ସଭାପତି ବିଷ୍ଣୁ ଚରଣ ମହାନ୍ତି, ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ସମିତିସଭ୍ୟା ପ୍ରିୟଦର୍ଶିନୀ, ବାହାରଣା ପଞ୍ଚାୟତ ବିଜେଡି ସଭାପତି ସର୍ବେଶ୍ୱର ରଥ, ବରିଷ୍ଠନେତା ଗଗନ ସାହୁ, ସରପଞ୍ଚ ଅମିତା ସ୍ୱାଇଁ, ସମିତିସଭ୍ୟ ସନ୍ତୋଷ ମେକାପ, ଯୁବ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ତମ୍ପାଳୋ ସରପଞ୍ଚ ସସ୍ମିତା ଖଟୋଇଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଥିଲେ।

### ପଦ୍ମଚରଣ ସାମନ୍ତସିଂହାର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଯୁନାଇଟେଡ୍ କ୍ଲବ୍




**ନିମାପଡ଼ା, ୧୩।୨ (ସମିସ):** ନିମାପଡ଼ା ଆଥ୍ଲେଟିକ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ପଡ଼ିଆରେ ଚାଲିଥିବା ପଦ୍ମଚରଣ ସାମନ୍ତ ସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ନିମାପଡ଼ା ଆଥ୍ଲେଟିକ ଆସୋସିଏସନ ଏବଂ ଯୁନାଇଟେଡ କ୍ଲବ ଗଣ୍ଡରପୁର। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଯୁନାଇଟେଡ କ୍ଲବ ଗଣ୍ଡରପୁରର ଫରୱାର୍ଡର୍ ବାପୁନି ବିନ୍ଧାଣୀ ଖେଳୀ ୧୩ ମିନିଟ୍‌ରେ ଗୋଲ ମାଧ୍ୟମରେ ଦଳକୁ ୧-୦ରେ ଅଗ୍ରଣୀ କରାଇଥିବା ବେଳେ ୧୬ ମିନଟ୍‌ରେ ଶୁଶିଲ ପଡ଼ିଆରୀ ଆଉ ଏକ ଗୋଲ ମାଧ୍ୟମରେ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧର ଆଥ୍ଲେଟିକ୍ ଆସୋସିଏସନ ନିମାପଡ଼ା ୫୨ ମିନିଟରେ ୧୪ନଂ ଖେଳାଳୀ ଦୀପକ ଭୋଇ ଏକ ଗୋଲ ମାଧ୍ୟମରେ ଦଳକୁ ମ୍ୟାଚ୍‌ରେ ପରିବର୍ତ୍ତନ କରାଇବାରେ ସକ୍ଷମ ହୋଇଥିଲେ। ଖେଳର ୫୮ ମିନଟରେ ଗଣ୍ଡରପୁର ପକ୍ଷରୁ ୧୧ନଂ ଖେଳାଳୀ କାବୁଲାଲ ସାହୁ ଆଉ ଏକ ଗୋଲଦେଇ ଦଳକୁ ୪-୧ ଗୋଲରେ ବିଜୟୀ କରାଇଥିଲେ। ଆଜିର ମ୍ୟାଚ୍‌ରେ ଯୁନାଇଟେଡ କ୍ଲବ ଖେଳାଳି ଶୁଶିଲ ପଡ଼ିଆରୀ ମୁଖ୍ୟଅତିଥି ଡା. କ୍ଷମାନିଧି ସେଠୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର କ୍ଷମାନିଧି ସେଠୀ, ଅନ୍ୟତମ ଅତଥିଭାବେ କ୍ରୀଡାବିତ୍ ମହେନ୍ଦ୍ର ସିଂ ଭାଟିଆ, ପଦ୍ମଚରଣ ପାଣିଗ୍ରାହୀ, ସେକ୍ ଅନାତୁଲା ଯୋଗଦେଇଥିଲେ। ରେଫରୀ ଭାବେ ବିଜୟ ମଙ୍ଗରାଜ, ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି ଓ ସମର ବରାଳ ପରିଚାଳନା କରିଥିବା ବେଳେ ମ୍ୟାଚ ରେଫରୀ ଭାବେ ନିର୍ମଳ କୁମାର ମିଶ୍ର ରହିଥିଲେ। ଖେଳକୁ ପରିଚାଳନା କରିଥିଲେ ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ ଏବଂ ସତ୍ୟଜିତ ଆଚାର୍ଯ୍ୟ ସହାୟତା କରିଥିବା ବେଳେ ଜ୍ୟୋତି ରଞ୍ଜନ ସାହୁ ଭାଷ୍ୟକାର ରୁପେ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରକାଶ ସ୍ୱାଇଁ, ଅଜୟ ପାଣି ମ୍ୟାଚରେ ସହଯୋଗ କରିଥିଲେ।

### କଳାପାଞ୍ଚଣରେ ମହିଳାଙ୍କ ମୃତ୍ୟୁ

## ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ଚାରିଛକ, ୧୩।୨(ସମିସ):** ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ମୁସଲିମ୍ ବସ୍ତିରେ ଜଣେ ବିବାହିତ ମହିଳାଙ୍କ ମୃତ୍ୟୁକୁ ନେଇ ବାପଘର ପକ୍ଷରୁ ଚାରିଛକ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଇଛି ଯେ ବାଲିପାଟଣା ଥାନା ଅନ୍ତର୍ଗତ ସୁମଣାପ୍ରଧାନ ବସ୍ତିର ରାଜୁ ଖାଁଙ୍କ ଝିଅ ସୁହାନା ବେଗମ (୨୫) ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ବସ୍ତିର ଏସକେ ଇନତାଜଙ୍କୁ ୨୦୨୧ ମସିହା ଡିସେମ୍ବର ୯ତାରିଖରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ବାପଘର ପକ୍ଷରୁ ଦିଆଯାଇଥିଲା। ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକମାନେ ଝିଅକୁ ଶାରୀରିକ ମାନସିକ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବାରମ୍ବାର ନିର୍ଯାତନ ଦେବାରୁ ଏକମାସ ତଳେ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଜରିଆରେ ଫଇସଲା ହୋଇଥିଲା। ମାତ୍ର ମଙ୍ଗଳବାର ସକାଳ ୮ଘଟିକା ସମୟରେ ଝିଅର ଦାଦାଶ୍ୱଶୁର ଫୋନ କରି ତୁମ ଝିଅକୁ ନେଇଯାଅ ନଚେତ ତାକୁ ମାରିଦେବୁ ବୋଲି କହିଥିଲେ। ବାପଘରର ଲୋକମାନେ ଝିଅ ଘରେ ପହଞ୍ଚି ଝିଅର ମୃତଦେହ ଶୋଇବାଘର ଖଟ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାପରେ ଝିଅର ବାପା ରାଜୁ ଖାଁ ଝିଅକୁ ଶାଶୁଘରର ଲୋକମାନେ ମିଳିମିଶି ମାରିଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ସ୍ୱାମୀ ଏସକେ ଇନତାଜ, ଶାଶୁ ତାରିଖ୍ କାତୁନ ବେୱା, ଦେଢଶୁର ଏସକେ ମୁକ୍ତାର, ନଣନ୍ଦ ମମି ବିବି, ବଡଯାଆ ଆଇଶା ବିବି, ଦିଅର ସାଦାବ ରାବୁଲ ଓ ନଣନ୍ଦ ଚୁମୁକିଙ୍କ ନାମରେ ୧୯/୨୪ରେ ମାମଲା ରୁଜୁକରି ପୁରୀରୁ ସାଇଣ୍ଟିଫିକ ଟିମ୍ ସହ ନିମାପଡ଼ାର ଅତିରିକ୍ତ ତହସିଲଦାର ନୀରଞ୍ଜନ ନାୟକ, ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଚାରିଛକ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

## ଏସ୍‌ପିଙ୍କ ନିମାପଡ଼ା ଥାନା ପରିଦର୍ଶନ



**ନିମାପଡ଼ା, ୧୩।୨(ସମିସ):** ପୁରୀଜିଲ୍ଲାରେ ଯୋଗଦାନ କରିଥିବା ନୂତନ ଏସପି ପିନାକ ମିଶ୍ର ସୋମବାର ସନ୍ଧ୍ୟାରେ ନିମାପଡ଼ା ଓ ଚାରିଛକ ଥାନାକୁ ଅଚାନକ ପରିଦର୍ଶନରେ ଆସି ଫେରିଯାଇଛନ୍ତି। ଉଭୟ ଥାନା ଅଞ୍ଚଳର ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଗୁରୁତ୍ୱ ଦେବା ସହିତ ଥାନା ପରିସର ପରିଷ୍କାର ପରିଛନ୍ନ ରଖିବାକୁ ଉଭୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏସପି ଶ୍ରୀ ମିଶ୍ର ଉଭୟ ଥାନାରେ ହୋଇଥିବା ମାମଲା ସବୁର ଯାଞ୍ଚ କରିବା ସହ ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁ ଓ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ଠାରୁ ଉଭୟ ଥାନାର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ଥାନା ଅଞ୍ଚଳରେ ଟ୍ରାଫିକ ସମସ୍ୟା, ଚୋରୀ, ରାହାଜାନୀ, ବେପାରୁଆ ଗାଡି ଚାଳନା, ବିଭିନ୍ନ ଚୋରା ନିଶାଦ୍ରବ୍ୟ କାରବାର ଉପରେ ତୀକ୍ଷ୍ଣ ନଜର ରଖିବାକୁ ଉଭୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁରୀ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବାଙ୍ଗୁରିଗାଁ/କାକଟପୁର, ୧୩।୨(ସମିସ):** ପୁରୀ ଜିଲ୍ଲା ଆରକ୍ଷ ଅଧିକ୍ଷକ ପିନାକ ମିଶ୍ରଙ୍କ କାକଟପୁର ଥାନା ପରିଦର୍ଶନ କରିବା ଶହ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏଥି ଶହ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କୁ ଦର୍ଶନ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ନୂତନ ଆରକ୍ଷୀ ଅଧିକ୍ଷକ ଶ୍ରୀମିଶ୍ର ଆଗାମୀ ନିର୍ବାଚନଙ୍କୁ କିପରି ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ସେ ସମ୍ପର୍କରେ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ଏସ୍‌ଆଇ ପ୍ରମୋଦ କୁମାର ସେଠୀ ଏବଂ ଥାନାର ସମସ୍ତ କର୍ମଚାରୀଙ୍କ ସହିତ ବିଶେଷ ଆଲୋଚନା କରିଥିଲେ। ଆରକ୍ଷ ଅଧିକ୍ଷକ ଶ୍ରୀ ମିଶ୍ରଙ୍କ ପରିଦର୍ଶନରେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଉପ ସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, କୋଷାଧକ୍ଷ ଭାଗବତ ସ୍ୱାଇଁ ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା, ମାନସ କୁମାର ଦୀକ୍ଷିତ, ନୃସିଂହ ବେହେରା ପ୍ରମୁଖ ଥାନା ପରିସରରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



## ନୟାଗଡ଼ ବିଧାୟକଙ୍କ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା

# ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ଦୂର କରିବାକୁ ପରାମର୍ଶ

ନୟାଗଡ଼, ୧୩।୨(ସମିସ): ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସ୍ୱାଧାଦେବ ସିଂ, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରଥମେ ପୁଲିସ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ନୟାଗଡ଼ ସହରକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରଖିବା ପାଇଁ ବ୍ୟବସ୍ଥା କରିବାକୁ ନୟାଗଡ଼ ଏସ୍‌ପିଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ଘରୋଇ, ସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ସଂସ୍ଥା ଏବଂ ଅନ୍ୟାନ ମଲ ଗୁଡିକରେ ଲାଗିଥିବା ସିସିଟିଭି ଗୁଡ଼ିକୁ ପୁଲିସ ବିଭାଗ ସହ ଯୋଡିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିପାଇଁ ପୌରପରିଷଦ, ପୁଲିସ ବିଭାଗ ଏବଂ ଆଞ୍ଚଳିକ ପରିବହନ ବିଭାଗ ମିଳିତ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ନୟାଗଡ଼ ନୂଆ ବସଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ସହରର ରାସ୍ତା କଡରେ ଗାଡ଼ି, ମୋଟର ନରଖିବା ପାଇଁ ବ୍ୟବସ୍ଥା ଆପଣାଇବାକୁ ବିଧାୟକ କହିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ୨ଟି ବ୍ୟାଟେରୀ ଚାଳିତ ଗାଡି କିଣିବା ପାଇଁ ଅର୍ଥ ପ୍ରଦାନ କରାଯାଇଛି, ଏହାକୁ ଯଥାଶୀଘ୍ର କାର୍ଯ୍ୟକାରି କରିବାକୁ ବିଧାୟକ କହିଥିଲେ। ନୟାଗଡ଼ ଶିଶୁ କଲ୍ୟାଣ ବିଭାଗ ଅଧିନରେ ରହିଥିବା ଅଙ୍ଗନବାଡି ନୂତନ ଗୃହ ନିର୍ମାଣ ପାଇଁ ଡିଏସଡବ୍ଲ୍ୟୁ ବିଡିଓଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବାକୁ କୁହାଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ସମୀକ୍ଷା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଅନୁପସ୍ଥିତ ରହିଥିଲେ। ବିନା ଅନୁମତିରେ ବୈଠକରେ ଅନୁପସ୍ଥିତ ରହିଥିବାକୁ ନେଇ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ କରିବେ ବୋଲି କହିଥିଲେ। ରୂପାନ୍ତରିତ ବିଦ୍ୟାଳୟ ଗୁଡିକର ରକ୍ଷଣାବେକ୍ଷଣ ସଠିକ ହେଉନଥିବା ନେଇ ବିଧାୟକ ମତ ଦେଇଥିଲେ। ଏ ବାବଦରେ ବାର୍ଷିକ ବିଦ୍ୟାଳୟକୁ ଆସୁଥିବା ୩ ଲକ୍ଷ ଟଙ୍କାକୁ କାର୍ଯ୍ୟରେ ଲଗାଇ ୟୁସି ଦାଖଲ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଉଦ୍ୟାନ ବିଭାଗ ଅଧିନରେ ଓଡଗାଁରେ ଚାଲିଥିବା ମେଗା ନର୍ସରୀ କାର୍ଯ୍ୟ ପାଚେରି ନିର୍ମାଣ ଶେଷ ହୋଇ ତାଲିମ ଗୃହ ନିର୍ମାଣ ଚାଲିଥିବା ଉଦ୍ୟାନ ଅଧିକାରୀ ଲଳିତ କୁମାର ପଣ୍ଡା କହିଥିଲେ। ସେଠାରେ ପଲି ହାଉସ, ଗ୍ରୀନ ହାଉସ ନିର୍ମାଣ କରିବା ସହ ଚାଷୀର ଉତ୍ପାଦନ କିଭଳି ଦୁଇଗୁଣା ବୃଦ୍ଧି ପାଇବ, ସେ ଦିଗରେ ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଅଧିନରେ ରହିଥିବା ପୋଖରୀ ନିଲାମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରିବା ଉପରେ ଆଲୋଚନା ହୋଇଥିଲା। ବାୟୋଫ୍ଲକ ମାଛ ଚାଷକୁ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଇଥିଲା। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ ୟୁନିଫର୍ମରେ ଆସିବାକୁ ପରାମର୍ଶ ଦିଆଯାଇଛି। ରୋଗୀଙ୍କ ପାଖରେ ଜଣଙ୍କ ବ୍ୟତିତ ଅନ୍ୟ କେହି ନରହିବା ଉପରେ ଗୁରୁତ୍ୱ ଦିଆଯାଇଛି। କୁସୁମୀ ଜଳସେଚନ ପ୍ରକଳ୍ପ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ପାଇଁ ସ୍ଥାନ ଚିହ୍ନଟ କରି ତୁରନ୍ତ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ସମୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ବିଳମ୍ବକୁ ନେଇ ଅସନ୍ତୋଷ ଦେଖାଯାଇଥିଲା। ଓଡଗାଁ ପାଇଁ ପାଇପ ଲାଇନ ସହର ବାହରେ କିଭଳି ଯିବ, ସେ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି। ଗାଁରେ ପାନୀୟ ଜଳ ସମସ୍ୟା ରହିଥିଲେ, ତାହାକୁ ତୁରନ୍ତ ସମାଧାନ କରିବାକୁ କୁହାଯାଇଛି। ନୟାଗଡ଼ ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗିର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ମରାମତି କରାଯିବା, ହମ୍ପସ୍ କାଟିବା ସହ ଦୁର୍ଘଟଣା ରୋକିବା ପାଇଁ ରିଫ୍ଲେକ୍ଟର ଲଗାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ୧୭ କିଲୋମିଟର ବାଇପାସ ନିର୍ମାଣ କାର୍ଯ୍ୟରୁ ଅଦ୍ୟାବଧି ୩.୮୮ କିମି ନିର୍ମାଣ ସରିଥିବା କୁହାଯାଇଥିଲା। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବଡପଣ୍ଡୁସର ବ୍ରିଜ ନିର୍ମାଣରେ ଠିକାଦାର ବିବାଦ ସମସ୍ୟାକୁ ସମାଧାନ କରି କାର୍ଯ୍ୟ ସାରିବାକୁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ଇନଡୋର ନିର୍ମାଣ କାମ ସରିଥିବା ବେଳେ ଏହାକୁ କ୍ରୀଡ଼ା ବିଭାଗକୁ ହସ୍ତାନ୍ତର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଓ?ଗାଁ ଏନଏସି କାର୍ଯ୍ୟାଳୟ ଗୃହ ନିର୍ମାଣ ସାରିବା, ଅତ୍ୟାଧୁନିକ ମାଛ ମାର୍କେଟ ନିର୍ମାଣ କାମ ଶେଷ କରିବାକୁ କୁହାଯାଇଛି। ନୟାଗଡ଼ ଓ ଓଡଗାଁ ବ୍ଲକରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନୟାଗଡ଼ ବାହାଡଝୋଲା ନିୟନ୍ତ୍ରିତ ବଜାର କମିଟି ଅଧିନରେ ୧୦ ମେଟ୍ରିକ ଟନ୍ ଶୀତଳ ଭଣ୍ଡାର ନିର୍ମାଣ ସରିଥିବା ବେଳେ ଖୁବଶୀଘ୍ର ୩୦ ମେଟ୍ରିକ ଟନ୍ ଶୀଳଭଣ୍ଡାର ନିର୍ମାଣ କରିବାକୁ ଯୋଜନା ରହିଥିବା ବିଧାୟକ କହିଥିଲେ। ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ ସମସ୍ୟାଗୁଡିକ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କଅଁର, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।






### ୧୬ରୁ ଗଡ଼ିବ ଲକ୍ଷ୍ମୀ ବସ୍

ନୟାଗଡ଼, ୧୩।୨(ସମିସ): ନୟାଗଡ଼ ଜିଲ୍ଲାରେ ଆସନ୍ତା ୧୬ ତାରିଖରୁ ଲକ୍ଷ୍ମୀବସ୍ ସେବା ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସ୍ୱାଧାଦେବ ସିଂ ସୂଚନା ଦେଇଛନ୍ତି। ଏଥିପାଇଁ ୧୮ଟି ନୂଆ ଲକ୍ଷ୍ମୀବସ୍ ନୟାଗଡ଼ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସସେବାର ଶୁଭାରମ୍ଭ କରିବେ। ବସ ସେବା ଆରମ୍ଭ ହେବା ପରେ ୨ଟି ବସ ନୟାଗଡ଼ ବ୍ଲକ ଗମ୍ଭାରିଡିହି ବସଷ୍ଟପଠାରେ ପହଞ୍ଚିବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ଜନପ୍ରତିନିଧି, ମିଶନ ଶକ୍ତି ମହିଳା ଏବଂ ବୁଦ୍ଧିଜୀବୀ ସାମିଲ ହେବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଯାତାୟତ ପାଇଁ ବସ୍ ସେବା ଆରମ୍ଭ ହୋଇଛି। ପଞ୍ଚାୟତରୁ ବ୍ଲକ ହେଡ କ୍ୱାର୍ଟରକୁ ପ୍ରଥମେ ଲକ୍ଷ୍ମୀବସ୍ ସେବା ଆରମ୍ଭ ହେବ। ଗଣିଆ ବସଷ୍ଟାଣ୍ଡ ଉଦ୍‌ଘାଟନ ହୋଇଥିବା ବେଳେ ୧୫ ତାରିଖରେ ଖଣ୍ଡପଡ଼ା ଓ ରଣପୁର ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି।

■ ଅନୁପସ୍ଥିତି ପାଇଁ ଡିଇଓଙ୍କୁ କାରଣ ଦର୍ଶାଅ
■ ସିସିଟିଭି ନଜରରେ ରହିବ ନୟାଗଡ଼ ସହର

### ଦୁଇ ବଖରା ଭସ୍ମୀଭୂତ

ଓଡ଼ଗାଁ, ୧୩।୨ (ସମିସ): ଓଡ଼ଗାଁ ଆଦର୍ଶ ଥାନା ରଜିଗାଡ଼ିଆ ପଞ୍ଚାୟତ କୁରୁମବାଙ୍କଟରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ସମେତ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। କୁରୁମବାଙ୍କଟରା ଗ୍ରାମର ସରିତି ସାହିର ପାଣ୍ଡବ ବେହେରାଙ୍କ ଘରେ ସୋମବାର ସନ୍ଧ୍ୟାରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ଚାଳରେ ନିଆଁ ଲାଗିଯାଇଥିଲା। ପାଣ୍ଡବଙ୍କ ଦୁଇ ପୁଅ ଅର୍ଜୁନ ଓ ସୁରେନ୍ଦ୍ର ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ ଲାଗି ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏନେଇ ଓଡ଼ଗାଁ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ଖବର ଦେବାରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ କିନ୍ତୁ ସେତେବେଳକୁ ସବୁ କିଛି ଜଳିପୋଡି ଛାରଖାର ହୋଇଯାଇଥିଲା। ଦୁଇ ବଖରା ଚାଳ ଘର ସମେତ ଘରେ ଥିବା ଆସବାବପତ୍ର, ପୋଡି ପାଉଁଶ ହୋଇଯାଇଥିଲା। ଅନ୍ୟପକ୍ଷେ ପାଣ୍ଡବ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ସରକାରୀ ସହାୟତା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

### କ୍ଷତ୍ରୀୟ ସଂସ୍ଥାର ନୂତନ କର୍ମକର୍ତ୍ତା ନିର୍ବାଚିତ

ଓଡ଼ଗାଁ, ୧୩।୨(ସମିସ): ନିଖିଳ କ୍ଷତ୍ରୀୟ ସଂସ୍ଥା ଭୁବନେଶ୍ୱର ଅଞ୍ଚଳ ପାଇଁ ନୂତନ ସମସ୍ତ କର୍ମକର୍ତ୍ତା ଅପ୍ରତିଦ୍ୱନ୍ଦି ଭାବେ ଆଗାମୀ ୫ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ସଭାପତି ବିପ୍ରବଳିଆର ସିଂ, ଉପସଭାପତି ସସ୍ମିତା ସେନାପତି, ସମ୍ପାଦକ ମହେଶ୍ୱର ପ୍ରଧାନ, ସହସମ୍ପାଦକ ବସନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଭାଗ୍ୟଲତା ପ୍ରଧାନ, ପ୍ରଦେଶ ସଭ୍ୟ ଲିଙ୍ଗରାଜ ନାୟକ, ମୃତୁ୍ୟଞ୍ଜୟ ପ୍ରଧାନ ଏବଂ ଅଜିତ କୁମାର ପ୍ରଧାନ, ସଂଗଠକ ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ମୂଳାପଡ଼ା ଏକାମ୍ର ବିଦ୍ୟାଳୟଠାରେ ନିର୍ବାଚନ ସମ୍ବିଧାନ ନିୟମ ୩୧ ଅନୁଯାୟୀ ନିର୍ବାଚନ ସଭା ଅଧିବେଶନ ହୋଇଥିଲା। କେହି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ବିଭିନ୍ନ ପଦବୀ ପାଇଁ ମନୋନୟନ ପତ୍ର ଦାଖଲ କରିଥିବା ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିର୍ବାଚନ ଅଧିକାରୀ ନିର୍ବାଚିତ ଘୋଷଣା କରିଛନ୍ତି ବୋଲି ସଂସ୍ଥା ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

● ଖଳିସାହି କ୍ରିକେଟ କପ୍

## ବାଙ୍କି ପାୱାର କିଙ୍ଗ ଚାମ୍ପିଅନ




ଖଣ୍ଡପଡ଼ା, ୧୩।୨(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ ପଡ଼ିଆରେ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବାଙ୍କି ପାୱାର କିଙ୍ଗ ବିଜୟୀ ହୋଇଛି। ଖଳିସାହି ୟୁନାଇଟେଡ ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମ୍ୟାଚ୍‌ରେ ବାଙ୍କି ପାୱାର କିଙ୍ଗ ୪ ଉଇକେଟରେ କଟକ ରାକା କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ଟସ ଜିତି କଟକ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍କି ୧୯ ଓଭରରେ ୬ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିବା ସହିତ ଚାମ୍ପିଅନ ହୋଇଥିଲା। ବିଜୟୀ ବାଙ୍କି ଦଳର ସୁଶାନ୍ତ ସାହାଣୀ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସଭାପତି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ, ଗଗନୀ ମହାରାଜ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତୀ ସାହୁ, ସମାଜସେବୀ ଅଚ୍ୟୁତ ପୃଷ୍ଟି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ଖେଳକୁ ଦୀପକ କୁମାର ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଶ୍ରୀନିବାସ ଦଳେଇ ଓ କଳ୍ପତରୁ ପଟ୍ଟନାୟକ ଭାସ୍ୟକାର ଦାୟିତ୍ୱ ନିଭାଇଥିଲେ। ତେବେ ବିଜେତା ବାଙ୍କି ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଏବଂ ଉପବିଜେତା କଟକ ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ମାର୍ଚ୍ଚ ୩୧ରୁ 'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ପ୍ରତିଯୋଗିତା

ନୟାଗଡ଼, ୧୩।୨(ସମିସ): 'ସୃଜନିକା' ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦର ଅଧ୍ୟକ୍ଷ ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଖାଙ୍କିମଠ ପ୍ରାଙ୍ଗଣରେ 'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ପ୍ରତିଯୋଗିତା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ରେ ନୃତ୍ୟର ଏକ ନୂତନ ପରମ୍ପରା ସୃଷ୍ଟି ପାଇଁ ଏହାର ଲକ୍ଷ୍ୟ। ଏହାର ପ୍ରଥମ ପ୍ରତିଯୋଗିତା ଓଡଗାଁ ବ୍ଲକ୍ରେ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖରେ, ରଣପୁର ବ୍ଲକ ଏପ୍ରିଲ୍ ମାସ ୨୧ ତାରିଖରେ, ଭାପୁର ବ୍ଲକ ମଇ ମାସ ୧୯ ତାରିଖରେ, ଖଣ୍ଡପଡ଼ା ବ୍ଲକ ଜୁନ୍ ମାସ ୦୯ ତାରିଖରେ, ଦଶପଲ୍ଲା ବ୍ଲକ ଜୁନ୍ମାସ ୩୦ ତାରିଖରେ, ନୂଆଗାଁ ବ୍ଲକ ଜୁଲାଇ ମାସ ୨୧ ତାରିଖରେ, ନୟାଗଡ଼ ବ୍ଲକ ଅଗଷ୍ଟ ମାସ ୧୧ ତାରିଖରେ ଏବଂ ଗଣିଆ ବ୍ଲକ ଅଗଷ୍ଟ ମାସ ୨୫ ତାରିଖରେ ଅନୁଷ୍ଠିତ ହେବାପାଇଁ ବୈଠକରେ ସ୍ଥିର ହୋଇଛି। ଏହାର ସେମି ଫାଇନାଲ୍ ସେପ୍ଟେମ୍ବର ମାସ ୦୮ ତାରିଖ ଏବଂ ଗ୍ରାଣ୍ଡ ଫାଇନାଲ୍ ସେପ୍ଟେମ୍ବର ୨୨ ତାରିଖରେ ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଆଗ୍ରହୀଙ୍କର ବୟସ ସୀମା ୦୮ ବର୍ଷରୁ ୧୮ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରତିଯୋଗୀମାନେ ସମସ୍ତ ପ୍ରକାରର ନୃତ୍ୟ ପରିବେଷଣ କରିପାରିବେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ଡ୍ୟାନ୍ସ ଟପ୍ପର' ଉପାଧି ସହ ନଗଦ ୧୦ ହଜାର ଟଙ୍କାର ଅର୍ଥରାଶି, ଦ୍ୱିତୀୟ ହୋଇଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ଡ୍ୟାନ୍ସ ଉଇନର୍' (ପ୍ରଥମ) ଉପାଧି ସହ ନଗଦ ୫ ହଜାର ଟଙ୍କାର ଅର୍ଥରାଶି ଏବଂ ତୃତୀୟ ବିଜେତା ପ୍ରତିଯୋଗୀଙ୍କୁ 'ନୟାଗଡ଼ ଡ୍ୟାନ୍ସ ଉଇନର୍' (ଦ୍ୱିତୀୟ) ଉପାଧି ସହ ନଗଦ ୩ହଜାର ଟଙ୍କାର ଅର୍ଥରାଶି ସହିତ ଟ୍ରଫି, ପ୍ରଶଂସାପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ବୈଠକରେ 'ପରମ୍ପରା'ର ସଭାପତି ଡ. ସୁକାନ୍ତି ମହାନ୍ତି, 'ସୃଜନିକା'ର ଉପସଭାପତି ନୀଳିମା ନନ୍ଦ, ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ଟ୍ରଷ୍ଟି ପ୍ରତାପ କୁମାର ସାହୁ, ସୁମନ୍ କୁମାର ସାହୁ, କ୍ଷଣପ୍ରଭା କର, ହରପ୍ରିୟା ଦ୍ୱିବେଦୀ, ଗୋଦାବରୀଶ ମିଶ୍ର, ଗୋପିନାଥ ସେଠୀ, ଗୋପିନାଥ ପରିଡ଼ା, ସୁନୀଲ କୁମାର ସାହୁ, ପୂର୍ଣ୍ଣ ଚନ୍ଦ୍ର ଶତପଥି, ନିରଞ୍ଜନ ନାୟକ, ସତ୍ୟପ୍ରିୟ ପଣ୍ଡା ଏବଂ ଲିଲିମା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାକୁ 'ସୃଜନିକା'ର ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ପରିଚାଳନା କରିଥିଲେ। ଶେଷରେ ନୀଳିମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ଭାପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଭାପୁର, ୧୩।୨(ସମିସ): ଭାପୁର ବଜାର ଉପକଣ୍ଠରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିସର ମଧ୍ୟରେ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ ଦେବାଶିଷ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ତଥା ଓଡ଼ଗାଁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଭାପୁର ତହସିଲଦାର ଲଗ୍ନଜିତ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ, ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ, ଭୁବନେଶ୍ୱରର ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ବରିଷ୍ଠ କର୍ମକର୍ତ୍ତା ଆଲୋକ ପ୍ରଭା ମହାନ୍ତି, ବିଶିଷ୍ଟ ଶିଳ୍ପପତି ତାପସ ପାତ୍ରୀ, ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଚରଣ ସାହୁ, ସମ୍ପାଦକ ଅଧ୍ୟାପକ ପଦ୍ମଚରଣ ଭୋଳ, ପ୍ରଧାନ ଗୁରୁଜୀ କାମରାଜ ବରାଡ଼ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଅଭିଭାବକ ଯୋଗ ଦେଇଥିଲେ।



● ପାଣି ପାଇପ୍ ଚୋରି ଉଦ୍ୟମ ବିଫଳ

## ଟ୍ରକ୍ ସମେତ ପାଇପ୍ ଜବତ



ଓଡ଼ଗାଁ, ୧୩।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୋମଣ୍ଡ ଗ୍ରାମରେ ପାଣି ପାଇପ୍ ଚୋରି ଘଟଣାରେ ପୁଲିସ ୨ଟି ଟ୍ରକ୍ ସମେତ ପାଣି ପାଇପ୍ ଜବତ କରିଛି। ଓଡ଼ଗାଁ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ପଞ୍ଚାୟତର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାଣି ଜଳ ଯୋଗାଣ ନିମନ୍ତେ କେଇସି ଇଣ୍ଟରନ୍ୟାସନାଲ ଲିମିଟେଡ୍ ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କୋମଣ୍ଡ ଗ୍ରାମରେ ୨୦୦ ଏମ ଏମ ପାଇପ୍ ଲାଇନ ବିଛାଇବା ନିମନ୍ତେ ଗାତ ଖୋଳି ପଡ଼ିଥିବା ବେଳେ ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏହାକୁ ଚୋରି କରିବା ନିମନ୍ତେ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ସେଠାରୁ ଦୁର୍ବୃତ୍ତ ଛତ୍ରଭଙ୍ଗ ଦେଇଥିଲେ। ଏ ନେଇ ସଂସ୍ଥାର ସୁପରଭାଇଜର ମନୋଜ କୁମାର ଜେନା ଓଡ଼ଗାଁ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ଚୋରିରେ ବ୍ୟବହୃତ ବିଶିଷ୍ଟ ଦୁଇଟି ଟ୍ରକ୍ ଓ ସେଥିରେ ଥିବା ପାଇପ୍‌କୁ ଜବତ କରିଥିଲା। ଅନ୍ୟପକ୍ଷେ ପୁଲିସ ଏହାକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଚୋରି ଉଦ୍ୟମ ପଛରେ ଏକ ବଡ଼ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି।

● ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## 'ନୂଆ-ଓ' ସାହିତ୍ୟ କାର୍ଯ୍ୟକ୍ରମ




ନୟାଗଡ଼, ୧୩।୨(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସଂସ୍କୃତି ଓ କଳା ପରିଷଦର ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ଯୋଗଦେଇ ଓଡିଆ ସଂସ୍କୃତି ଆଧାରିତ ଗାଳ୍ପିକ ଅଭିଭାଷଣ ରଖି ଗୁରୁଜନ, ପିତାମାତା ଓ ଶିକ୍ଷକଙ୍କ ପ୍ରତି ସଦା ସମ୍ମାନ ଓ ପ୍ରଦର୍ଶନ କରିବାକୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନନିୟ ଅତିଥି ଭାବେ ସଂସ୍କୃତି ଓ କଳା ପରିଷଦର ସଂଗଠନ ସମ୍ପାଦିକା ଅଂଶୁ ତ୍ରିପାଠି ଛାତ୍ରୀମାନେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ସମାଜରେ ଆମୁଳଚୁଳ ପରିବର୍ତ୍ତନ ଆଣିବା ପାଇଁ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ ସଂସ୍କୃତି ଓ ସାହିତ୍ୟ ହିଁ ଜୀବନ ଛନ୍ଦର ଅବ୍ୟକ୍ତ ଭାଷା ବୋଲି ମତ ରଖି ସଂସ୍କୃତି ସମ୍ପୂର୍ଣ୍ଣ ମଣିଷଟିଏ ମାନ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଅନୁଷ୍ଠାନର ଓଡିଆ ଅଧ୍ୟାପକ ଦିଲ୍ଲିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ମାନେ ସାହିତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର, ପ୍ରମାଣ ପତ୍ର ଓ ପ୍ରାଇଜ ପ୍ରଦାନରେ ସହାୟତା କରିଥିଲେ। ଶେଷରେ ଛାତ୍ରଛାତ୍ରଙ୍କ ଦ୍ୱାରା ଉଚ୍ଚମାନର ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା 'ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୧୩।୨(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବଳରାମ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଲୋକଙ୍କୁ ବିଭିନ୍ନ ଯୋଜନା ବାବଦରେ ସଚେତନ କରିଥିଲେ। ସମ୍ମାନିତ ଅତିଥୀ ଭାବେ କଣ୍ଟିଲୋ ସମବାୟ ସମିତି ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁ, ପୂର୍ବତନ ଉପାଧ୍ୟକ୍ଷା ମିନତୀ ସାହୁ, ସ୍ଥାନୀୟ ସମିତିସଭ୍ୟ ପ୍ରତିନିଧି ବିକ୍ରମ ଦଳେଇ, ପୂର୍ବତନ ସରପଞ୍ଚ ଭଗବାନ ସ୍ୱାଇଁ, ଯୁବ ସଭାପତି ମନୋରଞ୍ଜନ ବେହେରା, ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଆଲୋକପାତ କରିଥିଲେ। ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ ଅଧୀନ ରାଣୀଛେଲି ପଞ୍ଚାୟତରେ ସରପଞ୍ଚ ଗୋପାଳ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅଧ୍ୟକ୍ଷା ଉପମା ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତୀ ସାହୁ, ମନୋରଞ୍ଜନ ବେହେରା, ନାଏବ ସରପଞ୍ଚ ବାଉରୀ ସ୍ୱାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଦର୍ଶନ ସେଠି ପ୍ରମୁଖ ମଞ୍ଚାସିନ ରହି ମୁଖ୍ୟମନ୍ତ୍ରୀଙ୍କ ଯୋଜନା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଜନ୍ମେଜୟ ଦଳେଇ ମଞ୍ଚ ସଂଯୋଜନା କରିଥିବା ବେଳେ ମିଶନଶକ୍ତି ମହିଳା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସକାଳ
THE SAKALA



www.sakalaepaper.com

## ବିଦେଶୀ ମଦ ଜବତ; ୨ ଗିରଫ

**ଖୋର୍ଦ୍ଧା, ୧୩।୨(ସମିସ) :** ଖୋର୍ଦ୍ଧା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ପାନଦୋକାନରେ ଆଦର୍ଶଥାନା ପୁଲିସ ଚଢଉ କରି ୩୪ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍ଥାନୀୟ ବାସେଲୀସାହି ର ଅଖୟ କୋଦଣ୍ଡସିଂ (୨୭) ଏବଂ ତଳସାହିର ଅକ୍ଷୟ ବେହେରା ବୟସ (୨୩)। ପୁଲିସ ଏହି ଘଟଣାରେ ୭୦/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।

## ବୋମାମାଡ଼ ଘଟଣା; ଆଉ ଜଣେ ଗିରଫ

**ଖୋର୍ଦ୍ଧା, ୧୩।୨(ସମିସ):** ଗତ ମଙ୍ଗଳବାର ସନ୍ଧ୍ୟାରେ ଆଦର୍ଶଥାନା ଅନ୍ତର୍ଗତ ସୁଦର୍ଶନ ବିହାରରେ ଟିଉସନ ସାରଙ୍କ ଘରକୁ ବୋମାମାଡ କରିବା ଘଟଣାରେ ପୁଲିସ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଜଣକ ତରତୁଆର ହେମନ୍ତ କୁମାର ବଡଜେନା ଓରଫ ଦାମ ଓରଫ ଦିପୁ।

ପ୍ରକାଶଥାଉକି, ସୁଦର୍ଶନବିହାର ର ଚିନ୍ମୟ ରଞ୍ଜନ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଦଶମ ଶ୍ରେଣୀ ପିଲାଙ୍କୁ ଘରେ ଟିଉସନ କରୁଥିଲେ। ପ୍ରାୟ ୭.୪୨ ମିନିଟ ସମୟରେ ପଲସର ଗାଡିରେ ଆସି ଲିପୁନ ଓ ତାର ଜଣେ ସହଯୋଗୀ ଚିନ୍ମୟଙ୍କ ଘର ଉପରକୁ ବୋମାମାଡ କରିଥିଲେ। ଏଥିରେ କାହାର କିଛି କ୍ଷତି ହୋଇନଥିଲେ ମଧ କିଛି ଜିନିଷ ନଷ୍ଟ ହୋଇଥିଲା। ଚିନ୍ମୟଙ୍କ ଅଭିଯୋଗ ଉପରେ ୬୦/୨୪ରେ ଏକ ମାମଲା ରୁଜୁ କରି ଗତ ଶନିବାର ଦିନ ସଦରଥାନା ଅନ୍ତର୍ଗତ ଡିହପୁର ଗ୍ରାମର ଶୁଭଙ୍କର ପାହାଡାସିଂହ ଓରଫ ଲିପୁନକୁ ଗିରଫ କରିଥିବା ବେଳେ ସୋମବାର ହମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା 'କାର୍ଯ୍ୟକ୍ରମ

# ଏନ୍‌ଏସି ଓ ପଞ୍ଚାୟତରେ ସଚେତନତା





**ବାଲୁଗାଁ, ୧୩।୨(ସମିସ)**

ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା 'କାର୍ଯ୍ୟକ୍ରମ ମାଧ୍ୟମରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଙ୍ଗଳବାର ଚିଲିକା କୁଳ ନିକଟରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହର ର ଉନ୍ନତି କରଣ ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ସମସ୍ତ ପ୍ରକାର ପଦକ୍ଷେପ ଓ ପ୍ରୟାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମତ୍ସ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଅଗ୍ନିଶମ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗର ଷ୍ଟଲ ଆଦି ଖୋଲାଯାଇ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଏନ୍‌ଏସିର ସମସ୍ତ କାଉନସିଲର ଓ ସମସ୍ତ କର୍ମକର୍ତ୍ତା, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ଖୋର୍ଦ୍ଧାଙ୍କ ପ୍ରତିନିଧି ଶ୍ରୀରାମ ସ୍ୱଦେଶ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ଏହି କାର୍ଯ୍ୟକ୍ରମ ର ସଫଳ ରୂପାୟନ ଦେଇଥିଲେ। ବିଭିନ୍ନ ୱାର୍ଡ କୁ ନେଇ ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ୧୬ତାରିଖ ଉଦଯାପନୀ ଦିବସ ରେ କୃତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି।

**ବୋଲଗଡ଼:** ବୋଲଗଡ଼ ବ୍ଲକର ସମସ୍ତ ପଞ୍ଚାୟତରେ 'ନୂଆ-ଓ' ନବୀନ ଓଡ଼ିଶା' କାର୍ଯ୍ୟକ୍ରମଅନୁଷ୍ଠିତ ହେଉଛି। ମଙ୍ଗଳବାର ବୋଲଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗୀତାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଡ.ରତିକାନ୍ତ ମିଶ୍ର, ଯୋଗାଣ ଅଧିକାରିଣୀ ସାଗରିକା ମାହାଲି, ବିପିସି ସୁରୁଚି ସୁପ୍ରିତି ସାହୁ, ବିଏଲସି ଈଶ୍ୱର ଚନ୍ଦ୍ର ପରିଡ଼ା, ବିଶ୍ୱଜିତ୍ ବେହେରା, ବରିଷ୍ଠ ନାଗରିକ କୃଷ୍ଣମୋହନ ପାଲଟାସିଂହ, ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗା, ସମବାୟବିତ ଲଳାଟେନ୍ଦୁ କେଶରୀ ସିଂ, ମିଶନ ଶକ୍ତି ସଭାନେତ୍ରୀ ଶୈଳବାଳା ବାହିନୀପତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧୀରେନ୍ଦ୍ର ବେହେରା, ଗ୍ରାମରୋଜଗାର ସେବିକା ବୀଣାପାଣି ସ୍ୱାଇଁ ଓ ଯୋଗାଣ ସହାୟକ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗଦେଇ ବୋଲଗଡ଼ ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଜନହିତକର କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇ ବଣ୍ଟନ କରାଯାଇଥିଲା।

**କୁହୁଡ଼ି:** ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତରେ ସରପଞ୍ଚ ପ୍ରିୟମ୍ବଦା ବେହେରାଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ନୀଳକଣ୍ଠେଶ୍ୱର ସଙ୍କୀର୍ତ୍ତନ ମଣ୍ଡଳୀ ଭୋବର ଜନସାଧାରଣଙ୍କୁ ନିଜର କଳା ମାଧ୍ୟମରେ ସଚେତନତା କରାଇଥିଲେ। ଆୟୋଜିତ ସଭାରେ ଟାଙ୍ଗୀ ପିଇଓ ଅରବିନ୍ଦ ବେହେରା, କୁହୁଡ଼ି ଜିଆରଏସ୍ ପ୍ରମୋଦ କୁମାର ପାଇକରାୟ, ହର୍ଟିକଲଚର ସୁପରିଟେଣ୍ଡେଣ୍ଟ୍ ପ୍ରମୋଦ ସାମନ୍ତସିଂହାର, ଭିଏଡବ୍ଲୁ ସଞ୍ଜୀବ ରାଉତରାୟ, ବହୁ ମିଶନଶକ୍ତି ମହିଳାମାନେ, ଏସ୍‌ଏଚ୍‌ଜି ଗ୍ରୁପ୍, ସିଆର୍‌ପି, ଏମବି କେ, ଅଙ୍ଗନବାଡ଼ି ସଦସ୍ୟା ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ତାରା ସାମଲ, ପ୍ରମୋଦ ବିଶୋଇ, ଦିଲ୍ଲୀପ ଇନ୍ଦ୍ରଜିତ, କାଳୁ ଜେନା, ଦିଲ୍ଲୀପ ବଳବନ୍ତରାୟ ଓ ଲକ୍ଷ୍ମୀଧର ଦଳେଇ ପ୍ରମୁଖ ଉପସ୍ଥିତ ରହି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଂକଳ୍ପବଦ୍ଧ ବୋଲି କହିଥିଲେ।



## କୋଲୁହାପାଟଣା ଫୁଟବଲ ଟୁର୍ଣ୍ଣାମେଣ୍ଟ ; ସେମିରେ କରଡାପଲ୍ଲୀ ୟୁଥ୍ କ୍ଲବ୍

**ବେଗୁନିଆ, ୧୩।୨( ସମିସ):** ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ କରଡାପଲ୍ଲୀ ନିୟୁ ୟୁଥ କ୍ଲବ ଓ କାଠଖୁଣ୍ଟିଆ ଭିଏନ କ୍ଲବ୍ ମଧ୍ୟରେ ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କରଡାପଲ୍ଲୀ ନିୟୁ ୟୁଥ କ୍ଲବ ୨-୦ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୧-୦ ଗୋଲ ଦେଇ ବିଜୟ ଲାଭ କରି ସେମିରେ ପ୍ରବେଶ କରିଥିଲା। ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ଶିକ୍ଷକ ଦାଶରଥି ନାୟକ ଓ ସମାଜସେବୀ ବନବିହାରୀ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଚିତରଞ୍ଜନ ପରିଡ଼ା ପରିଚାଳନା କରିଥିବାବେଳେ ପ୍ରକାଶ ନାୟକ ଓ ରାଘବ ନାୟକ ଲାଇନମ୍ୟାନ ଭାବେ ସହଯୋଗ କରିଥିଲେ। ଶିକ୍ଷକ ପବିଧର ପରିଡ଼ା, ଚିନ୍ତାମଣି ପରିଡ଼ା, ନିରଞ୍ଜନ ଛାଟୋଇ, ତ୍ରିନାଥ ପରିଡ଼ା, ସଦସ୍ୟ ଚିନ୍ମୟ ପରିଡ଼ା, ଦୀପକ କୁମାର ନାୟକ ଓ ମୁନା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଜଟଣୀ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ



**ଜଟଣୀ, ୧୩।୨(ସମିସ):** ଜଟଣୀ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ କଥାକାର ଅଜୟ ସ୍ୱାଇଁ ଯୋଗଦେଇ ସାମ୍ପ୍ରତିକ ସମାଜରେ ଓଡ଼ିଆ ଭାଷାର ଗୁରୁତ୍ୱ ଓ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାରସ୍ୱତ ସାଧିକା ବିଷ୍ଣୁପ୍ରିୟା ଓତା ଯୋଗଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନ ସହିତ ଓଡ଼ିଆ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଶିଶୁ ସାହିତ୍ୟ ରଞ୍ଜନୀ ରଞ୍ଜନ ଦାଶ ଯୋଗଦେଇଥିଲେ।ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷ ବଂଶୀଧର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବିଭିନ୍ନ କ୍ଷେତ୍ର ତଥା ଅଧ୍ୟୟନରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ ଅନୁପ କୁମାର ମହାନ୍ତି, ତପନ ମିଶ୍ର, ରଜନୀ କୁମାର ନାୟକ, ବେଣୁଧର ଦାସ, ବାଳକୃଷ୍ଣ ଚୌଧୁରୀ, ପରମିତା ପ୍ରହରାଜ, କାର୍ତ୍ତିକ ଦାସ, ଅନିଲ ନନ୍ଦଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ। ସାମ୍ବତ୍ସରିକ ଉତ୍ସବର ସଂଯୋଜିକା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଜିତ କୁମାର ସୁନ୍ଦରରାୟ ଧନ୍ୟବାଦ ଦେଇଥିଲେ।

### ● ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସମୀକ୍ଷା

## ଧାର୍ଯ୍ୟ ସମୟରେ ସୋନପୁର-ବୌଦ୍ଧ ରେଳ ଲାଇନ କାମ ସାର

**ଭୁବନେଶ୍ୱର, ୧୩।୨(ସମିସ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସୋନପୁର-ବୌଦ୍ଧ ରେଳ ଲାଇନ ପ୍ରକଳ୍ପର ନିର୍ମାଣାଧୀନ ରେଳ ଲାଇନ ସେକ୍ସନକୁ ଧାର୍ଯ୍ୟ ସମୟ ଭିତରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନକୈନ୍ଦ୍ରିକ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ଉଭୟ ପଶ୍ଚିମ ଓ ଉପକୂଳ ଓଡ଼ିଶାକୁ ସଂଯୋଗ କରିବା ସହିତ ଦୁର୍ଗମ ଅଞ୍ଚଳ ଜିଲ୍ଲାମାନଙ୍କୁ ମଧ ସେବା ଯୋଗାଇବ। ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୩୦୧ କିମି ମଧ୍ୟରୁ ଏପର୍ଯ୍ୟନ୍ତ ମୋଟ ୧୫୨.୮୦୫ କିମି ରେଳ ଲାଇନ କାର୍ଯ୍ୟ ଶେଷ ହୋଇଯାଇଛି। ପ୍ରକଳ୍ପ ଶୀଘ୍ର ଶେଷ ହେବା ପାଇଁ ରେଳବାଇ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରରୁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରଖିଛି। ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିମି ଏବଂ ବାଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିମି କାର୍ଯ୍ୟ ଶେଷ ହୋଇସାରିଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିମି ଦୈର୍ଘ୍ୟ ନୂତନ ରେଳପଥର କାର୍ଯ୍ୟ ଦ୍ରୁତ ଗତିରେ ଚାଲୁ ରହିଥିବା ବେଳେ ଆସନ୍ତା ଦୁଇମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ସମୟ ଧାର୍ଯ୍ୟ ରଖାଯାଇଛି। ଦଶପଲ୍ଲାଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ୭୫କିମିର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଆଶା କରାଯାଉଛି। ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ସହ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ସିକୋ, ୧୩।୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡକ୍ଟର ଅନିଶା ସେଠି ଏବଂ ମେଡିକାଲ ର ସମସ୍ତ ସଦସ୍ୟ ରଞ୍ଜିନ୍ତି କୁମାର ସାହୁ, ସୌମ୍ୟାସିଇ ମହାପାତ୍ର, ଲିପ୍ସା ସିଂ, ଦିନ ବନ୍ଧୁ, ସୁକାନ୍ତଙ୍କ ସହିତ ହଜ ଗ୍ରାମର ଯୁବକମାନଙ୍କ ସହଯୋଗରେ ବଜାର, ପଞ୍ଚାୟତ, ମେଡିକାଲ ଓ ମନ୍ଦିରକୁ ଭଲ ଭାବରେ ସଫାସୁତୁର କରିଥିଲେ। ଏଥିରେ ସମସ୍ତ ଯୁବପିଢି ସାମିଲି ହୋଇ ସହାୟ ହେବା ପାଇଁ ଆଗାମୀ ଦିନ ପାଇଁ ଅଶା ବ୍ୟକ୍ତ କରିଛନ୍ତି। ହଜ ଗ୍ରାମର ଯୁବକମାନେ ଆଗାମୀ ଦିନରେ ସାମିଲି ରହି କାର୍ଯ୍ୟ ତୁଲେଇବ ବୋଲି ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ମୁଖ୍ୟ ପରିଚାଳକ ଯୁବ କଂଗ୍ରେସ ନେତା ମନୋରଞ୍ଜନ ସାହୁ ଆବାହକତ୍ୱରେ ମଞ୍ଚ କାର୍ଯ୍ୟ ସମାପ୍ତି କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଐଶ୍ୱାନେଶ୍ୱରଙ୍କ ପୀଠରେ ମହାରୁଦ୍ର ଯଜ୍ଞ ପୂର୍ଣ୍ଣାହୁତି



**ଭୂଷଣ୍ଡପୁର, ୧୩।୨(ସମିସ):** ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମ ପଞ୍ଚାୟତର ଉରୁମୁଖୀ ସ୍ଥିତ ପଶ୍ଚିମାଭିମୁଖୀ ରାଜା ପ୍ରତିଷ୍ଠିତ ଠାକୁର ଐଶ୍ୱାନେଶ୍ୱର ଙ୍କ ପୀଠରେ ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ମହାରୁଦ୍ର ଯଜ୍ଞ ଆଜି ଅସଂଖ୍ୟ ଭକ୍ତ ଙ୍କ ଗହଣ ରେ ଏକାଦଶ ମହା ଶମ୍ଭୁ ମିଳନ ଓ ମହା କ୍ଷୀର ସାଗର ପୂର୍ଣ୍ଣାଭିଷେକ ଦର୍ଶନ ସହିତ ସମାପନ ହୋଇଛି। ଏହି ଉପଲକ୍ଷେ ଆଜି ସର୍ବପ୍ରଥମେ ଶମ୍ଭୁମାନଙ୍କର ମିଳନ ଦୋଳପଡ଼ିଆ ଠାରେ ହୋଇଥିଲା। ସର୍ବ ପ୍ରଥମେ ଲୋକ ନାଥ ଦେବ, ଗୋବର୍ଧନ ପୁର ମୁକ୍ତେଶ୍ୱର ଦେବ, ସୁନ୍ଦରପୁର ଗ୍ରାମେଶ୍ୱର ଦେବ, ବାଲିପାଟପୁର କୁମୁଦେଶ୍ୱର ଦେବ, ମାଳିସାହି ଚନ୍ଦନେଶ୍ୱର, ସ୍ୱପ୍ନେଶ୍ୱର ଦେବ ତେନ୍ତୁଳିଆ ପଡ଼ା, ଗୁପ୍ତେଶ୍ୱର ଦେବ ଗୋବର୍ଦ୍ଧନପୁର, ବାଲୁଙ୍କେଶ୍ୱର ଦେବ ଭୂଷଣ୍ଡପୁର ପ୍ରଭୁତିଙ୍କ ମିଳନ ପରେ ଐଶ୍ୱାନେଶ୍ୱର ଦେବ ଙ୍କ ମିଳନ କରାଯାଇ ଏକ ଲମ୍ବା ପଟୁଆରରେ ଐଶ୍ୱାନେଶ୍ୱର ଦେବଙ୍କ ମନ୍ଦିର ବେଢ଼ାକୁ ଯାଇଥିଲେ। ସେଠାରେ ଏକାଦଶ ଶମ୍ଭୁ ମିଳନ ମଣ୍ଡପ ବିଜୟ ନାମସଂକ୍ରିତନ ପୁଷ୍ପାଞ୍ଜଳିପରେ ପୂର୍ଣ୍ଣାହୂତି ଦିଆଯାଇଥିଲା ସମାରୋହରେ ୧୧ ଗ୍ରାମର ଠାକୁରଙ୍କ ତତ୍ତ୍ୱାବଧାରକ ସହିତ କମିଟିର ନବକିଶୋର ଦାଶ, ହରି ହର ଦାଶ, ଲଡୁ ସ୍ୱାଇଁ, ପ୍ରଶାନ୍ତ ସାହୁ, ବାବୁ ଦାଶ ଏବଂ ପ୍ରଫୁଲ୍ଲ ଜେନା ସହଯୋଗ କରିଥିଲେ।

## ପ୍ରସ୍ତାବିତ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଜମି ବୁଲି ଦେଖିଲେ ଜିଲ୍ଲାପାଳ

**ଖୋର୍ଦ୍ଧା/ବେଗୁନିଆ, ୧୩।୨(ସମିସ):** ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ସଲଗ୍ନ ୬ ଏକର ପରିମିତ ଜମିକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ କରିବା ପାଇଁ ଚିହ୍ନଟ କରାଯାଇଛି। ଏହି ପ୍ରସ୍ତାବିତ ଜମିକୁ ଆଜି ଜିଲ୍ଲାପାଳ ଚଞ୍ଚଳ ରଣା ବୁଲି ଦେଖିଛନ୍ତି। ତେବେ ଜମିର ଚିହ୍ନଟ ଓ ସଂରକ୍ଷଣ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ବେଗୁନିଆ ଅଞ୍ଚଳ ବାସୀଙ୍କ ପାଇଁ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲାପାଳଙ୍କ ଗ୍ରସ୍ତ ସମୟରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଘୁନାଥ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ବାଦଲ ମହାନ୍ତି, ବିଡ଼ିଓ ଲକ୍ଷ୍ମୀଧର ସାହୁ ଓ ତହସିଲଦାର ତାପସ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ବେଗୁନିଆ ରେ ସ୍ୱାସ୍ଥ୍ୟ ସେବା ସମସ୍ୟା ର ସମାଧାନ ପାଇଁ ଦୀର୍ଘ



୨ମାସ ଧରି ଆନ୍ଦୋଳନ ଚାଲିଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଖକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଧାୟକଙ୍କ ନେତୃତ୍ୱରେ ସାକ୍ଷାତ କରି ଦାବି ଜଣାଇଥିଲେ। ଗତ ଅଗଷ୍ଟ ୨୨ତାରିଖ ରେ ବେଗୁନିଆ ଗସ୍ତ ରେ ଆସିଥିଲେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେତେବେଳେ ସମସ୍ତ ବେଗୁନିଆବାସୀ ଙ୍କ ତରଫରୁ ମିଳିତ ଭାବେ ସ୍ୱାସ୍ଥ୍ୟ ସେବା ସମସ୍ୟା ର ସମାଧାନ ପାଇଁ ବେଗୁନିଆ ରେ ସିଏଚସି ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏହି ଦାବି ଉପସ୍ଥାପନ କରି ଖୁସି ଖବର ପାଇବେ ବୋଲି ୫-ଟି ସଚିବ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅକ୍ଟୋବର ୯ ତାରିଖରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ଚିଠି ନଂ-୨୪୬୯୭/ ତା- ୯/୧୦/୨୦୨୩ରେ ବେଗୁନିଆ ରେ ୧୦୦ଶଯ୍ୟା ବିଶିଷ୍ଟ ସବଡିଷ୍ଟ୍ରିକ୍ଟ ମେଡିକାଲ ପାଇଁ ଘୋଷଣା ହୋଇଥିଲା।

## ଦେଶୀ ମଦ ଜବତ, ୪ଗିରଫ

**ବେଗୁନିଆ, ୧୩।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ଝସ କେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନାର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ୭୭ ଲିଟର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ବେଗୁନିଆ ଅବକାରୀ ଥାନା ଅଧିକାରୀ ଏନ ଜାଗିନ ରାଓଙ୍କ ସୂଚନା ମୁତାବକ ନାରାୟଣୀପଡ଼ାର ଆନନ୍ଦ ବେହେରାଙ୍କ ଠାରୁ ୨୪ ଲିଟର, ଜଟ ପରିଡ଼ାଙ୍କ ଠାରୁ ୧୬ ଲିଟର ସାନପଦରର ଗ୍ରାମର ସଞ୍ଜୟ କୁମାର ଭଞ୍ଜଙ୍କଠାରୁ ୧୨ ଲିଟର ଓ ପ୍ରତିମା ମାର୍ଥା ଠାରୁ ୨୫ ଲିଟର ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଯାପିତ



**ବାଲୁଗାଁ, ୧୩।୨ (ସମିସ) :** ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଜୟନ୍ତୀ ସାମଲଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବର ସଭା ରେ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷା ଡକ୍ଟର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ମିନାକ୍ଷୀ ମହାପାତ୍ର ଓ ପ୍ରାଧ୍ୟାପିକା ସୁଜାତା ପ୍ରଧାନ ଯୋଗ ଦେଇ ଆତ୍ମରକ୍ଷା କୌଶଳର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡକ୍ଟର ମୋନାଲିସା ମାନସିଂ ଶିବିର ପରିଚାଳନା କରିଥିବାବେଳେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥିଭାବେ ଅନ୍ତର୍ଜାତୀୟ କରାଟେସିଆନ ତଥା ବାଳିକା ଆତ୍ମରକ୍ଷା କାର୍ଯ୍ୟକ୍ରମର ରାଜ୍ୟ ତାଲିମ୍ ଦାତା ଦୀପକ ସାମନ୍ତରା, ଅନ୍ୟତମ କରାଟେସିଆନ କ୍ରିଷ୍ଣା ଶିକାରୀ ଯୋଗ ଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ପ୍ରଶିକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ଡକ୍ଟର ଅକ୍ଷୟ ମିଶ୍ର, ଅଧ୍ୟାପିକା ଶୁଭ ଦର୍ଶିନୀ ବିଶ୍ୱାଳ, ପ୍ରିୟମ୍ବଦା ମହାପାତ୍ର ଓ ସ୍ୱାତୀ ସ୍ୱାଗତିକା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତାଲିମ ନେଇ ଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ତାଲିମ ପୁସ୍ତକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପରିଶେଷରେ ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସୁଆଙ୍ଗ ବିଜୟୀ

**ଖୋର୍ଦ୍ଧା, ୧୩।୨(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ଆଜି ର ମ୍ୟାଚ ଗୁଡୁମ(ଖୋର୍ଦ୍ଧା) ଓ



ସୁଆଙ୍ଗ(ଭୁବନେଶ୍ୱର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୁଡୁମ ଦଳ ବ୍ୟାଟିଂ କରି ୧୦ଓଭର ଖେଳି ୬ୱିକେଟ୍ ବିନିମୟରେ ୯୦ରନ୍ କରିଥିଲା। ଦଳ ତରଫରୁ ବାସୁଦେବ ୧୮ ବଲରୁ ୩୯ ରନ୍ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୬ଓଭର ଖେଳି ୨ୱିକେଟ ହରାଇ ୯୨ରନ୍ କରିଥିଲା। ଫଳରେ ସୁଆଙ୍ଗ ଦଳ ୮ୱିକେଟ ରେ ବିଜୟୀ ହୋଇ ଫାଇନାଲ କୁ ପ୍ରବେଶ ହେଇଥିଲା। ସୁଆଙ୍ଗ ଦଳର ସୂର୍ଯ୍ୟକାନ୍ତ ବଡ଼ଜେନା ୧୭ବଲରୁ ୫୬ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ କୁ ପ୍ରକାଶ ସିଂ ଓ କୈଳାସ ଶ୍ରୀଚନ୍ଦନ ପରିଚାଳନା କରିଥିବାବେଳେ ସ୍କୋରର ଜିତେନ୍ଦ୍ର ପ୍ରଧାନ ଓ ନିତୁ ବଳିୟାରସିଂହ ଏବଂ ଭାଷ୍ୟକାର ଆଦିତ୍ୟ କୁମାର ବଳିୟାରସିଂହ ଥିଲେ। ଅତିଥିଭାବେ ଯୋଗ ଦେଇଥିଲେ କାଇପଦର ସେବା ସମବାୟ ସମିତି ଲିଃର ସମ୍ପାଦକ ଝଜ ସାମନ୍ତରାୟ, ପୂର୍ବତନ ଖେଳାଳୀ ଶୁଧାଂସୁ ଶେଖର କର, ବିଶ୍ୱରଞ୍ଜନ ଜେନା, ସତ୍ୟରଞ୍ଜନ ଜେନା, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

# ଦାବି ପୂରଣ ନେଇ ଲୋକଙ୍କ ସହ ଧାରଣାରେ ବସିଲେ ବିଧାୟକ

**ଖୋର୍ଦ୍ଧା, ୧୩।୨(ସମିସ)**

ଜଟଣୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମର ସମସ୍ୟା ସମାଧାନ ଦାବିରେ ଶତାଧିକ ମହିଳା, ପୁରୁଷଙ୍କୁ ନେଇ ଜଟଣୀ ବିଧାୟକ ସୁରେଶ ରାଉତରାୟ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଖବରପାଇ ଜିଲ୍ଲାପାଳ ଚଞ୍ଚଳ ରାଣା ଧାରଣାରତ ବିଧାୟକ ରାଉତରାୟଙ୍କ ନିକଟରେ ପହଁଚି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ମିଳିଥିବା ସୂଚନା ପ୍ରକାରେ ଜଟଣୀ ରେଲୱେ କଲୋନୀ ବସ୍ତି ବାସିନ୍ଦାଙ୍କୁ ଦଶ ମାସ ହେବ ଉଚ୍ଛେଦ କରାଯାଇଥିବାବେଳେ ସେମାନଙ୍କୁ ଏଯାବତ ଥଇଥାନ କରାଯାଇନାହିଁ। ଏମାନଙ୍କୁ ଉପଯୁକ୍ତ ଥଇଥାନ ଦାବି କରିଛନ୍ତି। ରାଧାଚରଣପୁରରେ ଆବାସ ଯୋଜନାରେ ଘର ପାଇଥିବା କେତେଜଣ ଗ୍ରାମବାସୀଙ୍କୁ ବର୍ତ୍ତମାନ ସୁଦ୍ଧା ଜମିପଟା ଦିଆଯାଇନାହିଁ। ସେମାନଙ୍କୁ ତୁରନ୍ତ ପଟା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ମଦନପୁର ଗ୍ରାମରେ ଦଳିତ ପରିବାର ଦୀର୍ଘ ବର୍ଷ ମଶାଣୀ ଜମିରେ ଗଛ ଲଗାଇ ପରିବାର ପୋଷଣ କରୁଥିବା ଜମିକୁ ଇଡକୋ ହାତକୁ ଟେକି ଦିଆଯାଇଛି। ମଶାଣୀ ପଛପଟେ ରହିଥିବା ସରକାରୀ ଜମକୁ ଇଡକୋକୁ ହସ୍ତାନ୍ତର କରି ଉକ୍ତ ଜମିକୁ ଛାଡି ଦେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟେ ଦାବି କରିଛନ୍ତି।



ସେହିପରି ଚୁନିକୁଳି ଏକ ଆଦିବାସୀ ଗ୍ରାମ। ଏହି ଗାଁ ଭିତର ଦେଇ ଇଡକୋ ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ରାସ୍ତା ଗାଁ ଭିତର ପରିବର୍ତ୍ତେ ଗାଁ ବାହ୍ୟ ପାର୍ଶ୍ୱ ଦେଇ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଧାୟକ ରାଉତରାୟଙ୍କ ଉପସ୍ଥିତିରେ ପୃଥକ ଗ୍ରାମର ପ୍ରତିନିଧିଙ୍କ ସହ ଜିଲ୍ଲାପାଳ ଅଭିଯୋଗ ଶୁଣିଥିଲେ। ସମସ୍ତ ଦାବି ପ୍ରତି ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୪ ● ପାଉଣ୍ଡ ୧୦୫.୩୩
- ୟୁରୋ ୮୯.୭୪ ● ୟେନ୍ ୦.୫୧

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୬୦୦ (ନୂଆଦିଲ୍ଲୀ)
- ରୁପା : ୭୨,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୫୫୫.୦୦
- ନିଫ୍ଟି ୨୧,୭୪୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ଆରବିଆଇର ନୂଆ ଯୋଜନା

# ବିନା ଓଟିପିରେ ଅନ୍‌ଲାଇନ୍ କାରବାର

**ନୂଆଦିଲ୍ଲୀ,୧୩ା୨(ଏଜେନ୍ସି)**

ଅନଲାଇନ୍ ଠକେଇକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଏକ ନୂତନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି। ଏହି ନୂଆ ବ୍ୟବସ୍ଥାରେ ଆପଣଙ୍କୁ ପେମେଣ୍ଟ ବା ଦେୟ ଦେବାକୁ ଆଉ ଓଟିପି ଦରକାର ହେବନାହିଁ। ସାଧାରଣତଃ ଅନ୍‌ଲାଇନ କାରବାର ସମୟରେ ଓ୍ୱାନ ଟାଇମ୍ ପାସଓ୍ୱାର୍ଡ (ଓଟିପି) ଆବଶ୍ୟକ ହୋଇଥାଏ। କାରବାର ସମୟରେ ପଞ୍ଜୀକୃତ ମୋବାଇଲ ନମ୍ବର କିମ୍ବା ଇ-ମେଲ୍‌ରେ ଓଟିପି ଆସିବା ପରେ କାରବାର ସମ୍ପୂର୍ଣ୍ଣ ହୋଇଥାଏ। ମୋବାଇଲ ନମ୍ବରରେ ଓଟିପି ଆସିବା ପରେ ଅନଲାଇନ କାରବାର ସୁରକ୍ଷିତ ରହିଛି ବୋଲି ଜାଣିଥାଉ। ବହୁ ସମୟରେ ଏହି ଓଟିପି ଦ୍ୱାରା ମଧ ବଡ ବଡ ଠକେଇ ହୋଇଥିବା ମାମଲା ମଧ ସାମ୍ନାକୁ ଆସିଛି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ପ୍ରଚଳିତ ଓଟିପି ପ୍ରକ୍ରିୟାକୁ ବନ୍ଦ କରିବାକୁ ଯାଉଛି। ତେବେ ଆରବିଆଇ ଆହୁରି ଅଧିକ ସୁରକ୍ଷା ପଦ୍ଧତି ଆଣିବାକୁ ଯୋଜନା କରୁଛି। ଏହା ମାଧ୍ୟମରେ ଗ୍ରାହକଙ୍କ ଅନଲାଇନ୍ କାରବାର ସୁରକ୍ଷା ପାଇବ।

ଅନ୍‌ଲାଇନ୍ କାରବାର ମାଧ୍ୟମରେ ଠକେଇ ମାମଲା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ଆରବିଆଇ ସମୟ ସମୟରେ କାମ ଜାରି ରଖିଥାଏ। ବର୍ତ୍ତମାନ ଅନଲାଇନ୍ ଠକେଇକୁ ରୋକିବା ପାଇଁ ଆରବିଆଇ ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିବାକୁ ଯାଉଛି, ଯାହା ଦ୍ୱାରା ଆପଣଙ୍କୁ ପେମେଣ୍ଟ ଦେବାକୁ ଓଟିପି ଦରକାର ହେବ ନାହିଁ। ବର୍ତ୍ତମାନ, ଯେ କୌଣସି ସ୍ଥାନରେ ଅନଲାଇନ୍ କାରବାର କରିବା ପାଇଁ, ଆପଣ



ଯାଞ୍ଚ ପାଇଁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏକ ଓଟିପି ଗ୍ରହଣ କରିଥାନ୍ତି। ଏହି ଓଟିପି ପଦ୍ଧତି ନିଶ୍ଚିତ କରେ ଯେ ଅନଲାଇନ୍ ପେମେଣ୍ଟରେ କୌଣସି ବିଶୃଙ୍ଖଳା କିମ୍ବା ଠକେଇ ନାହିଁ। ଓଟିପି ପରିବର୍ତ୍ତେ, ଅନ୍‌ଲାଇନ୍ କାରବାର ପାଇଁ ପ୍ରାମାଣିକୀକରଣ ଆପ୍ ବ୍ୟବହାର କରାଯାଇପାରିବ। ଯେଉଁଥିରେ ଉପଭୋକ୍ତାମାନେ ନିଜ ଫୋନ ମାଧ୍ୟମରେ ଏହି ଆପରୁ ପାସଓ୍ୱାର୍ଡ ବା ଓଟିପି ପାଇପାରିବେ। ଏଥିରେ ଟୋକେନ ପରି ଅନେକ ବିକଳ୍ପ ମଧ ରହିଛି। କିନ୍ତୁ ଏଥିପାଇଁ ଏକ ଫୋନ ରହିବା ଆବଶ୍ୟକ। ବଢୁଥିବା ଅନଲାଇନ ଠକେଇକୁ ଦୃଷ୍ଟିରେ ରଖି ରୁଟ ମୋବାଇଲର ଏମଡି ତଥା ସିଇଓ ରାଜଦୀପକୁମାର ଗୁପ୍ତା କହିଛନ୍ତି, ଏବେ ଟ୍ୱେଣ୍ଟି ଡିଜିଜନ ଆରମ୍ଭ କରିବାର ଆବଶ୍ୟକତା ରହିଛି। ବିଭିନ୍ନ ସର୍ଭିସ ପ୍ରୋଭାଇଡର ତାଙ୍କ କମ୍ପାନୀ ଦ୍ୱାରା ପ୍ରତି ମୋବାଇଲକୁ ପ୍ରାୟ ୪୦୦ କୋଟି ଓଟିପି ପଠାଇଥାନ୍ତି। କିନ୍ତୁ ଅନଲାଇନ କାରବାର ହେତୁ ଜାଲିଆତି ମାମଲା ମଧ ବଢିବାରେ ଲାଗିଛି। ତେବେ ଆଗକୁ ଆରବିଆଇ ଦ୍ୱାରା ଓଟିପି-ଲେସ୍ ଅଥେଟେକିଶନ ଲଞ୍ଚ ହେବାକୁ ଯାଉଛି। ଯେଉଁଥିରେ ସର୍ଭିସ ପ୍ରୋଭାଇଡରଙ୍କ ସହ ଗ୍ରାହକଙ୍କ ସହ ସିଧାସଳଖ ସଂଯୋଗ ରହିବ। ଯେଉଁଥିରେ ମୋବାଇଲ ନମ୍ବର ଦ୍ୱାରା ହିଁ ସହଜରେ ଓ ସୁରକ୍ଷିତ ଭାବରେ ଅନଲାଇନ ଟ୍ରାଞ୍ଜାକ୍ସନ ହୋଇପାରିବ।

- ଫେଡେରାଲ ଟ୍ରେଡ୍ କମିଶନ-୨୦୨୩ ରିପୋର୍ଟ

## ୭୫ ହଜାର କୋଟି ଠକେଇର ଶିକାର ହୋଇଛନ୍ତି ଆମେରିକୀୟ

**ୱାଶିଂଟନ, ୧୩ା୨ (ଏଜେନ୍ସି):** ସାରା ବିଶ୍ୱରେ ଦିନକୁ ଦିନ ଠକେଇ ମାମଲା ବଢ଼ିବାରେ ଲାଗିଛି। ଠକ ଜନସାଧାରଣଙ୍କୁ ଠକି କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ମଧ ଏଥିରୁ ବାଦ୍ ପଡ଼ିନାହିଁ। ଗତ ବର୍ଷ ଆମେରିକୀୟଙ୍କଠାରୁ ୭୫ ହଜାର କୋଟି ଟଙ୍କାର ଠକେଇ ହୋଇଛି। ଏହା ଏକ ନୂଆ ଅପକୀର୍ତ୍ତି ପ୍ରତିଷ୍ଠା କରିଛି। ଫେଡେରାଲ ଟ୍ରେଡ୍ କମିଶନ (ଏଫ୍‌ଟିସି) ରିପୋର୍ଟରୁ ଏହି ସୂଚନା ମିଳିଛି। ସର୍ବାଧିକ ଠକେଇ ମାମଲା ନିବେଶ ସମ୍ବନ୍ଧିତ ରହିଛି। ଲୋକେ ନିବେଶରେ ପ୍ରାୟ ୩୮ ହଜାର କୋଟି ଟଙ୍କା ହରାଇଛନ୍ତି। ଏବେ ଡିଜିଟାଲ ଟୁଲ୍ସ ଯୋଗୁଁ ପୂର୍ବାପେକ୍ଷା ଅଧିକ ସହଜରେ ଠକେଇ ହେଇପାରୁଛି। ଲୋକଙ୍କୁ ଲୋଭ ଦେଖାଇ ଠକି ଦିଆଯାଉଛି। ନିବେଶ ପରେ ଲୋକେ 'ଅନ୍‌ଲାଇନ ସଫି' ସ୍କାମରେ ଅଧିକ ଅର୍ଥ ହରାଇଛନ୍ତି। ଏହା ପଛକୁ ପୁରସ୍କାର, ଲଟେରି ବ୍ୟବସାୟ, ନିଯୁକ୍ତି ସୁଯୋଗ ଏବଂ କ୍ରିପ୍ଟୋକରେନ୍ସି ନାମରେ ଠକେଇ ରହିଛି। ଆମେରିକାରେ ଜାଲିଆତି ସାଧାରଣ ଘଟଣା ହୋଇଯାଇଛି। ଏଥିରେ ଲୋକେ ୩୨ ହଜାର କୋଟି ଟଙ୍କା ହରାଇଛନ୍ତି। ଏହି ମାମଲାରେ ଠକ ନିଜକୁ ସରକାରୀ ଅଧିକାରୀ, ବ୍ୟବସାୟିକ ପ୍ରତିନିଧି ଭାବରେ ଉପସ୍ଥାପନ କରି ଲୋକଙ୍କୁ ଧୋକା ଦେଉଥିଲେ। ପ୍ରଥମେ ଇମେଲ ମାଧ୍ୟମରେ ଲୋକଙ୍କୁ ମୋହରା ବନା ଯାଉଥିଲା। ପରେ ଫୋନ୍ କଲ୍, ଟେକ୍ସ ମେସେଜ ଏବଂ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଠକା ଯାଉଥିଲା। ଗତ ୨ ବର୍ଷ (୨୦୨୨ ଏବଂ ୨୦୨୩)ରେ ଠକେଇର ୨.୬ କୋଟି ମାମଲା ସାମ୍ନାକୁ ଆସିଥିଲା। ଏହା ପୂର୍ବରୁ ୨୦୨୨ରେ ଠକେଇ ଦ୍ୱାରା ଆମେରିକୀୟଙ୍କ ୬୯ ହଜାର କୋଟି ଟଙ୍କାର କ୍ଷତି ହୋଇଥିଲା। ୨୦୨୩ରେ ଏହା ୧୪ ପ୍ରତିଶତ ବୃଦ୍ଧି ପାଇଥିଲା। ଏହା ବ୍ୟତୀତ ଆମେରିକାରେ ପ୍ରତି ବ୍ୟକ୍ତିଙ୍କ ପିଛା କ୍ଷତି ମଧ ବୃଦ୍ଧି ପାଇଛି।

**୨ ବର୍ଷରେ ୨.୬ କୋଟି ଠକେଇ ମାମଲା**

## ନାଲ୍‌କୋର ତୃତୀୟ ତ୍ରୈମାସିକ ନିଟ୍ ଲାଭ ୪୮୮ କୋଟି

**ଭୁବନେଶ୍ୱର,୧୩ା୨(ସମିସ):** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ କମ୍ପାନୀ ତଥା ଦେଶର ଅନ୍ୟତମ ଅଗ୍ରଣୀ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଡିସେମ୍ବର ୨୦୨୩ ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ଆର୍ଥିକ ଫଳାଫଳ ଅନୁସାରେ, ଗତ ତ୍ରୈମାସରେ କମ୍ପାନୀର ଲାଭ ୪୮୮ କୋଟି ଟଙ୍କା ହୋଇଛି। ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ କମ୍ପାନୀର ବୋର୍ଡ଼ସ୍ତରୀୟ ବୈଠକରେ ଉପସ୍ଥାପିତ ଆର୍ଥିକ ଫଳାଫଳ ଅନୁସାରେ କମ୍ପାନୀ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କ୍ରମାଗତ ଭାବେ ୧୩୭ ପ୍ରତିଶତ ଲାଭ କରିଅଛି। ସୂଚନାଯୋଗ୍ୟ ଯେ, ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ଲାଭ ୨୦୬ କୋଟି ଟଙ୍କା ଥିଲା। ଡିସେମ୍ବର ୨୦୨୩ ର ନଅ ମାସ ମଧ୍ୟରେ କମ୍ପାନୀର ମୋଟ ଲାଭ ୧୦୪୪ କୋଟି ଟଙ୍କା ହୋଇଥିବାବେଳେ, ପୂର୍ବ ଆର୍ଥିକ ବର୍ଷର ସମାନ ନଅ ମାସରେ ମୋଟ ଲାଭ ୧୦୨୩ କୋଟି ଟଙ୍କା ଥିଲା। ଆର୍ଥିକ ବର୍ଷ ୨୦୨୩ ର ତୃତୀୟ ତ୍ରୈମାସିକ ଆୟ ୩୩୫୮ କୋଟି ଟଙ୍କା ତୁଳନାରେ ଚଳିତ ଆର୍ଥିକ ବର୍ଷରେ ତୃତୀୟ ତ୍ରୈମାସିକ ଆୟ ୩୩୯୮ କୋଟି ଟଙ୍କା ହୋଇଛି। ସର୍ବକାଳୀନ ସର୍ବାଧିକ ୩,୪୫,୦୮୬ ମେଟ୍ରିକ ଟନ ଧାତୁ ଉତ୍ପାଦନ ସହ କମ୍ପାନୀ ଆର୍ଥିକବର୍ଷ ୨୦୨୪ର ତୃତୀୟ ତ୍ରୈମାସ ସୁଦ୍ଧା ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।



## ଭୁବନେଶ୍ୱରରେ ଉଜାସ ଋତୁସ୍ରାବ ସ୍ୱାସ୍ଥ୍ୟ ଏକ୍ସପ୍ରେସ୍

**ଭୁବନେଶ୍ୱର,୧୩ା୨(ସମିସ):** ଆଦିତ୍ୟ ବିର୍ଲା ଏଜୁକେସନ ଟ୍ରଷ୍ଟ ସମର୍ଥନରେ ଆଦଭୈତିଶା ବିର୍ଲାଙ୍କ ନେତୃତ୍ୱରେ ଆୟୋଜତ ଉଜାସ୍ ଋତୁସ୍ରାବ ସ୍ୱାସ୍ଥ୍ୟ ଏକ୍ସପ୍ରେସ୍ ଭୁବନେଶ୍ୱରରେ ପହଞ୍ଚିଛି। ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ,ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ପ୍ରଭାବଶାଳୀ ଯାତ୍ରା ପରେ ଏହି କାର୍ଯ୍ୟକ୍ରମ ସହରଗୁଡ଼ିକରେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଓ ପରିମଳ ପରିଚାଳନା କ୍ଷେତ୍ରରେ ସଚେତନତା ବୃଦ୍ଧି କରି ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଓଡ଼ିଶାରେ ଏହି ଅଭିଯାନ ଅଧୀନରେ ସ୍ଥାନୀୟ ସ୍କୁଲ, ଅନାଥାଶ୍ରମ ଓ ସରକାରୀ କଲେଜ, ବାଳିକା ଛାତ୍ରାବାସଗୁଡ଼ିକ ଜରିଆରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିବା ବେଳେ ରାଜ୍ୟରେ ମାଗଣାରେ ସାନିଟାରି ନାପ୍‌କିନ୍ ବଣ୍ଟନ କରାଯାଇଛି। ଉଜାସ ଏନ୍‌ଜିଓ ସହଯୋଗୀ ନିରଭ୍ର ସଷ୍ଟେନେବଲ୍ ଡେଭେଲପମେଣ୍ଟ ଫାଉଣ୍ଡେସନ ସ୍ଥାନୀୟ ଅଞ୍ଚଳରେ ପହଞ୍ଚିବାରେ ସହାୟକ ହୋଇଛି। ଋତୁସ୍ରାବକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚଳିତ ଥିବା ସାଂସ୍କୃତିକ ଅଭ୍ୟାସ ଓ ବିଶ୍ୱାସ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମଧ ଉଜାସ୍‌ରେ ସଂଗ୍ରହ କରାଯାଇଛି। ପ୍ରତ୍ୟକ୍ଷ ହସ୍ତକ୍ଷେପ ଓ ସମାଧାନକୁ ଚିହ୍ନଟ କରିବା ଲାଗି ତଥ୍ୟଗୁଡ଼ିକର ବ୍ୟାପକ ଅନୁଶୀଳନ କରାଯାଉଛି। ଏହି ସହଯୋଗିତାପୂର୍ଣ୍ଣ ଅଭିଯାନ ବ୍ୟାପକ ପ୍ରଭାବ ସୃଷ୍ଟି କରିବା ସହ ଓଡ଼ିଶାର ଋତୁସ୍ରାବ ସ୍ୱାସ୍ଥ୍ୟ ଦୃଶ୍ୟପଟ୍ଟରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିପାରିବ। ମୁମ୍ବାଇରେ ଉନ୍ମୋଚନ କରାଯାଇଥିବା ଉଜାସ୍ ଋତୁସ୍ରାବ ଏକ୍ସପ୍ରେସ୍ ଭ୍ୟାନ୍ ସାରା ଦେଶରେ ପ୍ରଭାବଶାଳୀ ଢଙ୍ଗରେ ଏହାର ଯାତ୍ରା କରିଛି। ଉଜାସ୍ର ପ୍ରତିଷ୍ଠାତା ଆଦଭୈତିଶା ବିର୍ଲା କହିଛନ୍ତି ଯେ, ବିଭିନ୍ନ ସହରରେ ଶିକ୍ଷଣୀୟ କର୍ମଶାଳା ଆୟୋଜନ କରିବା ପରେ ଋତୁସ୍ରାବକୁ ନେଇ ରହିଥିବା ଭ୍ରାନ୍ତ ଧାରଣା ଦୂର କରିବା ଲାଗି ଆମର ରହିଥିବା ଦୃଢ଼ ପ୍ରତିବଦ୍ଧତାକୁ ହାସଲ କରିବାର ଆମେ ନିକଟତର ହୋଇଛୁ।



### ସରିଲା କଳିଙ୍ଗ ମାରିଟାଇମ୍ ଏକ୍ସପୋ

## 'ସଂଯୋଗ, ସହଯୋଗ ଓ ସମ୍ପ୍ରସାରଣର ସମନ୍ୱୟରେ ଶିଳ୍ପ ସମୃଦ୍ଧ ହୁଏ'

**କଟକ,୧୩ା୨(ସମିସ):** ସରକାରଙ୍କ ପ୍ରତ୍ୟେକ ଯୋଜନା କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ମଧ ପହଞ୍ଚିବା ଦରକାର। ଏ ଦିଗରେ ସରକାର ଅନେକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଅଣୁ ଶିଳ୍ପଗୁଡିକ କିପରି ବୃହତ୍ ଶିଳ୍ପ ରୂପରେ ଗଢ଼ି ତୋଳି ହେବ ସେଥିପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ସଂଯୋଗ, ସହଯୋଗ ଓ ସମ୍ପ୍ରସାରଣର ସମନ୍ୱୟ ଦରକାର। ଉପର ବାଲିଯାତ୍ରା ପଡ଼ିଆରେ ଚାଲିଥିବା କଳିଙ୍ଗ ମାରିଟାଇମ ଏକ୍ସପୋର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଦେଇଛନ୍ତି।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ହାଇଟେକ ଗ୍ରୁପର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ଓଡ଼ିଶା ଶିଳ୍ପ ସଂଘର ପ୍ରୟାସରେ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଆବଶ୍ୟକୀୟ ସମସ୍ତ ସହଯୋଗ ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ପ୍ରେସିଡେଣ୍ଟ ଭାଇସ ଆଡମିରାଲ ଆର.କେ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ନୌସେନାକୁ ସାମଗ୍ରୀ ଯୋଗାଇବା ପାଇଁ ଅନେକ ନୂତନ ଶିଳ୍ପୋଦ୍ୟୋଗୀଙ୍କୁ ସେ ଆହ୍ୱାନ ଦେଇଥିଲେ। ଏଥିରେ କେନ୍ଦ୍ର ଏମଏସ୍‌ଏମଇ ବିଭାଗର ନିର୍ଦ୍ଦେଶକ ଆର.କେ ଗୁପ୍ତା ଯୋଗଦେଇଥିଲେ। ଓଡ଼ିଶା ଶିଳ୍ପ ସଂଘ ଅଧ୍ୟକ୍ଷ ଅବନୀ କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଶିଳ୍ପ ସଂଘର ସଭାପତି ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ମେଳାରେ ସାମିଲ ହୋଇଥିବା ୨୦୦ରୁ ଅଧିକ ଉଦ୍ୟୋଗପତି ଓ ୪୦୦ରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଭାରତ ମସଲାର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କୁ 'ଶିଳ୍ପ ଓଡ଼ିଶା' ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷା କ୍ଷେତ୍ରରେ ନାଳନ୍ଦା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଯଶସ୍ୱିନୀ ପଟ୍ଟନାୟକଙ୍କୁ 'ଶିକ୍ଷା ଓଡ଼ିଶା', ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶିଷ୍ଟ ଚିକିତ୍ସକ ଡଃ ଜନ୍ମେଜୟ ମହାପାତ୍ରଙ୍କୁ 'ସ୍ୱାସ୍ଥ୍ୟ ଓଡ଼ିଶା', ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କୁ 'କଳା ଓଡ଼ିଶା' ସମ୍ମାନରେ ଓଡ଼ିଶା ଶିଳ୍ପ ସଂଘ ସମ୍ମାନିତ କରିଥିଲା। ଏତଦବ୍ୟତୀତ ମେଳାରେ ଭାଗ ନେଇଥିବା ସମସ୍ତ ବ୍ୟବସାୟୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିନୋଦ ଭୂତ ଧନ୍ୟବାଦ ଅର୍ପଣ କରିଥିଲେ। ଓଆଇଏର ସାଧାରଣ ସମ୍ପାଦକ ଗୌର ଗୋପାଳ ସେନ, ପୂର୍ବତନ ସଭାପତି ରାଜେଶ କାନୁନଗୋ, ଦେବେନ୍ଦ୍ର ଶର୍ମାଙ୍କ ସମେତ ସଂଘର ବରିଷ୍ଠ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା

**ନୂଆଦିଲ୍ଲୀ,୧୩ା୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମାଗଣା ବିଦ୍ୟୁତ ସଂଯୋଗ ଯୋଗାଇ ଦେବା ଲାଗି ଛାତ ଉପର ସୌର ପ୍ରଣାଳୀ ସ୍ଥାପନ ନିମନ୍ତେ - 'ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା' ଘୋଷଣା କରିଛନ୍ତି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏକ୍ସରେ ପ୍ରଧାନମନ୍ତ୍ରୀ ପୋଷ୍ଟ କରି ଲେଖିଛନ୍ତି ଯେ, 'ଦୀର୍ଘସ୍ଥାୟୀ ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ ଆମେ 'ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା' ଆରମ୍ଭ କରୁଛୁ। ୭୫,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ଏହି ପ୍ରକଳ୍ପ ପ୍ରତି ମାସରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇ ଦେଇ ୧ କୋଟି ଘରକୁ ଆଲୋକିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସିଧାସଳଖ ନାଗରିକଙ୍କ ବ୍ୟାଙ୍କ ଏକାଉଣ୍ଟରେ ଜମା ହେବାକୁ ଥିବା ପର୍ଯ୍ୟାପ୍ତ ସବ୍‌ସିଡିଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ ଉପରେ ରିହାତି ପର୍ଯ୍ୟନ୍ତ,ଲୋକଙ୍କ ଉପରେ ଯେପରି ଅଯଥା ଖର୍ଚ୍ଚର ବୋଝ ପଡ଼ିବ ନାହିଁ ତାହା କେନ୍ଦ୍ର ସରକାର ସୁନିଶ୍ଚିତ କରିବେ।

## ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୧୩ା୨(ସମିସ):** ବିର୍ଲା ଗ୍ଲୋବାଲ ୟୁନିଭରସିଟି ଭୁବନେଶ୍ୱର ପକ୍ଷରୁ ଏକ ରକ୍ତଦାନ ଶିବିର କ୍ୟାପିଟାଲ ହସ୍ପିଟାଲସ୍ଥିତ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ ସହଯୋଗିତାରେ ଫେବୃୟାରୀ ୧୨ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀ, ଫାକଲ୍ଟି ଏବଂ ଷ୍ଟାଫ୍ ସଦସ୍ୟମାନେ ରକ୍ତଦାନ କରିଥିଲେ ଓ ସମୁଦାୟ ୯୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ମହାନ ପଦକ୍ଷେପ ଜୀବନ ରକ୍ଷା କରିବା ସହିତ ସମାଜ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ ବୋଲି କୁଳପତି ପ୍ରଫେସର ପି.ପି. ମାଥୁର କହିଥିଲେ। ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ , ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା, ବିର୍ଲା ସ୍କୁଲ ଅଫ୍ ଲ'ର ଡିନ୍ ପ୍ରଫେସର ଏଲ୍. କେ ଦେବ୍, ବିଭିନ୍ନ ବିଭାଗର ଫାକଲ୍ଟି ସଦସ୍ୟ ଏବଂ ବିଜିୟୁ କର୍ମଚାରୀ ଏହି ଶିବିରରେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଏହି ମହତ୍ କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରିଥିଲେ।



## ସୋନାଲିକାର ନୂଆ ହେଭି ଡ୍ୟୁଟି ଟ୍ରାକ୍ଟର ଉନ୍ମୋଚିତ

**ଭୁବନେଶ୍ୱର,୧୩ା୨(ସମିସ):** ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ୪୦-୭୫ ଏଚ୍ପି ସେଗମେଣ୍ଟ ଭାରତର ସବୁଠାରୁ ବଡ ରେଞ୍ଜ୍ର ୧୦ଟି ନୂଆ ଟାଇଗର ଆଡଭାନ୍ସଡ ହେଭି-ଡ୍ୟୁଟି ଟ୍ରାକ୍ଟର ଉନ୍ମୋଚନ କରିଛି। ଏହି ଉନ୍ମୋଚନ ସହିତ କମ୍ପାନୀ ନିଜର ଭାରତର ସର୍ବୋତମ ଶ୍ରେଣୀର ଉତ୍ପାଦ ଶୃଙ୍ଖଳାକୁ ଉନ୍ନତ କରିବା ପାଇଁ ଉତ୍ସାହିତ ରହିଛି। ସୋନାଲିକାର ନୂଆ ରେଞ୍ଜର ଟ୍ରାକ୍ଟରଗୁଡିକୁ ୫ଟି ଇଞ୍ଜିନ ବିକଳ୍ପ ସହିତ ୟୁରୋପରେ ଡିଜାଇନ କରାଯାଇଛି ଯେଉଁଥିରେ ଶିଳ୍ପର ସର୍ବୋତ୍ତମ ଓ ସବୁଠାରୁ ବଡ ଇଞ୍ଜିନ (ସିଆର୍‌ଡିଏସ୍ ଓ ଏଚ୍‌ଡିଏମ୍+), ବିସ୍ତୃତ ଶୃଙ୍ଖଳାର ୫ଟି ଭିନ୍ନ ଭିନ୍ନ ମଲ୍ଟି-ସ୍ପିଡ୍ ଟ୍ରାନ୍ସମିଶନ ଏବଂ ୧୪୦ରୁ ଅଧିକ ଅଟୋ ସେଟିଙ୍ଗ ବିକଳ୍ପ ପ୍ରଦାନ କରୁଥିବା ୩ଟି ଭିନ୍ନ ଭିନ୍ନ ଆଡ୍ଭାନ୍ସଡ୍ ଓ ଇଂଟେଲିଜେଣ୍ଟ ୫ଜି ହାଇଡ୍ରୋଲିକ୍ସ ଭଳି ଫିଚର ସାମିଲ ରହିଛି। ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକର ଏହି ଉପଯୁକ୍ତ ସମ୍ମିଶ୍ରଣ କୃଷକଙ୍କ ପାଇଁ ସବୁଠାରୁ ଉନ୍ନତ ପ୍ରଦର୍ଶନ ପ୍ରଦାନ କରିବ କାରଣ ଏହା ସର୍ବୋତମ ଶ୍ରେଣୀର ଇନ୍ଧନ ଦକ୍ଷତା ହାସଲ କରୁଥିବା ଜିରୋ ଆର୍‌ପିଏମ୍ ଡ୍ରପ୍ ପ୍ରଦାନ କରୁଛି।




## ବେଦାନ୍ତ ମେଟାଲ୍ ବଜାରର ଶୁଭାରମ୍ଭ

**ଭୁବନେଶ୍ୱର,୧୩ା୨(ସମିସ):** ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ନିର୍ମାତା ମେଟାଲ ବଜାରର ଶୁଭାରମ୍ଭ କରିଛି, ଯାହା ପ୍ରାଥମିକ ଆଲୁମିନିୟମ ପାଇଁ ଏକ ଅଭିନବ ନୂଆ ଇ-ସୁପରଷ୍ଟୋର। ଏଥିରେ ୭୫୦ରୁ ଅଧିକ ପ୍ରକାର ଉତ୍ପାଦ ବିକ୍ରି କରାଯିବ। ଗ୍ରାହକଙ୍କ ସୁବିଧା ପାଇଁ ବେଦାନ୍ତ ଆଲୁମିନିୟମ ବେଦାନ୍ତ ମେଟାଲ ବଜାର ଆରମ୍ଭ କରିଛି। ଏଠାରୁ କ୍ରେତାମାନେ ଏକ ଅଭିନବ ଅନୁଭୂତି ଲାଭ କରିପାରିବେ। କମ୍ପାନୀ ସମଗ୍ର କ୍ରୟ ପ୍ରକ୍ରିୟାକୁ ସରଳ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହାର କ୍ରେତାମାନେ ଠିକ ସମୟରେ ବିତରଣ, ରିୟଲ ସମୟ ଏଆଇ ଆଧାରିତ ମୂଲ୍ୟ ଆବିଷ୍କାର ଓ ମେସାନଙ୍କ କ୍ରୟ ଉପରେ ଡେଲିଭରି ପର୍ଯ୍ୟନ୍ତ ସବୁ ପ୍ରକାର ସହାୟତା ପାଇପାରିବେ। ଗ୍ରାହକଙ୍କ ପାଇଁ ବ୍ୟବସାୟ କରିବାର ସହଜତାକୁ ବଢାଇବା ଉଦ୍ଦେଶ୍ୟରେ ବେଦାନ୍ତ ଆଲୁମିନିୟମ ବେଦାନ୍ତ ମେଟାଲ ବଜାର ଆରମ୍ଭ କରିଛି, ଆଲୁମିନିୟମ କ୍ରୟ ଅଭିଜ୍ଞତାକୁ ବୈପ୍ଳବିକ କରିବାକୁ ଏକ ଅଭିନବ-ବାଣିଜ୍ୟ ପ୍ଲାଟଫର୍ମ। ଏହା ସମଗ୍ର କ୍ରୟ ପ୍ରକ୍ରିୟାକୁ ସରଳ କରିବାକୁ ପ୍ରତିଜ୍ଞା କରିଛି, କ୍ରେତାମାନଙ୍କୁ ସେମାନଙ୍କ ବ୍ୟବସାୟ ଅଭିବୃଦ୍ଧି ଉପରେ ଧ୍ୟାନ ଦେବାରେ ସକ୍ଷମ କରିବ କାରବାର ମୂଲ୍ୟ ଏବଂ ଅର୍ଡର ପୂରଣ ପାଇଁ ଟ୍ରାଞ୍ଜାକସନ୍ ଫଲୋଅପ୍ ଏବଂ ଟ୍ରାକିଂ ଭ୍ୟାଗିରିରେ ସମୟ ନଷ୍ଟ କରିବା ଅପେକ୍ଷା ଆଲୁମିନିୟମ୍ ହେଉଛି ଆଜି ଦୁନିଆର ଦ୍ୱିତୀୟ ସର୍ବାଧିକ ଖର୍ଚ୍ଚ ହୋଇଥିବା ଧାତୁ।




### ପୁଣି ଅଦାଲତରେ ପହଞ୍ଚିଲା ଆଦାନୀ-ହିଣ୍ଡେନ୍‌ବର୍ଗ ମାମଲା

# ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ

**ନୂଆଦିଲ୍ଲୀ,୧୩ା୨(ଏଜେନ୍ସି)**

ଆମେରିକୀୟ ଶର୍ଟ ସେଲିଂ କମ୍ପାନୀ ହିଣ୍ଡେନ୍‌ବର୍ଗ ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କ ମଧ୍ୟରେ ଚାଲିଥିବା ବିବାଦ ଶେଷ ହେଉନାହିଁ। ଏହି ମାମଲା ଏବେ ପୁଣି ଥରେ କୋର୍ଟରେ ପହଞ୍ଚିଛି। ପୁଞ୍ଜିବଜାର ନିୟାମକ ଭାରତୀୟପ୍ରତିଭୂତି ବିନିମୟ ବୋର୍ଡ(ସେବି) କରିଥିବା ତଦନ୍ତକୁ ସବୁଜ ସଂକେତ ଦେଇଥିବା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଏକ ପୁର୍ନବିଚାର ଯାଚିକା ବା ରିଭ୍ୟୁ ପିଟିସନ୍ ଦାଖଲ କରାଯାଇଛି। ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ତ୍ରୁଟି ରହିଛି ଏବଂ ସେବିର ନିୟାମକ ବିଫଳତାକୁ ମଧ ଏଥିରେ ଉପେକ୍ଷା କରାଯାଇଥିବା ଆବେଦନକାରୀ ଏକ ନୂତନ ଆବେଦନରେ କହିଛନ୍ତି। ଆବେଦନକାରୀ ଅନାମିକା ଜୟସ୍ୱାଲ ଏହି ରିଭ୍ୟୁ ପିଟିସନ୍ ଦାଖଲ କରିଛନ୍ତି ।

ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ଜାନୁଆରୀ ୩ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ରାୟର ସମୀକ୍ଷା ପାଇଁ ପର୍ଯ୍ୟାପ୍ତ ଆଧାର ରହିଛି। ସୁପ୍ରିମକୋର୍ଟଙ୍କ କିଛି ସକାରାତ୍ମକ ବୟାନ ପରେ ବି ଆଦାନୀ ଗ୍ରୁପ ସିକ୍ୟୁରିଟିଜ ନିୟମର ଉଲ୍ଲଂଘନ କରିଛି କି ନାହିଁ, ସେ ନେଇ ସେବିର ତଦନ୍ତ ଜାରି ରହିଛି। ଆବେଦନକାରୀଙ୍କ କହିବା ଅନୁସାରେ ସେବି ନିଜ ରିପୋର୍ଟରେ କେବଳ ୨୪ ତଦନ୍ତର ସ୍ଥିତିକୁ ସପୂର୍ଣ୍ଣ କିମ୍ବା ଅସମ୍ପୂର୍ଣ୍ଣ ରୂପେ ସୂଚୀତ କରିଛି। ଯେ ପର୍ଯ୍ୟନ୍ତ ସେବିର ତଦନ୍ତର ନିଷ୍କର୍ଷକୁ ସାର୍ବଜାନୀନ ରୂପେ ରିପୋର୍ଟ କରାନଯାଇଛି, ସେପର୍ଯ୍ୟନ୍ତ ନିୟାମକ ବିଫଳ ହୋଇନାହିଁ ବୋଲି କୁହାଯାଇ ପାରିବନାହିଁ। ଉଲ୍ଲେଖଯୋଗ୍ୟ ଯେ ସୁପ୍ରମକୋର୍ଟ ତିନି ମାସ ଭିତରେ ତଦନ୍ତ ଶେଷ କରିବା ପାଇଁ ସେବିକୁ ନିର୍ଦ୍ଦେଶ ଦେଇଥିଲେ । ସେବି ନିଜ ରିପୋର୍ଟରେ କହିଥିଲା ଯେ ୨୪ ମଧ୍ୟରୁ ୨୨ଟି ତଦନ୍ତ ଶେଷ ହୋଇଛି ଏବଂ ୨ଟି ମାମଲାର ଯାଞ୍ଚ ଚାଲିଛି। ଗତ ବର୍ଷ ଜାନୁଆରୀ ମାସରେ ସର୍ଟ ସେଲର ହିଣ୍ଡନବର୍ଗ ରିସର୍ଚ୍ଚ ଏକ ରିପୋର୍ଟରେ ଆଦାନୀ ଗ୍ରୁପ ବିରୋଧରେ ଅନେକ ସଙ୍ଗୀନ ଅଭିଯୋଗ ଆଣିଥିଲା। ଆଦାନୀ ଗ୍ରୁପ ନିଜ ସେୟାର ମୂଲ୍ୟ ବଢାଇଥିବା ଅଭିଯୋଗ ହୋଇଥିଲା। ଏହି ରିପୋର୍ଟ ପରେ ଆଦାନୀ ଗ୍ରୁପର ସେୟାର ମୂଲ୍ୟରେ କଥିତ ରୂପେ ୧୦୦ ବିଲିୟନ ଡଲାର ହ୍ରାସ ଦେଖିବାକୁ ମିଳିଥିଲା । ଅନ୍ୟପଟେ ଆଦାନୀ ଗ୍ରୁପ ଏହି ରିପୋର୍ଟକୁ ମିଛ କହି ଖଣ୍ଡନ କରିଥିଲା ।







**ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

# କିଟ୍ ଚାମ୍ପିଅନ; ଉତ୍କଳ ରନର୍ସଅପ୍

**ଭୁବନେଶ୍ୱର, ୧୩।୨ (ସମିସ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ସପ୍ତାହେ ଧରି କଟକ ରେଭେନଶା ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ରାଜ୍ୟ ଆନ୍ତଃବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ ମିଟ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କ୍ରିକେଟ୍, ଫୁଟ୍‌ବଲ, ହକି, ଖୋ-ଖୋ, ବାସ୍କେଟବଲ, ଭଲିବଲ୍ ସମେତ ଇଣ୍ଡୋର କ୍ରୀଡ଼ାରେ ବ୍ୟାଡ୍‌ମିଣ୍ଟନ, ଟେବଲ୍ ଟେନିସ, ଚେସ୍, କ୍ୟାରମ ଆଦି ଖେଳ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟର ସରକାରୀ ଓ ବେସରକାରୀସ୍ତରରେ ୩୭ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ।



ଯେଉଁଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଭରଅଲ୍ ଚାମ୍ପିଅନ ହୋଇଥିବାବେଳେ ଉତ୍କଳ ରନର୍ସଅପ୍ ରହିଥିଲା। ୮ଟି କ୍ରୀଡ଼ାରେ କିଟ୍ ଦଳ ଚାମ୍ପିଅନ ଓ ୫ଟି କ୍ରୀଡ଼ାରେ ଉପବିଜେତା ହୋଇଥିଲା। ସେହିଭଳି ଉତ୍କଳ ୭ଟି ଲେଖାଏ କ୍ରୀଡ଼ାରେ ଚାମ୍ପିଅନ ଓ ରନର୍ସଅପ୍ ହେବାର ସୌଭାଗ୍ୟ ଲାଭ କରିଥିଲା। ପୁରୁଷ ଖୋ ଖୋ'ରେ କିଟ୍ ଚାମ୍ପିଅନ ଓ ରେଭେନଶା ରନର୍ସଅପ୍, ମହିଳା ଖୋ ଖୋ'ରେ ଉତ୍କଳ ଓ ଧରଣୀଧର (କେନ୍ଦୁଝର) ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ରହିଥିଲେ। ସେହିଭଳି ଉଭୟ ପୁରୁଷ ଓ ମହିଳା ଭଲିବଲ୍‌ରେ କିଟ୍ ଚାମ୍ପିଅନ ଓ ଉତ୍କଳ ରନର୍ସଅପ୍, ହକି ପୁରୁଷରେ ଉତ୍କଳ ଚାମ୍ପିଅନ ଓ ସମ୍ବଲପୁର ରନର୍ସଅପ୍ ଏବଂ ହକି ମହିଳାରେ ସମ୍ବଲପୁର ଓ କିଟ୍ ଯଥାକ୍ରମେ ପ୍ରଥମ ଓ ୨ୟ ସ୍ଥାନ ହାସଲ କରିଥିଲେ। ବାସ୍କେଟବଲ୍‌ରେ କିନ୍ତୁ ଉଭୟ ପୁରୁଷ ଓ ମହିଳାରେ ଉତ୍କଳ ଚାମ୍ପିଅନ ହୋଇ ବାଜିମାତ୍ କରିନେଇଥିଲା। କିଟ୍ ଉଭୟବର୍ଗରେ ଉପବିଜେତା ରହିଥିଲା। ପୁରୁଷ କ୍ରିକେଟ୍‌ରେ ଉତ୍କଳ ଚାମ୍ପିଅନ ଓ ଫକିର ମୋହନ ରନର୍ସଅପ୍ ଏବଂ ମହିଳାରେ କିଟ୍ ଓ ଉତ୍କଳ ଯଥାକ୍ରମେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିଲେ। ସେହିଭଳି ପୁରୁଷ କବାଡ଼ିରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଚାମ୍ପିଅନ, ବ୍ରହ୍ମପୁର ରନର୍ସ ଏବଂ ମହିଳାରେ ବ୍ରହ୍ମପୁର ଚାମ୍ପିଅନ ଓ କିଟ୍ ରନର୍ସ, ପୁରୁଷ ଫୁଟ୍‌ବଲରେ ସମ୍ବଲପୁର ଚାମ୍ପିଅନ ଓ ଉତ୍କଳ ରନର୍ସ ଏବଂ ମହିଳାରେ ଉତ୍କଳ ଚାମ୍ପିଅନ ଓ ସମ୍ବଲପୁର ରନର୍ସଅପ୍ ହୋଇଥିଲା। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ସିଏମ୍‌ସି ମେୟର ସୁବାସ ସିଂ, କମିସନର ସିଏମ୍‌ସି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପ୍ରଫେସର ଲୁନା ସାମନ୍ତ, ପ୍ରଫେସର ଧର୍ମବ୍ରତ ମହାପାତ୍ର, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ଡ. ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।

# ଡାକ ପାୱାର ସ୍ପୋର୍ଟ୍ସ: ଓଡ଼ିଶାକୁ ୫ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୨ (ସମିସ)**

ପୁଣେରେ ଅନୁଷ୍ଠିତ ସର୍ବଭାରତୀୟ ଡାକ ପାୱାର ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶା ଡାକ ମଣ୍ଡଳକୁ ଭଲ ସଫଳତା ମିଳିଛି। ବଡି ବିଲ୍ଡିଂ, ୱେଟ ଲିଫ୍ଟିଂ ଓ ପାୱାର ଲିଫ୍ଟିଂରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏଥର ଓଡ଼ିଶା ମଣ୍ଡଳକୁ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ବଡ଼ିବିଲ୍ଡିଙ୍ଗ୍ ବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସର୍ବାଧିକ ୩ଜଣଙ୍କୁ ସ୍ୱର୍ଣ୍ଣ ଓ ଜନ୍ମେଜୟ ମହାନ୍ତିଙ୍କୁ ରୌପ୍ୟ ପଦକ ମିଳିଛି। ଜନ୍ମେଜୟ ୭୫ କିଲୋଗ୍ରାମ୍‌ରେ ଏହି ସଫଳତା ପାଇଛନ୍ତି। ଏମାନଙ୍କ ବ୍ୟତୀତ ୬୫ କେଜି କାଟେଗୋରୀରେ ଭି. ଶ୍ରୀକାନ୍ତ, ୫୫ କେଜିରେ ଏସ୍. କ୍ରିଷ୍ଣା ରାଓ ଓ ୮୫ କେଜିରେ ବିଶ୍ୱଜିତ୍ ପ୍ରତିହାରୀଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ୱେଟଲିଫ୍ଟିଂ ବା ଭାରୋତ୍ତୋଳନରେ ୨ଟି ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ମିଳିଛି। ୫୫ କିଲୋଗ୍ରାମ କାଟେଗୋରୀରେ ପ୍ରଦୀପ କୁମାର ସାହୁ ଓ ୧୦୯ କେଜିରେ ଶିବରାମ ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୬୭ କେଜିରେ କାମେଶ୍ୱର ନାୟକ ଓ ୮୧ କେଜିରେ ବାପୁଜୀ ବିଶ୍ୱାଳଙ୍କୁ କାଂସ୍ୟ ପଦକ ମିଳିଛି। ପାୱାର ଲିଫ୍ଟିଙ୍ଗ୍‌ରେ ଗୋଟିଏ ପଦକ ମିଳିଛି। ବସନ୍ତ ମାଲେକା ୫୭ କେଜି ଶ୍ରେଣୀରେ ରୌପ୍ୟ ପଦକ ପାଇଛନ୍ତି।

## ଜନ୍ମେଜୟଙ୍କୁ ରେକର୍ଡ ପଦକ

ଓଡ଼ିଶାର ଖ୍ୟାତନାମା ବଡି ବିଲ୍ଡର ଜନ୍ମେଜୟ ମହାନ୍ତି ୭୫ କିଲୋଗ୍ରାମ୍ ଶ୍ରେଣୀରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୦୦୦ରୁ ୨୦୨୪ ଯାଏ ବଡି ବିଲ୍ଡିଂରେ ଭାଗନେଇଆସୁଥିବା ଜନ୍ମେଜୟ ୨୦୧୦ରେ ଡାକ ବିଭାଗରେ ଯୋଗ ଦେଇଥିଲେ। ସର୍ବଭାରତୀୟ ଡାକ ବିଭାଗ ପାୱାର ସ୍ପୋର୍ଟ୍ସର ବଡି ବିଲ୍ଡିଂରେ ସେ ସର୍ବାଧିକ ୧୪ଟି ପଦକ ଜିତି ରେକର୍ଡ କରିଛନ୍ତି। ଏହା ମଧ୍ୟରେ ୪ଥର ଡାକଶ୍ରୀ ହେବା ସହ ୧୩ଥର ସ୍ୱର୍ଣ୍ଣପଦକ ଜିତିଛନ୍ତି।


ଜନ୍ମେଜୟ ମହାନ୍ତି


ଭି. ଶ୍ରୀକାନ୍ତ

● ରସେଲ-ରଦରଫୋର୍ଡଙ୍କ ବିଶ୍ୱ ରେକର୍ଡ ଭାଗୀଦାରି

# ଶେଷ ଟି-୨୦ ଜିତିଲା ୱେଷ୍ଟଇଣ୍ଡିଜ୍

**ପର୍ଥ, ୧୩।୨(ଏଜେନ୍ସି):** ଆନ୍ଦ୍ରେ ରସେଲ ଓ ସେର୍ଫାନ ରଦରଫୋର୍ଡଙ୍କ ୬ଷ୍ଠ ୱିକେଟ ଭାଗୀଦାରିରେ ୧୩୯ ରନ୍‌ର ବିଶ୍ୱରେକର୍ଡ ରନ୍ ସଂଗ୍ରହ ଫଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୭ ରନ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୨-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ମାତ୍ର ୨୯ଟି ବଲ୍‌ରୁ ୪ ଚୌକା ଓ ୭ ଛକା ସହ ୭୧ ରନ୍ କରିଥିବା ରସେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ରଦରଫୋର୍ଡ ୪୦ ବଲ୍‌ରେ ୫ଟି ଲେଖାଏଁ ଚୌକା ଓ ଛକା ସହ ୬୭ ରନରେ ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ୪୯ ବଲ୍‌ରୁ ୮୧ ରନ୍ ସହ ମୋଟ ୧୭୩ ରନ୍ କରିଥିବା ଅଷ୍ଟ୍ରେଲିଆର ଓପନର ଡେଭିଡ୍ ୱାର୍ଣ୍ଣରଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରହିଥିଲା। କିନ୍ତୁ ଅଷ୍ଟ୍ରେଲିଆ ୩-୦ରେ ଦିନିକିଆ ସିରିଜ୍ ମୂଳପୋଛ କରିଥିଲା।

# ଶମାର ଜାନୁଆରୀର ଶ୍ରେଷ୍ଠ କ୍ରିକେଟର

**ଦୁବାଇ,୧୩।୨(ଏଜେନ୍ସି):** ୨୪ ବର୍ଷୀୟ ଦ୍ରୁତ ବୋଲର ଶମାର ଯୋଶେଫ୍ ୱେଷ୍ଟଇଣ୍ଡିଜର ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେ ଜାନୁଆରୀର ଶ୍ରେଷ୍ଠ ପୁରୁଷ କ୍ରିକେଟର ଓ ଆୟର୍ଲାଣ୍ଡର ଏମି ହଣ୍ଟର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଯୋଶେଫ୍ ଜାନୁଆରୀ ୧୭ରେ ଆଡିଲେଡ୍ ଟେଷ୍ଟରେ ପଦାର୍ପଣ କରିଥିଲେ। ଗାବାରେ ଅନୁଷ୍ଠିତ ଟେଷ୍ଟରେ ସେ ଦ୍ୱିତୀୟ ପାଳିରେ ୭ ୱିକେଟ ନେଇ ୱେଷ୍ଟଇଣ୍ଡିଜକୁ ପରାଜୟରୁ ଉଦ୍ଧାର କରି ବିଜୟୀ କରାଇଥିଲେ। ଅନ୍ୟପଟେ ୧୮ ବର୍ଷୀୟ ବିସ୍ଫୋରକ ୱିକେଟକିପର ବ୍ୟାଟର ହଣ୍ଟର ଗତ ମାସରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

# ଦ୍ୱିତୀୟ ଟେଷ୍ଟରେ ଦ. ଆଫ୍ରିକା ୨୨୦/୬

**ହାମିଲଟନ୍,୧୩।୨(ଏଜେନ୍ସି):** ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୬ ୱିକେଟ ହରାଇ ୨୨୦ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଆଡି ଡି ସ୍ୱାର୍ଟ ୫୫ ଓ ଶନ୍ ଭନ୍ ବେର୍ଗ ୩୪ ରନକରି ଅପରାଜିତ ରହିଛନ୍ତି। ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ଦଳ ନିୟମିତ ବ୍ୟବଧାନରେ ୱିକେଟମାନ ହରାଇଥିଲା। ଅଧିନାୟକ ତଥା ଓପନର ନିଲ ବ୍ରାଣ୍ଡ ୨୫, ରେନାର୍ଡ ଭାନ୍ ଟୋଣ୍ଡେର ୩୨, ଜୁବେର ହମ୍‌ଜା ୨୦, ଡେଭିଡ ବେଡିଂହାମ୍ ୩୯ ଓ କିଗାନ ପିଟରସନ ୨ ରନକରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସ୍ପିନ ଅଲରାଉଣ୍ଡର ରଚିନ ରବିନ୍ଦ୍ର ୩, ମ୍ୟାଟ ହେନେରୀ, ୱିଲିୟମ ଓ'ରାଉର୍କ ଓ ନିଲ ୱାଗନର ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୨୮୨ ରନରେ ବିଜୟୀ ହୋଇ ନ୍ୟୁଜିଲାଣ୍ଡ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଥିଲା।

ସିକେ ନାଇଡୁ ଟ୍ରଫି: ଅନିଲଙ୍କ ଶତକ; ବାଦଲଙ୍କ ପ୍ରଭାବୀ ବୋଲିଂ

# ପ୍ରଥମ ବିଜୟ ନିକଟତର ଓଡ଼ିଶା

**କଟକ,୧୩।୨(ସମିସ):** ଗୌହାଟୀର ଅମିନଗାଁଓ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ନିମନ୍ତେ ବିଜୟ ସୁଯୋଗ ରହିଛି। ଅଧିନାୟକ ଅନିଲ ପରିଡ଼ାଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ପ୍ରଥମ ପାଳିରେ ୧୫୦ ରନର ଅଗ୍ରଣୀ ହାସଲ କରିଛି। ଅନ୍ୟପକ୍ଷରେ ଘରୋଇ ଆସାମ ଦ୍ୱିତୀୟ ପାଳିରେ ମଧ୍ୟ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଛି। ପ୍ରକାଶଯୋଗ୍ୟ, ଆସାମର ପ୍ରଥମ ପାଳି ୨୨୩ ରନରେ ସୀମିତ ରହିଥିଲା। ଜବାବରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୩୭୩ ରନ କରିଥିଲା। ଅନିଲ ୨୫୭ବଲରୁ ୧୩୬ ରନର ଶତକୀୟ ପାଳି ଖେଳିଥିଲେ। ଶାଶ୍ୱତ ୬୩ ରନରେ ଆଉଟ ହେବାପରେ ଓଡ଼ିଶାର ନିମ୍ନକ୍ରମର ବ୍ୟାଟର ଅଧିକ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଆସାମ ମ୍ୟାଚ୍‌ର ୩ୟ ଦିବସ ତଥା ମଙ୍ଗଳବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ବିନିମୟରେ ୧୫୦ ରନ କରିଛି। ବୁଧବାର ସକାଳେ ଅବଶିଷ୍ଟ ୩ ୱିକେଟ ଖୁବଶୀଘ୍ର ଦଖଲ କରି ଓଡ଼ିଶା ସହଜ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ପାଳିରେ ୫ ୱିକେଟ ହାସଲ କରିଥିବା ବାଦଲ ବିଶ୍ୱାଳ ଦ୍ୱିତୀୟ ପାଳିରେ ମଧ୍ୟ ୪ଟି ୱିକେଟ ଅକ୍ତିଆର କରିଛନ୍ତି।

● ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

# ପପୁଲାର, କିଟ୍-କିସ୍, ଫାଓ ବିଜୟୀ

**କଟକ,୧୩।୨(ସମିସ):** କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍(୧୩ବର୍ଷରୁ କମ୍ ବୟସ ବର୍ଗ)ରେ ମଙ୍ଗଳବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପପୁଲାର କ୍ଲବ, କିଟ-କିସ ଏବଂ ଫାଓ ଏକାଡେମୀ ବିଜୟ ହାସଲ କରିଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ପପୁଲାର କ୍ଲବ ୩-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ହରାଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ କିଟ୍-କିସ୍ ଦଳ ୪-୦ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରିଛି। ବିଡ଼ାନାସୀ କ୍ଲବ ବିପକ୍ଷ ମ୍ୟାଚରେ ଫାଓ ଏକାଡେମୀ ସହଜ ବିଜୟ ହାସଲ କରିଥିଲା। ଫାଓ ୮-୧ ଗୋଲରେ ଏହି ମ୍ୟାଚ୍‌କୁ ଜିତିଥିଲା। ଫାଓ ଏକାଡେମୀ ପକ୍ଷରୁ ଅଧିନାୟିକା ସାକ୍ଷୀ ପଟେଲ ସର୍ବାଧିକ ୪ଟି ଗୋଲ ଦେଇଥିଲେ।

# MATRIC MATE

BSE ODISHA MATRIC EXAM-2024





**SUBJECT : FLO**

PROBABLE QUESTION PAPER

## OBJECTIVE

୧. ଉଷାଙ୍କ ନିର୍ଦ୍ଦେଶରେ କିଏ ନୃତ୍ୟ କରୁଥିଲା ?
(କ) ସମୀର (ଖ) ସୁରଭି (ଗ) କୁମ୍ଭାଟୁଆ (ଘ) ମୟୂର

୨. କବିତାରେ ବାଲ୍ମୀକି ଆଶ୍ରମର କେଉଁ ସମୟର ଦୃଶ୍ୟ ବର୍ଣ୍ଣିତ।
(କ) ଅପରାହ୍ନ ସମୟର (ଖ) ସନ୍ଧ୍ୟାକାଳୀନ (ଗ) ପ୍ରାତଃକାଳୀନ(ଙ) ରାତ୍ରିକାଳୀନ

୩. ବାଲ୍ମୀକି ଆଶ୍ରମ ନିକଟରେ କେଉଁ ନଦୀ ପ୍ରବାହିତ ହେଉଥିଲା ?
(କ) ଯମୁନା (ଖ) ତମସା (ଗ) ପ୍ରାଚୀ (ଙ) ଗଙ୍ଗା

୪. "ବନ୍ଧନହରା" କବିତାରେ ଦେଶ କାହା ଦ୍ୱାରା ଶତଖଣ୍ଡିତ ହୋଇଥିବା କୁହାଯାଇଛି ?
(କ) ଜାତି-ଉପଜାତି (ଖ) ଅଭାବ ଅନଟନ (ଗ) ପୀଡନର ପରବତ (ଙ) ରାଜନେତା

୫. ମରୁପଥର କଣ ସୃଜି ଯାତ୍ରା କରିବା ପାଇଁ କବି ବନ୍ଧନହରାକୁ ଆହ୍ୱାନ ଦେଇଛନ୍ତି ?
(କ) ଉଦ୍ୟାନ (ଖ) ଜଳାଶୟ (ଗ) ନିର୍ଝର (ଙ) ପାନ୍ଥଶାଳା

୬. ପଠିତ 'ଜାଗ ବନ୍ଧନହରା' କବିତାର କବି କିଏ ?
(କ) ସଚ୍ଚିଦାନନ୍ଦ ରାଉତରାୟ (ଖ) ଅନନ୍ତ ପଟ୍ଟନାୟକ
(ଗ) ବିଦ୍ୟୁତ୍‌ପ୍ରଭା ଦେବୀ (ଙ) ସନ୍ଥକବି ଭୀମଭୋଇ

୭. ନିଜର ଭାଷା କେଉଁପରି ଦରକାର ବୋଲି ପ୍ରାବନ୍ଧିକଙ୍କ ମତ ?
(କ) ଅନ୍ତବସ୍ତ୍ର ପରି (ଖ) ଦୈନନ୍ଦିନ ନିତ୍ୟକର୍ମ ପରି
(ଗ) ଅତ୍ୟନ୍ତ ଆବଶ୍ୟକତା ପରି (ଘ) ଅନ୍ତରକୁ ଛୁଇଁବା ପରି

୮. ବୈଦେଶି ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବାପାଇଁ କିଏ ଡାକରା ଦେଇଥିଲେ ?
(କ) ସୁଭାଷଚନ୍ଦ୍ର ବୋଷ (ଖ) ଗାନ୍ଧିଜୀ (ଗ) ଲାଲାଲଜପତ୍ ରାୟ (ଘ) ବକ୍ସି ଜଗବନ୍ଧୁ

୯. ହିନ୍ଦୀକୁ କେଉଁ ଭାଷା କରିବାପାଇଁ ଗାନ୍ଧିଜୀଙ୍କ ଡାକରା ଥିଲା ?
(କ) ଆଦ୍ୟଭାଷା (ଖ) ସ୍ୱାଧିନତା ଆନ୍ଦୋଳନର ସାଧାରଣ ଭାଷା
(ଗ) ସମସ୍ତ ରାଜ୍ୟର ଆଞ୍ଚଳିକ ଭାଷା (ଘ) କେନ୍ଦ୍ରଭାଷା

୧୦.କେଉଁ ଭାଷାକୁ ମାତୃଭାଷାର ମାନ୍ୟତା ଦେବାପାଇଁ ଗାନ୍ଧିଜୀଙ୍କ ଡାକରା ଥିଲା ?
(କ) ହିନ୍ଦୀକୁ (ଖ) ଇଂରେଜୀକୁ
(ଗ) ରାଜ୍ୟଗୁଡିକର ରାଜ୍ୟଭାଷା (ଘ) ମାଆମାନେ କଥାବର୍ତ୍ତା କରୁଥିବା ଭାଷାକୁ

୧୧.ଗାନ୍ଧିଜୀ ମାତୃଭାଷାକୁ କାହାପରି ମୂଲ୍ୟବାନ ମନରେକରୁଥିଲେ ?
(କ) ମାତୃସ୍ତନ୍ୟ ପରି (ଖ) ନିଜର ଅଙ୍ଗପରି
(ଗ) ଏକାନ୍ତ ନିଜର ପରି (ଘ) ଅନାବଶ୍ୟକ ଭାଷାପରି

୧୨.ମଧୁସୂଦନ ରାଓଙ୍କର "ହେ ଆନନ୍ଦମୟ କୋଟି ଭୁବନ ପାଳକ" କବିତା କେଉଁ ଛନ୍ଦରେ ରଚିତ ?
(କ) ଗୁଜ୍ଜରୀ (ଖ) ଦଣ୍ଡି (ଗ) ବଙ୍ଗଳାଶ୍ରୀ (ଘ) ଶଙ୍କରାଭରଣ

୧୩.କବିତାରେ ଯେଉଁ ଶବ୍ଦ ଏକାଧିକ ଅର୍ଥ ପ୍ରକାଶ କରୁଥାଏ, ତାହାକୁ କଣ କୁହାଯାଏ ?
(କ) ଉପମା (ଖ) ଶ୍ଳିଷ୍ଟପଦ (ଗ) ଭଙ୍ଗାଭଙ୍ଗ (ଘ) ଅର୍ଥାଳଙ୍କାର

୧୪."ଶ୍ଳେଷ ଅଳଙ୍କାର" କେତେ ପ୍ରକାରର ?
(କ) ତିନି (ଖ) ପାଞ୍ଚ (ଗ) ସାତ (ଘ) ଦୁଇ

୧୫.କବିତା ମଧ୍ୟରେ ଯାହାକୁ ତୁଳନା ଦିଆଯାଇନଥାଏ ତାହକୁ କଣ କୁହାଯାଏ ?
(କ) ଉପମା (ଖ) ଯମକ (ଗ) ଉପମେୟ (ଘ) ଅଭଙ୍ଗ ଶ୍ଳେଷ

୧୬.ମିତ୍ରାକ୍ଷର ଛନ୍ଦକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
(କ) ତିନି (ଖ) ଦଶ (ଗ) ଆଠ (ଘ) ଦୁଇ

୧୭.କବିତା ବା ପଦ୍ୟଗୁଡିକରେ ପଦର ପ୍ରତ୍ୟେକ ପଙ୍‌କ୍ତିକୁ କଣ କୁହାଯାଏ ?
(କ) ଯତି (ଖ) ଛନ୍ଦ (ଗ) ଅଳଙ୍କାର (ଘ) ପାଦ

୧୮.ଦାଣ୍ଡିବୃତ୍ତର ନିୟମାନୁଯାୟୀ ଗୋଟିଏ ପଦର କେତୋଟି ପାଦ ଥାଏ ?
(କ) ଚାରିଟି (ଖ) ଦୁଇଟି (ଗ) ଛଅଟି (ଘ) ଗୋଟିଏ

୧୯.ନଟବାଣୀ ଛନ୍ଦରେ ରଚିତ କବିତା ଗୁଡିକ କେତୋଟି ପାଦରେ ଗୋଟିଏ ପଦ ?
(କ) ଦୁଇଟି (ଖ) ତିନୋଟି (ଗ) ଚାଟିଟି (ଘ) ଛଅଟି

୨୦.ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ ଗଛର ଗାଛିକ କିଏ ?
(କ ନନ୍ଦିନୀ ଶତପଥୀ (ଖ) ଭୁବନେଶ୍ୱର ବେହେରା
(ଗ) ରବି ପଟ୍ଟନାୟକ (ଘ) ବସନ୍ତ କୁମାର ଶତପଥୀ

୨୧.ସରକାରୀ ବସ୍‌ଟି ଛାଡିଦେବା ପରେ ନଟବରବାବୁ ପଛ ବସ୍ ଧରି କେଉଁଠାରେ ଓହ୍ଲାଇଲେ ?
(କ) ଭୁବନେଶ୍ୱରରେ (ଖ) ପୁଲ ନଖରାରେ (ଗ) ନିମାପଡାରେ (ଘ) ମାଣିକପାଟଣାରେ

୨୨. ହରିଗୁଡିଆ ତାର ପାନ ଜଳଖିଆ ଦୋକାନ କେଉଁ ଗଛତଳେ କରିଥିଲା ?
(କ) ବରଗଛ (ଖ) ଅଶ୍ୱତ୍ଥ ଗଛ (ଗ) ବେଲଗଛ (ଘ) ଚାକୁଣ୍ଡା ଗଛ

୨୩.ହରିଗୁଡିଆର ଚାଳିଆର କାନ୍ଥ କେଉଁଥିରେ ତିଆରି ହୋଇଥିଲା।
(କ) ଇଟାରେ (ଖ) ମାଟିରେ (ଗ) ତାଳପତ୍ରରେ (ଘ) ଝାଟିମାଟିରେ

୨୪.ନଟବରବାବୁଙ୍କ ଧାରଣାରେ ମଣିଷ ଜାତିଟା ସବୁବେଳେ କଣ ଅଟେ ?
(କ) ବିଶ୍ୱସ୍ତ (ଖ) ସାହାସୀ (ଗ) କୃତଜ୍ଞ (ଘ) ଅକୃତିଜ୍ଞ

୨୫.ଗାଁ ମୁଣ୍ଡରେ କାହାର ବାଉଁଶବାଡି ?
(କ) ମଧୁ ତିଆଡୀ (ଖ) ମଧୁ ଷଡଙ୍ଗୀ (ଗ) ବନ୍ଧୁ ତିଆଡୀ (ଘ) ବନ୍ଧୁ ଷଡଙ୍ଗୀ

୨୬.ଆମ ଦେଶରେ ଇଂରେଜୀ ଶିକ୍ଷା କେତେ ବର୍ଷ ଧରି ଚାଲିଥିଲା ?
(କ) ୧୦୦ ବର୍ଷ (ଖ) ୨୦୦ ବର୍ଷ (ଗ) ୧୫୦ ବର୍ଷ (ଘ) ୫୦ ବର୍ଷ

୨୭.ଅନ୍ନଦାଶଙ୍କର ରାୟଙ୍କ ଜନ୍ମସ୍ଥାନ କେଉଁଠାରେ ?
(କ) କଟକରେ (ଖ) ବଙ୍ଗଳାରେ (ଗ)ଢ଼େଙ୍କାନାଳରେ (ଘ) ଭୁବନେଶ୍ୱରରେ

୨୮.ମାତୃଭାଷା ସଂପର୍କରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଦୃଷ୍ଟିକୋଣ କିପରି ଥିଲା ?
(କ) ବାସ୍ତବ (ଖ) ଅବାସ୍ତବ (ଗ) ଉନ୍ନତିମୂଳକ (ଘ) ସଂପୂର୍ଣ୍ଣ ପ୍ରାକୃତିକାଳ

୨୯.ଗାନ୍ଧିଜୀଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷାପ୍ରତି ମମତା ନାହିଁ ତାକୁ କଣ କୁହାଯାଇପାରେନା ?
(କ) ମାତୃଭକ୍ତ (ଖ) ପିତୃଭକ୍ତ (ଗ) ଦେବଭକ୍ତ (ଘ) ଦେଶଭକ୍ତ

୩୦.କେଉଁମାନେ ମାତୃଭାଷାପ୍ରତି ଉଦାସୀନ ହେବାଯୋଗୁଁ ମାତୃଭାଷାର ଅଗ୍ରଗତି ଅସମ୍ଭବ ହେଲା ?
(କ) ଅଜ୍ଞାନ (ଖ) ଜ୍ଞାନୀ (ଗ) ଜ୍ଞାନୀ, ପଦସ୍ଥ (ଘ) ବଡବଡିଆ

୩୧."ମାଆ ଗୋ, ମୋ ମାନସରେ ନଥିଲା ଆଶା"।
ଏଠାରେ "ମୋ' ମାନସ କହିଲେ କାହାର ମନକଥା ବୁଝାଉଛି ?
(କ) ତମସା (ଖ) ଉଷା (ଗ) ତାପସକନ୍ୟା (ଘ) ଅନୁକମ୍ପା

୩୨.କିଏ ଉଟଜବାସିନୀ ତାପସକନ୍ୟାମାନଙ୍କ ଆଦରର ଯାତ୍ରୀ ଥିଲେ ?
(କ) ଅନୁକମ୍ପା (ଖ) ଉଷା (ଗ) ସୀତା (ଘ) ତମସା

୩୩.କାହାର କୋମଳ ପାଦ ଜ୍ୟୋତି ଆହରଣ କରିଛି ବୋଲି ବର୍ଣ୍ଣନା କରାଯାଇଛି ?
(କ) ଉଷା (ଖ) ଅନୁକମ୍ପା (ଗ) ତମସା (ଘ) ସୂର୍ଯ୍ୟ

୩୪.ବନାନୀ, ଶୈଳ ସହିତ ଆଉ କଣ ଲଘିଂବାକୁ କବି ଆହ୍ୱାନ ଦେଇଛନ୍ତି ?
(କ) ନଦୀ (ଖ) ମହା ସମୁଦ୍ର (ଗ) ସାଗର (ଘ) ଦୁଃଖ

୩୫.କଣ ଭାଙ୍ଗିଦେବାକୁ କବି କହିଛନ୍ତି ?
(କ) ପର୍ବତ (ଖ) ବିଭେଦର ପ୍ରାଚୀର (ଗ) ଅପମାନ (ଘ) ତିମିରକାରା

୩୬.କଣ୍ଟକ କେଉଁଠାରେ ଶିର ଟେକିଛି ବୋଲି କବି କହିଛନ୍ତି ?
(କ) ଲଟାବୁଦାରେ (ଖ) ସନ୍ଧାନ ପଥରେ (ଗ) ପଥପାର୍ଶ୍ୱରେ (ଘ) ବାଡରେ

୩୭.ଯଥା, ତଥା, ପରି ପ୍ରଭୃତି ଶବ୍ଦକୁ କଣ କୁହନ୍ତି ?
(କ) ଶ୍ଳିଷ୍ଟ ପଦ (ଖ) ଉପମାବାଚକ ଶବ୍ଦ (ଗ) ଉପମେୟ (ଘ) ଉପମାନ

୩୮.ଉପମାନ ଓ ଉପମେୟ ମଧ୍ୟରେ କେଉଁଟି ବହୁଗୁଣ ବିଶିଷ୍ଟ ବସ୍ତୁ ଅଟେ ?
(କ) ଉପମେୟ (ଗ) ଉପମାନ (ଖ) ଉଭୟ (ଘ) କେଉଁଟି ନୁହେଁ

୩୯.ସାରଳା ଦାସଙ୍କ "ମହାଭାରତ' କେଉଁ ଛନ୍ଦରେ ରଚିତ ?
(କ) ନଟବାଣୀ (ଖ) ଗୁଜ୍ଜରୀ (ଗ) ଦାଣ୍ଡିବୃତ୍ତ ବା ଛନ୍ଦ (ଘ) ବଙ୍ଗଳାଶ୍ରୀ

୪୦.ଚୋଖି ଛନ୍ଦର ୩ୟ ପାଦର ଅକ୍ଷର ସଂଖ୍ୟା କେତେ ?
(କ) ୧୩ (ଖ) ୨୯ (ଗ) ୦୯ (ଘ) ୧୪

## SUBJECTIVE

୧. ମାତୃଭାଷା ଶିକ୍ଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚୟାକ - ଆଲୋଚନା କର।
କିମ୍ବା ମାତୃଭାଷାର ପ୍ରସାର ପାଇଁ ପ୍ରାବନ୍ଧିକ ଯେଉଁ ଚିନ୍ତନ ପ୍ରୟାସ କରିଛନ୍ତି, ତାହା ପଠିତ ପ୍ରବନ୍ଧକୁ ଭିତ୍ତିକରି ବିଶ୍ଳେଷଣ କର।

୨. ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ ଯୋଗୁଁ ଏକ ପରଶଂସାରେ
କିମ୍ବା ଶୁଭ୍ର ସଉରଭ ରସିକେ
ଶୁଭ - ସମ୍ପାଦିନୀ ହୁଅ ରଘୁବଂଶିକେ।

୩. ସପ୍ରସଙ୍ଗ ସରଳାର୍ଥ ଲେଖ।
(କ) ଭିନ୍ନ କରି ସେ ତନ୍ଦ୍ରା ପରଶ
ହସାଅ ଭୁବନ ସାରା
କିମ୍ବା
ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା

୪. ତୁମ ବିଦ୍ୟାଳୟର ବାର୍ଷିକ ଉତ୍ସବ କିପରି ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ।
କିମ୍ବା ତୁମେ ଯାଇଥିବା ବଣଭୋଜିର ଅନୁଭୂତି ବର୍ଣ୍ଣନା କରି ସାନଭାଇ ନିକଟକୁ ପତ୍ର ଲେଖ।

ଉତ୍ତର: ୧ (ଖ), ୨ (ଗ), ୩ (ଖ), ୪ (କ), ୫ (ଗ), ୬ (ଖ), ୭ (କ), ୮ (ଖ), ୯ (ଘ), ୧୦ (ଗ), ୧୧ (କ), ୧୨ (ଘ), ୧୩ (ଖ), ୧୪ (କ), ୧୫ (ଗ), ୧୬ (କ), ୧୭ (ଘ), ୧୮ (ଖ), ୧୯ (କ), ୨୦ (ଗ), ୨୧ (ଖ), ୨୨ (ଘ), ୨୩ (ଘ), ୨୪ (ଘ), ୨୫ (ଘ), ୨୬ (ଗ), ୨୭ (ଖ), ୨୮ (ଘ), ୨୯ (ଗ), ୩୦ (ଗ), ୩୧ (କ), ୩୨ (ଗ), ୩୩ (କ), ୩୪ (ଗ), ୩୫ (ଘ), ୩୬ (ଖ), ୩୭ (ଖ), ୩୮ (ଗ), ୩୯ (ଗ), ୪୦ (ଗ)।

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
SARASWATI VIDYA MANDIR
Neelakantha Nagar, Berhampur, GM.



## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେଇପାରନ୍ତି।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ମଜଭୁତ ହେବ। ଉଧାର ଧନ ଫେରିପାଇବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନପ୍ରାପ୍ତି ଯୋଗ ରହିଛି। ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସରେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିପାରେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ଆୟ ଅନୁସାରେ ବ୍ୟୟ ହେବ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଘରକୁ ଅତିଥିଙ୍କ ଆଗମନ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଦାନଧର୍ମ କରନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଆୟ ଅନୁସାରେ ବ୍ୟୟ ହେବ। ମହିଳା ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ। ଦୂର ସ୍ଥାନ ଯାତ୍ରା କରିପାରନ୍ତି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ସାମାଜିକ ଓ ଧାର୍ମିକ ସମାବେଶରେ ସମୟ ଅତିବାହିତ ହେବ।

## ଆଜିର ଘଟଣା

- ୧୬୬୩- କାନାଡ଼ା ଫ୍ରାନ୍ସର ଏକ ପ୍ରାନ୍ତ ହେଲା।
- ୧୮୭୬- ଆଲେକ୍ଜାଣ୍ଡାର ଗ୍ରାହମବେଲ୍ ଟେଲିଫୋନ୍ର ପେଟେଣ୍ଟ ପାଇଁ ଆବେଦନ କଲେ।
- ୧୯୨୦- ସିକାଗୋରେ ମହିଳା ମତଦାତା ଲିଗ୍ ସ୍ଥାପନା।
- ୨୦୦୫- ଭିଡିଓ ସେୟାରିଂ ୱେବ୍ସାଇଟ୍ ୟୁଟ୍ୟୁବ୍ର ଆରମ୍ଭ ହେଲା।
- ୨୦୧୯ - ଜମ୍ମୁକଶ୍ମୀରର ପୁଲୱାମାରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣରେ ୪୦ ଯବାନ ସହିଦ।



# ଜ୍ଞାନପ୍ରଦାୟିନୀ ମା' ସରସ୍ୱତୀ

ଆଜି ପବିତ୍ର ଶ୍ରୀପଞ୍ଚମୀ। ମା' ସରସ୍ୱତୀଙ୍କୁ ଆରାଧନାର ଦିନ। ଧରାପୃଷ୍ଠକୁ ଅବତରଣ କରିଛନ୍ତି ବିଦ୍ୟାଦାତ୍ରୀ ମା' ସରସ୍ୱତୀ। ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ମା' ସରସ୍ୱତୀଙ୍କୁ ପୁରପଲ୍ଲୀରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକରେ ପୂଜାର୍ଚ୍ଚନା କରାଯାଏ।। ମା'ଙ୍କ ଆଗମନକୁ ନେଇ ସବୁଠି ଉତ୍ସାହ। ବସନ୍ତ ଋତୁରେ ଏହି ପର୍ବ ପଡୁଥିବାରୁ ଏହାକୁ ବସନ୍ତ ପଞ୍ଚମୀ କୁହାଯାଏ। ହିନ୍ଦୁଧର୍ମରେ ସରସ୍ୱତୀଙ୍କୁ ଜ୍ଞାନର ଦେବୀ ବୋଲି ଅଭିହିତ କରାଯାଏ। ସେ ଜ୍ଞାନ, ବୁଦ୍ଧି, ବିବେକ, ବିଦ୍ୟାର ଉତ୍ସ ବା ପ୍ରକାଶରୂପ। ସେ ହେଉଛନ୍ତି ବାକ୍ୟର ଦେବୀ ବାଗ୍ଦେବୀ, ବାଣୀ, ଶାରଦା। ଆଦ୍ୟାଶକ୍ତିଙ୍କର ମା' ସରସ୍ୱତୀ, ମା' ଲକ୍ଷ୍ମୀ ଓ ମା' କାଳୀ ତିନୋଟି ସ୍ୱରୂପ। ମାଘ ଶୁକ୍ଳ ପଞ୍ଚମୀରେ ଆଦ୍ୟାଶକ୍ତି ମହାସରସ୍ୱତୀ ସ୍ୱତନ୍ତ୍ର ରୂପରେ ପୂଜା ପାଇଥାନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହି ପବିତ୍ର ଦିନଟିକୁ ବେଶ୍ ଧୁମ୍ଧାମ୍ରେ ପାଳନ କରାଯାଇଥାଏ। ମା' ସରସ୍ୱତୀଙ୍କ ପୂଜାରେ କ୍ଷୀର, ଦହି, ଫୁଲ, ଚନ୍ଦନ, ଆଖୁ, ଧଳା ବସ୍ତ୍ର, ଧଳାମାଳି ଅଳଙ୍କାର,ଅଦା, ଅଁଳା, ଘିଅ, ନଡ଼ିଆ ଅର୍ପଣ କରାଯାଏ। ମା'ଙ୍କ ପୂଜା ଅର୍ଚ୍ଚନା ଓ ପୁଷ୍ପାଞ୍ଜଳି ସରିବା ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଉପବାସ ରହିଥାନ୍ତି। ଏହି ଦିନ ମା' ଶୁକ୍ଳ ବସ୍ତ୍ର ପରିଧାନ କରି ରତ୍ନ ବିଭୂଷିତ କୁଣ୍ଡଳ ଧାରଣ କରି, ହସ୍ତରେ ବୀଣା ଓ ପୁସ୍ତକ ଧରି ପଦ୍ମାସନରେ ଶ୍ୱେତ ପଦ୍ମ ଉପରେ ବିରାଜମାନ ହୋଇଥାନ୍ତି। ମା'ଙ୍କ ଆଶୀର୍ବାଦ ପ୍ରାପ୍ତି ନିମିତ୍ତ ବିଦ୍ୟାର୍ଥୀ ପୁସ୍ତକ ଓ କଲମ ମା'ଙ୍କ ନିକଟରେ ରଖି ପୂଜା କରିଥାନ୍ତି। ବସନ୍ତ ପଞ୍ଚମୀ ଦିନକୁ ଛୋଟ ପିଲାଙ୍କ ବିଦ୍ୟାରମ୍ଭ ପାଇଁ ଏକ ପବିତ୍ର ଦିନ ବୋଲି କୁହାଯାଏ। ଓଡ଼ିଶାର ଘରେଘରେ ପାରମ୍ପରିକ ଭାବେ ଏହି ନିଆରା ବିଧି ପାଳନ ହୁଏ। ଏହି ବିଦ୍ୟାରମ୍ଭ ଉତ୍ସବକୁ ଖଡ଼ି ଛୁଆଁ କୁହାଯାଏ। ସରସ୍ୱତୀ ହାତରେ ବୀଣା ଧରିଥିବାରୁ ତାଙ୍କର ଅନ୍ୟନାମ ବୀଣାପାଣି। ବିଦ୍ୟା ସରସ୍ୱତୀଙ୍କର ସ୍ୱରୂପ ଓ ଶକ୍ତି। ତାଙ୍କ କରୁଣା ବିନା ସାଧକ ଏକ୍ଷେତ୍ରରେ ସଫଳତା ପାଇ ନ ଥାନ୍ତି। ଖାଲି ସେତିକି ନୁହେଁ ସରସ୍ୱତୀ କଣ୍ଠରେ ବିରାଜିଲେ ଜଣେ ଉତ୍ତମ ଗାୟକ ହୋଇପାରେ ବିଶ୍ୱାସ ରହିଛି। ଏହି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ରଥ କାଠ ଅନୁକୂଳ କରାଯାଏ। ଶୀତ କମି ଯାଇଥିବାରୁ ପରମ୍ପରା ଅନୁଯାୟୀ ଏହିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ଉଲାଗି ହୋଇ ଜାମା ପରିଧାନ କରିଥାନ୍ତି।

# ଜୁଲାଇ ୧୨ରେ 'ବେଦା'



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍ ପୁଣି ଥରେ ଦମ୍ଦାର୍ ଆକ୍ସନ୍ ଅବତାରରେ ନଜର ଆସିବେ। ଗତବର୍ଷ ଜନ୍ 'ପଠାନ'ରେ ନିଜର ଦମଦାର ଅନ୍ଦାଜରେ ଦର୍ଶକଙ୍କ ମନ ଜିତିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସ୍ରେ ୧୦୦୦ କୋଟିରୁ ଅଧିକ ଆୟ କରି ଏକ ନୂଆ ରେକର୍ଡ଼ କରିଥିଲା। ଇତିମଧ୍ୟରେ ଜନ୍ ଏବେ 'ବେଦା' ଫିଲ୍ମରେ ପୁଣି ଥରେ ଧମାକା କରିବାକୁ ଯାଉଛନ୍ତି। 'ବେଦା' ଜୁଲାଇ ୧୨ରେ ମୁକ୍ତିଲାଭ କରିବ। ଇତିମଧ୍ୟରେ ଜନ୍ ଇନ୍ଷ୍ଟାଗ୍ରାମ୍ରେ 'ବେଦା'ର ଦୁଇଟି ପୋଷ୍ଟର୍ ରିଲିଜ୍ କରିଛନ୍ତି। ପ୍ରଥମ ପୋଷ୍ଟର୍ରେ ଜନ୍ ବନ୍ଧୁକ ପିଠିରେ ପକାଇଛନ୍ତି। କିନ୍ତୁ ତାଙ୍କ ଚେହେରା ସ୍ପଷ୍ଟ ଭାବେ ଦେଖାଯାଉ ନାହିଁ। ସେହିପରି ଦ୍ୱିତୀୟ ପୋଷ୍ଟରରେ ଫିଲ୍ମର ନାଁ ସହିତ ଜନ୍ ଆବ୍ରାହମ୍ ଓ ଅଭିନେତ୍ରୀ ଶରବରୀ ୱାଘ୍ ନଜର ଆସିଛନ୍ତି। ପୋଷ୍ଟର୍ରେ ଅଭିନେତାଙ୍କ ଭୟାନକ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଜୁଲାଇ ୧୨ରେ ଏହା ରିଲିଜ୍ ହେବ ବୋଲି ପୋଷ୍ଟରରେ ଉଲ୍ଲେଖ ଅଛି। ନିଖିଲ ଆଡଭାନୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଜନ୍ ଓ ଶରବରୀଙ୍କ ସହ ଅଭିଷେକ ବାନାର୍ଜୀ ଓ ତମନ୍ନା ଭାଟିଆ ଦେଖାଯିବେ।



# ଋତୁର ନାଁ ପ୍ରେମ

ପ୍ରେମର ପରିଭାଷାକୁ ପରିପ୍ରକାଶ ପାଇଁ ପାଳନ ହେଉଛି ଭାଲେଣ୍ଟାଇନ୍ସ ଡେ'। ଫେବୃୟାରୀ ୭ ରୋଜ୍ ଡେ'ରୁ ଆରମ୍ଭ ହୋଇଥିବା ସପ୍ତାହର ଅନ୍ତିମ ଦିନ ପ୍ରେମ ଦିବସ। ଦୁଇଟି ଶବ୍ଦର ଏହି ଅକ୍ଷର ଦୁଇଟି ଭିନ୍ନ ମଣିଷକୁ ଏକତ୍ର କରିଦିଏ। ଜାତି, ଧର୍ମ, ବର୍ଣ୍ଣ ସବୁରି ଉପରେ ଭଲ ପାଇବାର ପରିଭାଷା। କେବେ ଏହା ଗଗନ ପରି ଅସୀମ ତ ଆଉ କେବେ ସାଗର ପରି ଗଭୀର। ପ୍ରେମ ବିନା ଜୀବନ ରଙ୍ଗହୀନ। କେତେବେଳେ ଏହାର ଆଖିରେ ଆଖି ତ ଆଉ କେତେବେଳେ ଏହା ଇସାରାରୁ ଆରମ୍ଭ ହୋଇଥାଏ। ଯାହା ଆଗରେ ଦୁନିଆ ହାରିଯାଏ, ତାହା ପ୍ରେମ, ହାରିବା ଭିତରେ ଯେଉଁଠି ଜିତିବା ଦେଖାଯାଏ,ତାହା ପ୍ରେମ। ପ୍ରେମ ମାନବ ହୃଦୟକୁ ଭେଦାଭେଦ ଶୂନ୍ୟ କରେ, ସ୍ୱାର୍ଥ ବିବର୍ଜିତ କରେ, ଆତ୍ମ-ବିସ୍ମୃତ କରେ। ପ୍ରେମରେ ଛୋଟବଡ଼ ନାହିଁ, 'ମୁଁ' 'ତୁ' ନାହିଁ। ପ୍ରେମ ବିନା ପ୍ରକୃତ ମନୁଷ୍ୟତ୍ୱ ଅସମ୍ଭବ। ଏହି ବାର୍ତ୍ତାନେଇ ପ୍ରତିବର୍ଷ ଫେବୃଆରୀ ୧୪ ତାରିଖକୁ ପ୍ରେମୀଯୁଗଳମାନେ ଭାଲଣ୍ଟୋଇନ୍ସ ଡେ' ଭାବେ ପାଳନ କରିଥାନ୍ତି। ଇତିହାସ ହେଉ କି କିମ୍ବଦନ୍ତୀ। ସବୁଥିରେ ସ୍ୱତନ୍ତ୍ର ସ୍ଥାନ ପାଇଛି ପ୍ରେମ। କେଦାର ଗୌରୀ ହୁଅନ୍ତୁ କି ହୀର ରାଞ୍ଝା, ଲୈଲା ମଜନୁ। ଏସବୁର ଉଦାହରଣ ପ୍ରେମୀଯୁଗଳଙ୍କ ପାଇଁ ପ୍ରେରଣା। ପ୍ରେମ ହେଉଛି କମା ଶୂନ୍ୟ କବିତା। ଯାହା କେବେ ସରେନି ବରଂ ପୂରଣ କରିଚାଲେ ହୃଦୟର ଗୋଟିଏ ପରେ ଗୋଟିଏ ଫର୍ଦ୍ଦ। ଭଲ ପାଇବା ପାଇଁ ପ୍ରେମର ପରିଭାଷା ପାଇଁ ଗୋଟିଏ ଜୀବନ ବି କମ୍ ପଡିଯାଏ। ଦିନଟିଏ ତ କିଛି ବି ନୁହେଁ। ତଥାପି ହସଖୁସି ଭିତରେ ସାଥୀ ସହ ଏକାନ୍ତରେ ସମୟ ବିତାଇବା ପାଇଁ ଭାଲେଣ୍ଟାଇନ୍ସ ଡେ'ର ପରିକଳ୍ପନା। ଭାଲେଣ୍ଟାଇନ୍ସ ଡେ'ରେ କୌଣସି ଦିବସର ନାଁ ନୁହେଁ, ବରଂ ରୋମ୍ର ଜଣେ ସନ୍ଥଙ୍କ ନାମ। କ୍ଲାଉଡିୟସ୍ ଦ୍ୱିତୀୟ ନାମକ ଜଣେ ଶାସକ ରୋମ୍ ଉପରେ ରାଜୁତି କରୁଥିଲେ। ସେ ପ୍ରେମ ଓ ବିବାହକୁ ପସନ୍ଦ କରୁ ନ ଥିଲେ। ପ୍ରେମ ଓ ବିବାହ କାରଣରୁ ଯୋଦ୍ଧାମାନେ ତାଙ୍କ ଲକ୍ଷ୍ୟ ପୂରଣ କରିପାରନ୍ତି ନାହିଁ ବୋଲି ସେ ଭାବୁଥିଲେ। ଏଥିପାଇଁ ରୋମାନ୍ ସୈନ୍ୟମାନେ ପ୍ରେମ କିମ୍ବା ବିବାହ କରିପାରିବେ ନାହିଁ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। ସେହି ରାଜ୍ୟରେ ଭାଲେଣ୍ଟାଇନ୍ ନାମକ ସନ୍ଥ ରହୁଥିଲେ। ସେ ରାଜାଙ୍କ ନିର୍ଦ୍ଦେଶକୁ ବିରୋଧ କରି ପ୍ରଜା ଓ ସୈନ୍ୟମାନଙ୍କୁ ପ୍ରେମ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏପରିକି ସେ ଲୁଚିଲୁଚି ଅନେକ ବାହାଘର ମଧ୍ୟ କରାଇଥିଲେ। ଏହା ଜଣାପଡିବା ପରେ ରାଜାଙ୍କ କ୍ରୋଧର ଶିକାର ହୋଇଥିଲେ ସନ୍ଥ ଭାଲେଣ୍ଟାଇନ୍। ତାଙ୍କୁ ବନ୍ଦୀ କରାଯାଇଥିଲା। ଖ୍ରୀଷ୍ଟାବ୍ଦ ୨୬୯ରେ ଫେବୃଆରୀ ୧୪ ତାରିଖରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା। ସେହିପରି ମୃତ୍ୟୁ ପୂର୍ବରୁ ଭାଲେଣ୍ଟାଇନ୍ ରୋମାନ୍ ଜେଲର୍ ଅଷ୍ଟେରିୟସ୍ଙ୍କ ଦୃଷ୍ଟିହୀନ କନ୍ୟାଙ୍କ ଦୃଷ୍ଟିଶକ୍ତି ଫେରାଇ ଦେଇଥିଲେ। ଯେଉଁଥିପାଇଁ ସମୟକ୍ରମେ ଭାଲେଣ୍ଟାଇନ୍ ଏବଂ ଅଷ୍ଟେରିୟସ୍ଙ୍କ କନ୍ୟାଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ନିଜ ପ୍ରେମକୁ ପାଇପାରି ନ ଥିଲେ ସନ୍ଥ ଭାଲେଣ୍ଟାଇନ୍। ମୃତ୍ୟୁଦଣ୍ଡ ପୂର୍ବରୁ ସେ ନିଜ ପ୍ରେମିକାଙ୍କ ପାଖକୁ ଏକ ଚିଠି ଲେଖିଥିଲେ, ଯାହାର ଶେଷରେ ଲେଖାଥିଲା 'ଫ୍ରମ୍ ୟୋର ଭାଲେଣ୍ଟାଇନ୍'। ପ୍ରେମର ଦୂତ ଭାଲେଣ୍ଟାଇନ୍ଙ୍କ ବଳିଦାନ ଦିବସକୁ ସେବେଠାରୁ ପ୍ରେମ ଦିବସ ଭାବେ ପାଳନ କରାଯାଇ ଆସୁଛି।



# ଇନ୍ଷ୍ଟାଗ୍ରାମରେ ମେସେଜ ଲେଖିବ ଏଆଇ




ସମଗ୍ର ବିଶ୍ୱରେ ସୋସିଆଲ ମିଡିଆ ଆପ୍ ଇନ୍ଷ୍ଟାଗ୍ରାମକୁ ଲକ୍ଷ ଲକ୍ଷ ଲୋକ ବ୍ୟବହାର କରୁଛନ୍ତି। ଫଟୋ ଓ ଭିଡିଓ ସେୟାରିଂର ଏହି ପ୍ଲାଟଫର୍ମରେ ଇନ୍ଷ୍ଟାଗ୍ରାମ ୟୁଜରଙ୍କ ପାଇଁ ସର୍ବଦା କିଛି ନା କିଛି ନୂଆ ନୂଆ ଫିଚର ଲଞ୍ଚ୍ କରିଥାଏ। ଏହି କ୍ରମରେ ଏବେ ଚର୍ଚ୍ଚାରେ ରହିଛି ମେଟା ସ୍ୱାମିତ୍ୱ ଇନ୍ଷ୍ଟାଗ୍ରାମର ନୂତନ ଫିଚର। ବର୍ତ୍ତମାନ ଏହାର ବିକଶିତ ଫିଚରଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସାହାଯ୍ୟରେ ମେସେଜ ଲେଖିବାକୁ ଅନୁମତି ପ୍ରଦାନ କରିବା ସହ ଏହାର କାର୍ଯ୍ୟଦକ୍ଷତା ଉପରେ କାର୍ଯ୍ୟ କରୁଛି। ଏନେଇ ଏଲେସେଣ୍ଡ୍ରୋ ପଲୁଜି ଏକ ସ୍କ୍ରିନ୍ଶଟ୍ ସେୟାର କରିଛନ୍ତି। ଏଥିରେ ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ ମେସେଜ୍ ପଠାଇବା ସମୟରେ 'ରାଇଟ୍ ୱିଥ୍ ଏ.ଆଇ' ବିକଳ୍ପକୁ ସୂଚାଉଛି। ଯାହାକି ଆଗାମୀ ଦିନରେ ବ୍ୟବହାରକାରୀ ଏଆଇ ସହିତ ମେସେଜ ଲେଖିବାକୁ ସକ୍ଷମ ହେବେ। ଏହା ଅବିକଳ ଗୁଗଲର ମୌଜିକ୍ କମ୍ପୋଜ ପରି ମେସେଜକୁ ଭିନ୍ନ ଭିନ୍ନ ଶୈଳୀ ବାକ୍ୟାଂଶରେ ପ୍ରସ୍ତୁତ କରିଥାଏ। ମେଟା ଏଆଇ ମାଧ୍ୟମରେ ୱାନ୍ ଅନ୍ ୱାନ୍ ଚାଟ୍ କିମ୍ବା ଗ୍ରୁପ୍ ଚାଟ୍ରେ ମେସେଜ ପଠାଇପାରିବେ। କମ୍ପାନୀ ଅନୁସାରେ ବର୍ତ୍ତମାନ ଆମେରିକାରେ ଇନ୍ଷ୍ଟାଗ୍ରାମରେ ଏଆଇ ବ୍ୟବହାର କରାଯାଉଥିବାବେଳେ ଖୁବ୍ଶୀଘ୍ର ଏହା ଭାରତରେ କାର୍ଯ୍ୟକାରୀ ହେବ। ଯାହାକି ମେଟା ଏଆଇ ସହ ଇନ୍ଷ୍ଟାଗ୍ରାମ ମେସେଜିଂ ପ୍ଲାଟଫର୍ମରେ 'କ୍ରିଏଟ ଏନ୍ ଏଆଇ ଚାଟ୍' କିମ୍ବା 'ଗ୍ରୁପ ଚାର୍ଟ'ରେ ଟାଇପ୍ କରି ବ୍ୟବହାରକାରୀ ଉପକୃତ ହୋଇପାରିବେ।



# ଟକ୍ସିକ୍ ସହକର୍ମୀ

ଅଫିସ୍ରେ ସମସ୍ତଙ୍କ ସହିତ ମିଳିମିଶି କାମ କରିବା ଏକ ଭଲ ଗୁଣ। ଅଫିସ୍ରେ ପ୍ରତିଦିନ ଅନେକ ଲୋକଙ୍କ ସହିତ ଏକାଠି କାମ କରିବାକୁ ପଡୁଥିବାରୁ ଘର ପରି ଅଫିସ୍ରେ ସହକର୍ମୀଙ୍କ ସହିତ ତାଳମେଳ ରଖି କାମ କରିବାକୁ ପଡ଼ିଥାଏ। ଅଫିସ ମାହୋଲରେ କିଛି ସହକର୍ମୀ ପ୍ରୋତ୍ସାହିତ କରୁଥିବାବେଳେ ଆଉ କିଛି ସହକର୍ମୀ ଉଭୟ କାମ ଏବଂ ମାନସିକ ସ୍ତରରେ ଚିନ୍ତା ଦେଇଥାନ୍ତି। ମନ ଓ କାମକୁ ପ୍ରଭାବିତ କରୁଥିବା ଏମିତି ସହକର୍ମୀଙ୍କୁ 'ଟକ୍ସିକ ସହକର୍ମୀ' କୁହାଯାଏ। ଏମାନେ ସର୍ବଦା ଅନ୍ୟର ଭୁଲକୁ ଖୋଜନ୍ତି। କଥା କଥାରେ ନକାରାତ୍ମକ ପକ୍ଷ ରଖନ୍ତି। ଅନ୍ୟକର୍ମଚାରୀଙ୍କ ମଜାକ ଉଡ଼ାନ୍ତି। ନିଜ ସହିତ ଅନ୍ୟମାନଙ୍କୁ ମଧ୍ୟ ଏପରି ଆଚରଣ ଦେଖାଇବାକୁ ଟକ୍ସିକ ସହକର୍ମୀ ଶିକ୍ଷା ଦିଅନ୍ତି। ଅଫିସରେ ସର୍ବଦା ଗୁଜବ ପ୍ରଚାର ଏମାନଙ୍କ ପ୍ରବୃତ୍ତି। ତେଣୁ ଅନ୍ୟମାନଙ୍କ ସାମ୍ନାରେ ଜଣେ ବ୍ୟକ୍ତିଙ୍କୁ ଭୁଲ୍ ବୋଲି ପ୍ରମାଣିତ କରନ୍ତି। ଏହି ଶ୍ରେଣୀର ବ୍ୟକ୍ତି ପ୍ରତ୍ୟେକ ସହକର୍ମୀଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବି ଅନ୍ୟମାନଙ୍କ କାମରେ ବାଧା ଉପୁଜାଇଥାନ୍ତି। ଏପରିକି ଅନ୍ୟମାନଙ୍କ କାମକୁ ଚୋରି କରି ନିଜେ ଶ୍ରେୟ ନେଇଥାନ୍ତି। ଅନ୍ୟମାନଙ୍କ କାମକୁ ଅଧିକ ଗୁରୁତ୍ୱ ନଦେଇ ଏମାନେ ସର୍ବଦା ନିଜେ ସବୁକିଛି କରୁଥାନ୍ତି ବୋଲି କହିଥାନ୍ତି। ଏମାନେ ସହଯୋଗ କରିବା ବଦଳରେ ପରିସ୍ଥିତିକୁ ଜଟିଳ ବନାଇଥାନ୍ତି। ତେଣୁ ଏପରି ଲୋକଙ୍କ ସହିତ ଅଧିକ ମିଳାମିଶା ନ କରି ଆବଶ୍ୟକ ସ୍ଥଳେ ମିଶିବା ସର୍ବୋତ୍ତମ। ନିଜ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବା ସହିତ ସେମାନଙ୍କର ନକରାତ୍ମକ ଆଚରଣକୁ ଅଣଦେଖା କରିବା ସବୁଠୁ ଭଲ ଅଭ୍ୟାସ। ତେଣୁ ଅଫିସରେ କାମକୁ ସଠିକ୍ ଢଙ୍ଗରେ କରିବାକୁ ଚେଷ୍ଟା କରନ୍ତୁ। ଟକ୍ସିକ ସହକର୍ମୀଙ୍କ ବ୍ୟବହାରକୁ ଧ୍ୟାନ ନ ଦେଇ ନିଜ କାର୍ଯ୍ୟକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅଫିସର ବିଶ୍ୱସ୍ତ ସହକର୍ମୀଙ୍କୁ ପରାମର୍ଶ ନେଇ କାମ କରିପାରିବେ। କାରଣ ଟକ୍ସିକ ସହକର୍ମୀଙ୍କ ସହିତ କାମ କରିବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରି। ତେଣୁ ଏପରି ବ୍ୟକ୍ତିତ୍ୱଙ୍କ ଠାରୁ ଦୂରେଇ ରହି ସୁସ୍ଥ ବାତାବରଣରେ ନିଜ କାମରେ ଭଲ ପ୍ରଦର୍ଶନ କରିବା ସହ ସଫଳତା ପ୍ରାପ୍ତ କରିବା ବୁଦ୍ଧିମାନର କାମ।

## ସମ୍ଭାବନା



# ମତ୍ସ୍ୟ ବିଜ୍ଞାନ

**ବୃତ୍ତିଗତ ଶିକ୍ଷା**



**ପୂର୍ବରୁ ଲୋକେ ନିଜର ସଉକ ଓ ଖାଦ୍ୟ ପାଇଁ ମାଛ ଚାଷ କରୁଥିଲେ। ଏବେ କିନ୍ତୁ ଦେଶରେ ବହୁ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମତ୍ସ୍ୟ ବିଜ୍ଞାନ କ୍ଷେତ୍ର ସହ ନିର୍ଭରଶୀଳ। ଏହାକୁ ଦୃଷ୍ଟି ଦେଲେ ଭାରତ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତୀୟ ଓ ବହୁରାଷ୍ଟ୍ରୀୟ କମ୍ପାନି ମାଛ ଚାଷ କ୍ଷେତ୍ରରେ ମଧ୍ୟ ନିବେଶ କରୁଛନ୍ତି। ତେଣୁ ମତ୍ସ୍ୟବିଜ୍ଞାନ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଅନେକ ସୁଯୋଗ ରହିଥିବାରୁ ଯୁବକଯୁବତୀ ଏ କ୍ଷେତ୍ରରେ କ୍ୟାରିୟର କରି ଅଧିକରୁ ଅଧିକ ରୋଜଗାର କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।**

### ଶିକ୍ଷାଗତ ଯୋଗ୍ୟତା

ଯୁକ୍ତଦୁଇ (ଜୀବ ବିଜ୍ଞାନ) ପଢ଼ାପରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ କଲେଜରେ ବ୍ୟାଚଲର୍ ଅଫ୍ ସାଇନ୍ସ ଇନ୍ ଫିସରିଜ୍ ( ବିଏସ୍ଏଫ୍ସି) ବିଷୟ ରଖି ଚାରି ବର୍ଷିଆ ପାଠ୍ୟକ୍ରମରେ ନାଁ ଲେଖାଇପାରିବେ। ଏଥିରେ ଡିପ୍ଲୋମାଠୁ ଆରମ୍ଭ କରି ସ୍ନାତକୋତ୍ତର କରିପାରିବେ। ଏହି ଶିକ୍ଷାକ୍ରମରେ ମାଛ ଧରିବା, ମାଛ ପ୍ରକ୍ରିୟାକରଣ, ଉତ୍ପାଦନ ଓ ବିକ୍ରି ସହିତ ଜଡ଼ିତ ଅନେକ ବିଷୟରେ ଶିକ୍ଷା ପ୍ରଦାନ କରାଯାଏ। ଆଡ୍ଭାନ୍ସ ଡିପ୍ଲୋମା ଇନ୍ ଫିସିଂ ଗିୟର ଟେକ୍ନୋଲୋଜି, ବ୍ୟାଚଲର୍ ଅଫ୍ ସାଇନ୍ସ ଇନ୍ ଇଣ୍ଡଷ୍ଟ୍ରିଆଲ୍ ଫିସ୍ ଆଣ୍ଡ ଫିସ୍ରିଜ, ଏମ୍.ଏସ୍ସି ଇଣ୍ଡଷ୍ଟ୍ରିଆଲ ଫିସରିଜ, ମାଷ୍ଟର ଅଫ୍ ଫିସରିଜ ସାଇନ୍ସ, ଇକୋଲୋଜି, ଫିସିଂ ୱେସଲ ଇଂଜିନିୟରିଂ, ବ୍ୟାଚଲର୍ ଅଫ୍ ଫିସରିଜ୍ ସାଇନ୍ସ ( ନଟିକାଲ ସାଇନ୍ସ) ପ୍ରମୁଖ ପାଠ ପଢ଼ିପାରିବେ।

### ପଦବି

କୋର୍ସ ପରେ ଜଣେ ସହକାରୀ ମତ୍ସ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଉନ୍ନୟନ ଅଧିକାରୀ, ସହକାରୀ ପ୍ରଫେସର, ରିସର୍ଚ୍ଚ ଆସିଷ୍ଟାଣ୍ଟ, ପର୍ଯ୍ୟବେକ୍ଷକ, ଫିସେରି ବାୟୋଲୋଜିଷ୍ଟ, ଟେକ୍ନିସିଆନ୍ ତଥା ବାୟୋକେମିଷ୍ଟ ଆଦି ପଦପଦବିରେ ରହି କାର୍ଯ୍ୟଭାର ସମ୍ଭାଳିଥାନ୍ତି।

### କାମ କ'ଣ

ସରକାରୀ ପଦବିରେ ଥିବା କର୍ମଚାରୀ ମତ୍ସ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକୁ ଗ୍ରାମାଞ୍ଚଳର ବେକାର ଯୁବକଯୁବତୀଙ୍କ ପାଇଁ କାର୍ଯ୍ୟକାରୀ କରନ୍ତି। ବିଭିନ୍ନ ସରକାରୀ ଫାର୍ମ ଗୁଡ଼ିକରେ ମାଛ ଯାଆଁଳ ଉତ୍ପାଦନ କାର୍ଯ୍ୟ ଉପରେ କାମ କରନ୍ତି। ସେହିପରି ବେସରକାରୀ ସଂସ୍ଥାରେ କର୍ମଚାରୀ ମତ୍ସ୍ୟ ପ୍ରକ୍ରିୟାକରଣ, ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ ଓ ଚାଷ, ମତ୍ସ୍ୟ ଔଷଧକାରୀ ସଂସ୍ଥା, ମାର୍କେଟିଂ ପ୍ରବୃତ୍ତି କ୍ଷେତ୍ରରେ କାମ କରିବାର ସୁଯୋଗ ରହିଛି। ଅନ୍ୟପଟେ ଶିକ୍ଷାକ୍ଷେତ୍ରରେ ମତ୍ସ୍ୟ ଗବେଷକ ଭାବେ ଗବେଷଣା କରିବା ସହ ଅଧ୍ୟାପନା କ୍ଷେତ୍ରରେ ମଧ୍ୟ ଚାକିରିର ସୁଯୋଗ ରହିଛି।

### ରୋଜଗାର

ସ୍ନାତକ ପରେ ମାସିକ ୨୫ରୁ ୩୦ ହଜାର ଟଙ୍କା ଦରମା ମିଳିଥାଏ। ସରକାରୀ ଚାକିରିରେ ଆରମ୍ଭରୁ ୬୦ ହଜାର ଟଙ୍କା ଦରମା ମିଳେ। ସମୟକୁ ସମୟ ପଦୋନ୍ନତି ଓ ଦରମା ବୃଦ୍ଧି ହୋଇଥାଏ।

### ପ୍ରମୁଖ ସଂସ୍ଥାନ

- ଓୟୁଏଟି, ଭୁବନେଶ୍ୱର
- ସିଆଇଏଫ୍ଇ, ମୁମ୍ବାଇ
- ଆସାମ ଏଗ୍ରିକଲଚରାଲ ୟୁନିଭର୍ସିଟି, ଆସାମ
- କଲେଜ ଅଫ୍ ଫିସରିଜ୍, ଧୋଲି, ବିହାର

# ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ ଷ୍ଟାଇଲିସ୍ ପୋଷାକ

**ସ୍ମାର୍ଟ ଓ ଫିଟ୍ ରହିବାକୁ ଯୁବକମାନେ ମଧ୍ୟ ଅନେକ ଷ୍ଟାଇଲକୁ ଅନୁସରଣ କରୁଛନ୍ତି। ଷ୍ଟାଇଲିସ୍ ପୋଷାକ ସହିତ ମ୍ୟାଚିଂ ଆସେସରିଜର ବ୍ୟବହାର କରୁଛନ୍ତି। ଏହା ସେମାନଙ୍କୁ କେବଳ ଫ୍ୟାସନେବୁଲ୍ ଲୁକ୍ ଦିଏ ତାହା ନୁହେଁ, ଏଥିରୁ ସେମାନଙ୍କ ବ୍ୟକ୍ତିତ୍ୱର ପରିପ୍ରକାଶ ମଧ୍ୟ ହୋଇଥାଏ। ତେଣୁ ଫିଟ୍, ଷ୍ଟାଇଲିସ୍ ଓ ନିଜର ବ୍ୟକ୍ତିତ୍ୱ ବିକାଶ ପାଇଁ ପୁରୁଷ ଅଧିକ ଯତ୍ନଶୀଳ ରହିବା ଜରୁରି।**

- ପ୍ରଫେସନାଲ ଲୁକ୍ ପାଇବା ପାଇଁ ସଲିଡ୍ ନେକ ଟାଇ କିମ୍ବା ପ୍ୟାଟର୍ନ୍ ନେକ୍ ଟାଇ ଚୟନ କରିପାରିବେ। ପାର୍ଟି କିମ୍ବା ଫଙ୍କସନ୍ରେ ଆକର୍ଷଣୀୟ ଲୁକ୍ ପାଇବା ପାଇଁ ସିମ୍ପଲ କିମ୍ବା ୱେଷ୍ଟର୍ଣ୍ଣ ବୋ ଟାଇ ପିନ୍ଧିପାରିବେ। ସେହିପରି ସ୍କିନି ଟାଇ ପିନ୍ଧିବା ପୁରୁଷଙ୍କ ପାଇଁ ସବୁଠୁ ଭଲ।
- ଟାଇପ୍ ଅପ କୋର୍ଟ, ସ୍ଲିମ୍ ଫିଟ୍ ସିଙ୍ଗଲ ବ୍ରେଷ୍ଟେଡ ସୁଟ, ସ୍ଲିମ୍ ଫିଟ୍ ସୁଟ ଏବଂ ଫୁଲ ଶୋଲ୍ଡର ଡିଜାଇନ୍ ସହ ସ୍ଲିମ୍ କଟ ଥ୍ରିଡି ଯୁକ୍ତ କୋର୍ଟ ପ୍ୟାଣ୍ଟ ପିନ୍ଧି ପାରିବେ। କାଜୁଆଲ ବ୍ଲେଜର ଏବଂ ସ୍ଲିମ ଫିଟ ବ୍ଲେଜର ପିନ୍ଧିବା ଦ୍ୱାରା ପୁରୁଷ ଅଧିକ ସ୍ମାର୍ଟ ଦିଶିଥାନ୍ତି। ଏହାଦ୍ୱାରା ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ଯେକୌଣସି ଫଙ୍କସନ ପାଇଁ କାଜୁଆଲ ସାର୍ଟ, ଡେନିମ ସ୍କଲିମ କାଜୁଆଲ ସାର୍ଟ, ପ୍ଲେନ ଫିଟ୍ କାଜୁଆଲ ସାର୍ଟ, ସଲିଡ୍ ରେଗୁଲାର ଫିଟ୍ କାଜୁଆଲ ସାର୍ଟ ଏବଂ ନର୍ମାଲ ସୂତା ତିଆରି ପୋଷାକକୁ ପିନ୍ଧି ପାରିବେ। ନିଜକୁ ଷ୍ଟାଇଲିସ୍ ପ୍ରମାଣିତ କରିବାକୁ ପୋଷାକକୁ ସୁହାଇବା ପରି ଜୋତା, ଷ୍ଟାଇଲିସ୍ ଘଣ୍ଟା, ସନଗ୍ଲାସ୍, ୱାଲେଟ, ବେଲ୍ଟ ଆଦି ବ୍ୟବହାର କରିବା ଜରୁରି। ଏହାଦ୍ୱାରା ପୁରୁଷ ସ୍ମାର୍ଟ ଓ ଟ୍ରେଣ୍ଡି ଲାଗିଥାନ୍ତି।
- ଫର୍ମାଲ ଲୁକ୍ ପାଇଁ ବ୍ଲାକ୍ ସୁଜ୍ ଚୟନ କରନ୍ତୁ। ଅଫିସ୍ କିମ୍ବା ମିଟିଂ ଲାଗି ବ୍ଲାକ୍ ଜୋତା ପିନ୍ଧିବା ସବୁଠୁ ଭଲ।



## ଭାରତୀୟ କୁସ୍ତି ମହାସଂଘ ଉପରୁ ନିଲମ୍ବନ ଉଠିଲା

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ବିଶ୍ୱ କୁସ୍ତିର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ମଙ୍ଗଳବାର ଏକ ବଡ଼ ନିଷ୍ପତ୍ତି ନେଇଛି। ୟୁଡବ୍ଲ୍ୟୁଡବ୍ଲ୍ୟୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଉପରୁ ନିଲମ୍ବନ ଉଠାଇ ନେଇଛି। ଗତ ୯ ତାରିଖରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ସମୀକ୍ଷା କରିବା ପରେ କେତୋଟି ସର୍ତ୍ତ ରଖି ଡବ୍ଲ୍ୟୁଏଫଆଇ ଉପରୁ ଏହି ନିଲମ୍ବନ ହଟାଇଛି। ସର୍ତ୍ତ ଅନୁଯାୟୀ ଆସନ୍ତା ଜୁଲାଇ ପହିଲା ସୁଦ୍ଧା ଡବ୍ଲ୍ୟୁଏଫ୍ଆଇକୁ ପୁଣିଥରେ ସଂଘର ନିର୍ବାଚନ ଆୟୋଜନ କରିବାକୁ ହେବ। ଏଥିସହ ଆଥଲେଟ ଖାସ୍ କରି ଆନ୍ଦୋଳନ କରିଥିବା କୁସ୍ତିଯୋଦ୍ଧାମାନଙ୍କ ସହ କୌଣସି ପାତର ଅନ୍ତର ନ କରିବାକୁ ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ କୁହାଯାଇଛି। ଫଳରେ ଭାରତୀୟ କୁସ୍ତିଯୋଦ୍ଧାମାନେ ଏବେ ତ୍ରିରଙ୍ଗା ତଳେ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରେ କୌଣସି ସମସ୍ୟା ରହିବ ନାହିଁ। ଉଲ୍ଲେଖଥାଉ କି, ଗତବର୍ଷ ଅଗଷ୍ଟ ୨୩ରେ ଡବ୍ଲ୍ୟୁଏଫ୍ଆଇକୁ ନିଲମ୍ବନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ନିର୍ବାଚନ କରାଇବାରେ ବିଫଳ ହେବାରୁ ଡବ୍ଲ୍ୟୁଏଫ୍ଆଇକୁ ସାମୟିକ ଭାବେ ନିଲମ୍ବିତ କରାଯାଇଥିଲା।

## ୪୬ ପ୍ରଶିକ୍ଷକଙ୍କୁ ନେଇ ଓସିଏର କର୍ମଶାଳା

**କଟକ, ୧୩।୨ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରଶିକ୍ଷକମାନଙ୍କୁ ନେଇ ମଙ୍ଗଳବାରଠାରୁ ଏକ କର୍ମଶାଳା ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଯେଉଁଥିରେ ୪୬ଜଣ ପ୍ରଶିକ୍ଷକ ଭାଗ ନେଇଛନ୍ତି। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି କର୍ମଶାଳା ୧୬ ତାରିଖରେ ଉଦଯାପିତ ହେବ। ଏଠାରୁ ପ୍ରଶିକ୍ଷଣ ହାସଲ କରିବା ପରେ ପ୍ରଶିକ୍ଷାର୍ଥିମାନଙ୍କୁ ବିଭିନ୍ନ ଜିଲ୍ଲା ଦଳ, ଓସିଏର ଅନୁବନ୍ଧିତ ୟୁନିଟ ଗୁଡିକରେ ନିଯୁକ୍ତ କରାଯିବ। ବରିଷ୍ଠ ପ୍ରଶିକ୍ଷକ ସୌରଭ ସେହଗଲ, ପ୍ରଭାତ ନାୟକ, ପ୍ରୀତମଜିତ ଦାସ, କେ.ଭି ପ୍ରସାଦ ପ୍ରମୁଖ ଏହି କର୍ମଶାଳା ପରିଚାଳନା କରୁଛନ୍ତି।



## ନେଦରଲାଣ୍ଡସର ୪ର୍ଥ, ଅଷ୍ଟ୍ରେଲିଆ ୨ୟ ବିଜୟ

**ଭୁବନେଶ୍ୱର, ୧୩।୨ (ସମିସ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ରେ ମଙ୍ଗଳବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ବିଜୟ ହାସଲ କରିଛନ୍ତି। ବିଶ୍ୱ ମାନ୍ୟତାର ଏକ ନମ୍ବର ଦଳ ନେଦରଲାଣ୍ଡସର ଏହା ୪ର୍ଥ ଓ ଅଷ୍ଟ୍ରେଲିଆର କ୍ରମାଗତ ୨ୟ ବିଜୟ ଥିଲା। ଘରୋଇ ଭାରତୀୟ ପୁରୁଷ ହକି ଦଳ ଗୁରୁବାର ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

ମଙ୍ଗଳବାର ରାତିରେ ନେଦରଲାଣ୍ଡସ ଓ ସ୍ପେନ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ପ୍ରଥମ ଦୁଇ କ୍ୱାର୍ଟରରେ ଗୋଟିଏ ଲେଖାଏ ଗୋଲ୍ ଦେଇ ନେଦରଲାଣ୍ଡସ ପ୍ରଥମ ୩୦ ମିନିଟ୍ ସୁଦ୍ଧା ୨-୦ରେ ଅଗ୍ରଣୀ ହାସଲ କରିଥିଲା। ୧୫ତମ ମିନିଟ୍‌ରେ ଜିପ୍ ଜନସେନ ପ୍ରଥମ ଗୋଲଟି ଦେଇଥିଲେ। ଏହାପରେ ଡୁକୋ ତେଲଜେଙ୍କାମ୍ପ ୨୬ତମ ମିନିଟ୍‌ରେ ନେଦରଲାଣ୍ଡସ ପାଇଁ ୨ୟ ଗୋଲଟି କରିଥିଲେ। ତୃତୀୟ କ୍ୱାର୍ଟର କିନ୍ତୁ ଗୋଲଶୂନ୍ୟ ରହିଥିଲା। ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଜନସେନଙ୍କ ଷ୍ଟିକରୁ ବ୍ୟକ୍ତିଗତ ୨ୟ ଓ ଦଳ ପାଇଁ ୩ୟ ଗୋଲଟି ବାହାରିଥିଲା। ଫଳରେ ନେଦରଲାଣ୍ଡସ ଦଳ ୩-୦ରେ ଜିତି ୩ ପଏଣ୍ଟ ହାତେଇ ନେଇଥିଲା। ୬୦ ମିନିଟ୍‌ର ଖେଳରେ ନେଦରଲାଣ୍ଡସକୁ ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଯେଉଁଥିରୁ ଜନସେନ ୨ଥର ସଫଳତାର ସହ ଗୋଲରେ ରୂପାନ୍ତରିତ କରିଥିଲେ। ତେବେ ସ୍ପେନ ଦଳ ଗୋଟିଏ ହେଲେ ପେନାଲ୍ଟି କର୍ଣ୍ଣର ପାଇ ନ ଥିଲା। ଓଭରଅଲ୍ ସ୍ପେନ ବିପକ୍ଷରେ ନେଦରଲାଣ୍ଡସର ଏହା ୬୨ତମ ମ୍ୟାଚରୁ ୪୦ତମ ବିଜୟ ଥିଲା। ଏଥିସହ ନେଦରଲାଣ୍ଡସ ୭ ମ୍ୟାଚରୁ ୧୫ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସ୍ପେନର ଏହା ୩ୟ ମ୍ୟାଚରୁ ୩ୟ ପରାଜୟ ଥିଲା।

**ମହିଳା ପ୍ରୋ ଲିଗ୍: ଆଜିର ମ୍ୟାଚ୍**

**ଅଷ୍ଟ୍ରେଲିଆ- ଚୀନ :** ସନ୍ଧ୍ୟା ୫.୩୦
**ଭାରତ-ନେଦରଲାଣ୍ଡସ :** ରାତି ୭.୩୦
**ସ୍ଥାନ:ବିର୍ସାମୁଣ୍ଡା ଷ୍ଟାଡିୟମ, ରାଉରକେଲା**

### ୫-୦ରେ ହାରିଲା ଆୟର୍ଲାଣ୍ଡ

ଚଳିତ ପ୍ରୋ ଲିଗରେ ଅଷ୍ଟ୍ରେଲିଆ ପୁରୁଷ ଦଳ ଏହାର ବିଜୟ ଧାରା ଜାରି ରଖିବାରେ ସଫଳ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ୫-୦ ଗୋଲରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ବିଜୟୀ ଦଳର କି ୱିଲୋଟ ୨ଟି ଏବଂ ଟମ୍ କ୍ରେଗ୍, ଜେରେମୀ ହେୱାର୍ଡ ଓ ନାଥନ ଏଫ୍ରମ୍ସଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦ୍ୱିତୀୟ ମ୍ୟାଚରୁ ୨ୟ ବିଜୟ ସହ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ପୂର୍ବରୁ ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚ୍‌ରେ ୪-୩ ଗୋଲରେ ସ୍ପେନକୁ ହରାଇ ଅଭିଯାନ ଆରମ୍ଭ କରିଥିଲା।

## ପଦାର୍ପଣ କରିବେ ସର୍ଫରାଜ ଖାନ୍

**ରାଜକୋଟ, ୧୩।୨(ଏଜେନ୍ସି)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟ ମ୍ୟାଚ୍ ଆଉ ଗୋଟିଏ ଦିନ ପରେ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ଏଠାରେ ପହଞ୍ଚିବା ସହ ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଇଂଲଣ୍ଡ ଦଳ ପ୍ରଥମେ ଅଭ୍ୟାସ କରିବାକୁ ଆସିଥିଲା। କିନ୍ତୁ ଏମାନେ ଯେପରି ଅଭ୍ୟାସ କରିଥିଲେ, ସେଥିରେ କେବଳ ଆକ୍ରମଣାତ୍ମକ ଖେଳ ଖେଳିବେ ବୋଲି ଜଣାଯାଇଥିଲା। ଅନ୍ୟ ପକ୍ଷରେ ଭାରତୀୟ ଦଳ ପାରମ୍ପରିକ ଭାବେ ଅଭ୍ୟାସ କରିଥିଲେ। ଏଭଳି ସମୟରେ ଦୁଇ ନବାଗତ ଖେଳାଳିଙ୍କ ଟେଷ୍ଟ ପଦାର୍ପଣ ନେଇ ଜୋରଦାର ଚର୍ଚ୍ଚା ହେଉଛି। ବିରାଟ କୋହଲିଙ୍କ ଅନୁପସ୍ଥିତି, ଲୋକେଶ ରାହୁଲ ଓ ଶ୍ରେୟାସ ଆୟରଙ୍କୁ ବାଦ୍ ଦେବା ପରେ ଭାରତୀୟ ମିଡଲ ଅର୍ଡର ଦୁର୍ବଳ ହୋଇପଡ଼ିଛି। ଏଣୁ ମୁମ୍ବଇ ପକ୍ଷରୁ ଖେଳୁଥିବା ସର୍ଫରାଜ ଖାନ୍ ଏଠାରେ ଟେଷ୍ଟ ପଦାର୍ପଣ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଏଠାରେ ସେ ମଧ୍ୟ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ। ୱିକେଟ ପଛରେ ମଧ୍ୟ ଆଉ ଜଣେ ନବାଗତ ଖେଳାଳି ଧ୍ରୁବ ଜୁରେଲ ଅଧିକ ସମୟ ଅଭ୍ୟାସ କରିବାର ଦେଖାଯାଇଥିଲା। ଯାହା ଫଳରେ ଏମାନଙ୍କ ପଦାର୍ପଣ ଆଶା ଦୃଢ଼ୀଭୂତ ହୋଇଛି। ସେହିପରି ଅଧିନାୟକ ରୋହିତ ଶର୍ମା ଉଭୟ ନେତୃତ୍ୱ ନେବା ଓ ବ୍ୟାଟିଂରେ ଫେଲ ମାରିଛନ୍ତି। ତାଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ରହିଛି। ଏହାକୁ ନେଇ ସେ ଚାପରେ ରହିଛନ୍ତି। କୋହଲିଙ୍କ ଅନୁପସ୍ଥିତିରେ ଭାରତର ସମୀକରଣ ବିଗିଡ଼ିଯାଇଛି। ସେହିପରି ମ୍ୟାଚ୍ ଆରମ୍ଭ ହେବାକୁ ଆଉ ଗୋଟିଏ ଦିନ ବାକିଥିଲେ ମଧ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଏଯାଏ ରାଜକୋଟରେ ଦଳ ସହ ଯୋଗ ଦେଇ ନାହାନ୍ତି। ଏହାକୁ ନେଇ କେତେକ ସନ୍ଦେହ ପ୍ରକଟ କରୁଥିଲେ ମଧ୍ୟ ସେ ଠିକ୍ ସମୟରେ ଆସି ଦଳ ସହ ଯୋଗଦେବେ ବୋଲି କୁହାଯାଉଛି। ରାଜକୋଟର ପିଚ ସର୍ବଦା ବ୍ୟାଟର ଓ ସ୍ପିନରଙ୍କୁ ସୁହାଇଥାଏ। ଏଭଳି ସ୍ଥିତିରେ ଇଂଲଣ୍ଡ ପୁଣିଥରେ ୪ଜଣ ସ୍ପିନରଙ୍କୁ ନେଇ ଖେଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

**ଭାରତ-ଇଂଲଣ୍ଡ ତୃତୀୟ ଟେଷ୍ଟ**



## ବୟୋଜ୍ୟେଷ୍ଠ କ୍ରିକେଟରଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ପୂର୍ବତନ ଅଧିନାୟକ ତଥା ଭାରତର ବୟୋଜ୍ୟେଷ୍ଠ କ୍ରିକେଟର ଭାବେ ପରିଚିତ ଦତ୍ତାଜୀରାଓ ଗାଏକ୍ୱାଡ ୯୫ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଟୁଇଟ୍ କରି ଏ ନେଇ ସୂଚନା ଦେଇଛନ୍ତି। ୯୫ ବର୍ଷ ୧୦୯ ଦିନ ବୟସରେ ତାଙ୍କର ଦେହାନ୍ତ ହୋଇଛି। ୨୦୧୬ରେ ଦତ୍ତାଜୀରାଓ ଦେଶର ସବୁଠାରୁ ବୟସ୍କ କ୍ରିକେଟର ବିବେଚିତ ହୋଇଥିଲେ। ତାଙ୍କ ପୂର୍ବରୁ ଦୀପକ ଶୋଧନ ଭାରତର ସବୁଠାରୁ ବୟସ୍କ କ୍ରିକେଟର ଭାବେ ପରିଚତ ଥିଲେ। ତେବେ ସେ ୮୭ ବର୍ଷରେ ଅହମ୍ମଦାବାଦ୍‌ରେ ପରଲୋକଗମନ କରିଥିଲେ। ଭାରତର ଅନ୍ୟତମ ଖେଳାଳି ତଥା ଚୟନକର୍ତ୍ତା ଅଂଶୁମାନ ଗାଏକ୍ୱାଡଙ୍କ ପିତା ଦତ୍ତାଜୀରାଓ ୧୯୫୨ ଓ ୧୯୬୧ ମଧ୍ୟରେ ୧୧ଟି ଟେଷ୍ଟ ଖେଳିଥିଲେ। ସେ ୧୮.୪୨ ହାରରେ ୩୫୦ ଟେଷ୍ଟ ରନ ସଂଗ୍ରହ କରିଥିଲେ। ୧୯୫୯ରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ବ୍ୟକ୍ତିଗତ ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ୧୯୫୯ରେ ଇଂଲଣ୍ଡ ଗସ୍ତରେ ସେ ଭାରତର ନେତୃତ୍ୱ ନେଇଥିଲେ। ଡାହାଣହାତୀ ବ୍ୟାଟିଂ କରୁଥିବା ଦତ୍ତାଜୀରାଓ ୧୯୫୨ରେ ଲିଡ୍ସରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିଲେ। ୧୯୬୧ରେ ସେ କ୍ୟାରିୟରର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର